

# ଗୀତା ପରିଚୟ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ତ୍ରୈଶୂଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 45 ପ୍ରଥମ ମୁଦ୍ରଣ : March 2023

ସଂଖ୍ୟା : 1000 ମୂଲ୍ୟ : 70/-

# ଯୋଗୀଶ୍ୱରଙ୍କ ଗ୍ରନ୍ଥାବଳୀ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱର ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ× ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ କ୍ରୈସ୍ତବ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କଦ୍ମା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଂଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତଂ
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ଶୁନ
୧୦୫. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଗୁର୍ତିଁମ୍ପବଡନିବାଡୁ ଗୁରବୁ
୨. ପୁଟିନରୋଜୁ ଏବରିକି ରାଦୁ
୩. ଦ୍ୱିତୀୟୁଡୁ-ଅଦ୍ୱିତୀୟୁଡୁ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍
୫. ମାୟକୁଡୁ-ଅମାୟକୁଡୁ
୬. ତଲ୍ଲି ତଣ୍ଡ୍ରି-ଗୁରୁ ଦୈବମୁ
୭. ଗୁରୁବୁଲେନି ବିଦ୍ୟା ଗୁଡ୍ଡିବିଦ୍ୟା
୮. ମତମୁଲଲୋ ପବିତ୍ରଯୁଦ୍ଧମୁ
୯. ପ୍ରପଂଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶଂ ମୋସଂ-ଦେହଂ ମୋହଂ
୧୧. ଏଦମିଦା ମୁଦ୍ରା-ତଲ୍ଲିତଣ୍ଡ୍ରି ଗୁର୍ତୁ
୧୨. ମୁଡୁ ପୁଟକାଲୁ-ରେଣ୍ଡୁ ଜାଗାଲୁ
୧୩. ଯୋଗୀଶ୍ୱରୁଲ ଜନ୍ମଦିନ ସଂଦେଶମ୍
୧୪. ତେଲୁଗୁଲୋ ମୁଡୁ-ଆରୁ-ତୁମ୍ମିଦି
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬-ବାୟିଟି ସମାଜମ୍-ଲୋପଲି ସମାଜମ୍
୧୭. ଦେଉନି ଜ୍ଞାନଂ-ମାୟା ମାହାତ୍ମ୍ୟମ୍
୧୮. ମୁଡୁ ନିର୍ମାଣାଲୁ-ଓକ ପରିଶୁଭ୍ରତା
୧୯. ସହଜ ମରଣମ୍-ତାତ୍କାଳିକ ମରଣମ୍
୨୦. ମେଘଂ ଓକ ଭୂତଂ-ରୋଗଂ ଓକ ଭୁତଂ
୨୧. କର୍ମ ଲେନି କୃଷ୍ଣୁଡୁ-କର୍ମ ଉନ୍ନା କୃଷ୍ଣୁଡୁ
୨୨. ସ୍ୱାର୍ଥ ରାଜକୀୟଂ (ସ୍ୱ+ଅର୍ଥ ରାଜକୀୟଂ)
୨୩. ଶ୍ରୀକୃଷ୍ଣୁଡୁ ଚନିପୋୟାଡା ? ଗ୍ରମ୍ପବଡ୍ଡାଡା ?
୨୪. ଅନ୍ତିମ ଗ୍ରନ୍ଥମୁଲୋ ପ୍ରଥମ ବାକ୍ୟମୁଲୁ
୨୫. ଇଚ୍ଛାଧିନକାର୍ୟମୁଲୁ-ଅନ୍ନିଚ୍ଛାଧିନ କାର୍ୟମୁଲୁ
୨୬. ଟକ୍କୁଟମାରା,ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮-ତାତା
୨୯. ତଲ୍ଲି , ୩୦-ଭୟଂ
୩୧. ଆତ୍ମାପନି ୩୨-ବଛତଲା
୩୩. ୟାଦବ୍, ୩୪-ଜ୍ଞାନଶକ୍ତି
୩୫. ସମାଧି , ୩୬-୬-୩=୬
୩୭. ସନ୍ତକମ୍ , ୩୮-ପ୍ରଭୂ-ପ୍ରଜା
୩୯. ତ୍ରୈତଶକମ୍, ୪୦. ତୋଲେବାଡୁ
୪୧. ତଲ୍ଲି ତଣ୍ଡ୍ରି, ୪୨. ନଟିଂଚେ ଆତ୍ମା
୪୩. ସଂଚିତ କର୍ମ, ୪୪. ଗୁରୁ ଚିହ୍ନଂ
୪୫. ଆସ୍ତି- ଦୋସ୍ତି, ୪୬. ବେଲୁଗୁବଂଟୁ
୪୭. ଧର୍ମଚକ୍ରଂ, ୪୮. ଦୈବଗ୍ରନ୍ଥମୁ
୪୯. ଭକ୍ତି-ଶ୍ରଦ୍ଧାଲୁ
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷମୁ, ୫୨. ଗ୍ରହୀତଶକ୍ତି
୫୩. ଆଡିଂଚେ ଆତ୍ମା
୫୪. ଏଦି ଶାସ୍ତ୍ରମୁ ?, ୫୫. ଭଗବନ୍ତୁଡୁ
୫୬. ଏଦି ଧର୍ମମୁ ?, ୫୭. ଗୁରୁ ପୌର୍ଣ୍ଣମୀ
୫୮. ଶ୍ରୀକୃଷ୍ଣାଷ୍ଟମୀ, ୫୯. ଗୋରୁ - ଗୁରୁ
୬୦. ଦଶ- ଦିଶାଲୁ, ୬୧. ମାଟା-ମନ୍ଦୁ
୬୨. ସୃଷ୍ଟି - ସୃଷ୍ଟିକର୍ତା
୬୩. କଲିଯୁଗମୁ, ୬୪. ସେବା ଶାତମୁ
୬୫. ପ୍ରକୃତି-ବିକୃତି, ୬୬. ପୈତ୍ୟଂ-ସୈତ୍ୟଂ
୬୭. ନୈଜଂ-ସହଜଂ, ୬୮. ଭକ୍ତି-ଭୟମୁ
୬୯. ସାମ୍ପ୍ରଦାୟମୁ, ୭୦. ଅଦୁରୁ-ବେଦୁରୁ
୭୧. ନି ବେନୁକାବାଡୁ, ୭୨. ଶବମୁ-ଶିବମୁ
୭୩. ଶୈବମୁ-ବୈଷ୍ଣବମୁ,
୭୪. ଧର୍ମମୁ-ଅଧର୍ମମୁ
୭୫. ଦ୍ରାବିଡୁଲୁ-ଆର୍ୟୁଲୁ
୭୬. କାୟି-ପଣ୍ଡୁ-କାୟି, ୭୭. ଯୁଗମୁ-ଯୋଗମୁ
୭୮. ଦେଉନିକି ମତମୁନ୍ନାଦା ?
୭୯. କର୍ମ ମର୍ମମୁ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଶୈଶ୍ୱଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୮୦. ପୁଟ୍ଟୁଟା-ଗିଟ୍ଟୁଟା, ୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା, ୮୩. ନିଦର୍ଶ-ନିରୂପ
୮୪. ଗୁରୁବୁ ଏବରୁ ?, ୮୫. ତ୍ରୈତ ସିଦ୍ଧାନ୍ତମୁ
୮୬. ସ୍ତ୍ରୀ/ ପୁଂ - ଲିଙ୍ଗମୁ, ୮୭. ଜୀର୍ଣ୍ଣ+ଆଶୟମୁ
୮୮. ଶ୍ରୀକୃଷ୍ଣୁଡୁ ଏବରୁ ?
୮୯. ଆଟା-ଦୋବୁଚଲାଟା
୯୦. ପ୍ରଜାଲୁ-ମାନବୁଲୁ
୯୧. ଦନ୍ତମୁ-ଅନ୍ତମୁ, ୯୨. ମତମୁ-ପଥମୁ
୯୩. ଏଡୁ ଆକାଶମୁଲୁ, ୯୪. ଅର୍ଥମୁ-ଅପାର୍ଥମୁ
୯୫. ମୁଡୁ ଗ୍ରନ୍ଥମୁଲୁ, ୯୬. ଗ୍ରନ୍ଥମୁ-ବୋଧା
୯୭. ପ୍ରଭୂବୁ-ପ୍ରଭୁତ୍ୱଂ
୯୮. ଜ୍ଞାନମୁ-ବିଜ୍ଞାନମୁ
୯୯. ବାର-ମାସ-ବତ୍ସର
୧୦୦. ଭୂତଂ-ମହାଭୂତଂ
୧୦୧. ସେକୁବଲି-କୁଲିସେବା
୧୦୨. ଆତ୍ମାକୁ ବେଂଟ୍ରକୁଲୁ ଗୁର୍ତୁ
୧୦୩. କୋଡିପୁଞ୍ଜୁ-ପାଦରସମ୍
୧୦୪. ଇନ୍ଦୁ ମହାସମୂଦ୍ରମୁ
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନାଲୁ
୧୦୭. ପୁସ୍ତକମୁ-ଗ୍ରନ୍ଥମୁ
୧୦୮. ହରିକାଲୁ-ହରିଚେୟି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. କ୍ଷମିଂଚରାନି ପାପମୁ
୧୧୨. ମରଣମୁ -ଶରୀରମୁ
୧୧୩. ଦିବ୍ୟ ଖୁରାନ୍-ହଦୀସୁ
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖମୁ-ଆନନ୍ଦମୁ
୧୧୬. କାଲଜ୍ଞାନ ବାକ୍ୟମୁଲୁ
୧୧୭. ଭୌତିକମୁ-ଅଭୌତିକମୁ
୧୧୮. ଦେଉନି ଆଜ୍ଞା-ମରଣମୁ
୧୧୯. ଜ୍ଞାନମୁ ଦଗ୍‌ଗରା ଜାଗ୍ରତା
୧୨୦. ଚନ୍ଦ୍ରାକାରମୁ(ବଟ୍ଟତଲା)
୧୨୧. ଜ୍ଞାନମୁ କବ୍ଚା ଆଇନ୍ଦି !
୧୨୨. ଦେଉଡୁ-ଇଦ୍ଦରା ! ଓକରା ! !
୧୨୩. ମତ ସାମରସଂ
୧୨୪. ମୋକ୍ଷମୁ-ମୋସମୁ
୧୨୫. ଅକ୍ଷର ଜ୍ଞାନମୁ
୧୨୬. ଲାଲା ଜଲମୁ
୧୨୭. ଦୈବ ଧର୍ମମୁଲୁ-ମତ ସାମ୍ପ୍ରଦାୟଲୁ
୧୨୮. ଆହାରମୁ ନିକା ! ନି ଆତ୍ମାକା !
୧୨୯. ମାତ୍ରା-ମନ୍ଦୁ
୧୩୦. କାଲଚକ୍ରଂ
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତମ-ଶ୍ରୀରାମ
୧୩୬. ଦେଉନିକି ଓକଡେ କୁମାରୁଡୁ-ଦେଉନିକି ଅନେକମନ୍ଦି କୁମାରୁଲୁ
୧୩୭. ଜଲଂ,୧୩୮- ଅଧିପତି
୧୩୯. ଗ୍ରହାନ୍ତର ବାସୁଲୁ
୧୪୦. ଦେଉଡୁ ଦ୍ୱିତୀୟୁଡା ? ଅଦ୍ୱିତିୟୁଡା ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନଲୁ-ଜବାବୁଲୁ
୧୪୨. ଗଶରୀରମୁଲୋ ରକ୍ତମୁ-ଗ୍ରନ୍ଥମୁଲୋ ଜ୍ଞାନମୁ

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ଏସ୍. ବିଶ୍ୱେଶ୍ୱର ରାଓ:9437527499.

୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.

୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ରଘୁନାଥ ମାନସିଂହ : 6371487960.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8248683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିହାଂଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାଗ୍ରର ଏବଂ ପରମାତ୍ମା ସମାଗ୍ରର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଭାବରେ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଲବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଳ୍ୟ ସୃଷ୍ଟି କରୁଛି । ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚାଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହି ନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଗଲାପରେ ତାହା ଦୈବଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣା ପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣି ପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ଼୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦ୍ରପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ ପ୍ରଥମ ଦୈବଗ୍ରନ୍ଥ ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଲୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଚାଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୨୫୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ                                    ପାଠକରାନ୍ତୁ

# ଶ୍ରୀକୃଷ୍ଣ ଈଶ୍ୱର (ପରମାତ୍ମା) ? କି ଭଗବାନ ?

ଏହି ଗ୍ରନ୍ଥ ଦ୍ୱାରା କୃଷ୍ଣ କହିଲେ କଅଣ ଏବଂ କିଏ ବୋଲି ଜଣାପଡିଥାଏ । ଈଶ୍ୱର ମାନବରୂପ ଧାରଣ କରିଥାନ୍ତି କହିବାକୁ ଏହା ଏକ ନିଦର୍ଶନ । ଏହା ଦ୍ୱାରା କେତେ ମହାନ ଜ୍ଞାନ ଜଣାପଡିବା ସହିତ, ଏପର୍ଯ୍ୟନ୍ତ ଜଣା ନଥିବା ଅନେକ ଆଧ୍ୟାତ୍ମିକ ରହସ୍ୟ ଜଣାପଡିଥାଏ । ଏହି ଜ୍ଞାନ ଦ୍ୱାରା ଈଶ୍ୱର ଅଲଗା, ଭଗବାନ ଅଲଗା ବୋଲି ଜଣାପଡିଥାଏ । କୃଷ୍ଣ ମଣିଷ ହେଲେହେଁ ତାଙ୍କ ମରଣରେ ଘଟିଥିବା ରହସ୍ୟ ଏପର୍ଯ୍ୟନ୍ତ କାହାକୁ ମଧ୍ୟ ଜଣା ନାହିଁ । କୃଷ୍ଣଙ୍କ ମରଣ ରହସ୍ୟ ଏହି ଗ୍ରନ୍ଥ ଦ୍ୱାରା ଜାଣି ପାରିଲେ ଭୂପୃଷ୍ଠରେ କୌଣସି ମତଭେଦ ରହିବ ନାହିଁ, ମତକଳହ ରହିବ ନାହିଁ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ପ୍ରଥମ ପରିଚୟ

ପୂର୍ବ କାଳରେ ସମସ୍ତ ମତ (ଧର୍ମ) ଠାରୁ ପ୍ରଥମେ ଜନ୍ମ ହୋଇଥିବା, ସମସ୍ତ ମତଠାରୁ ବଡ ହୋଇଥିବା ଇନ୍ଦୁମତ (ହିନ୍ଦୁଧର୍ମ) ମହାନ ବୋଲି କହିବାରେ କୌଣସି ସନ୍ଦେହ ନାହିଁ । କୃତ୍ (ସତ୍ୟ) ଯୁଗଠାରୁ ଇନ୍ଦୁମତ ରହିଆସିଛି । ପୂର୍ବେ କୌଣସି ମତ ନଥିବା କାଳରେ ଇନ୍ଦୁମତ ବିଶ୍ୱବ୍ୟାପ୍ତ ଭାବରେ ଥିଲା । ଦୁନିଆରେ ପ୍ରଥମ ଦେବାଳୟ ଭାବରେ ଆକାର ନଥିବା ଗୋଲାକାରକୁ ଦୈବ ଭାବରେ ପ୍ରତିଷ୍ଠା କରି ଉପାସନା କରାଯାଇଥିଲା । ଦୁନିଆର ପ୍ରଥମ ବାଣୀ ହେଉଛି ଭଗବଦ୍ଗୀତାର ସାରାଂଶ । ଭଗବଦ୍ଗୀତା ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିବା ବ୍ୟତୀତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ସୂର୍ଯ୍ୟଙ୍କୁ କହିଥିଲେ । ଗୀତା ସୃଷ୍ଟ୍ୟାଦିରେ କୁହାଯିବା ବେଳେ ଇନ୍ଦୁଧର୍ମ ମଧ୍ୟ ସୃଷ୍ଟ୍ୟାଦିରୁ ରହିଛି ବୋଲି କହିପାରିବା । କାଳକ୍ରମେ ଇନ୍ଦୁଧର୍ମ ଅନେକ ମତ ଭାବରେ ବିଭାଜିତ ହୋଇଯାଇଛି । ଇନ୍ଦୁଧର୍ମ କହିଲେ ଯାହା ଦୈବି ବିଷୟକୁ ଜଣାଏ । ଇନ୍ଦୁ କହିଲେ ଦୈବଜ୍ଞାନ । ସେହି ଅନୁସାରେ ଆଜି କ୍ରୈସ୍ତବ, ଇସ୍ଲାମ୍ ମତ (ଧର୍ମ) ଥିଲେ ମଧ୍ୟ ସେଗୁଡିକ ସୃଷ୍ଟିସ୍ରଷ୍ଟା ଦୈବ ବା ଈଶ୍ୱରଙ୍କ ବାବଦରେ ଜଣାଉଥିବାରୁ ସେହି ମତଗୁଡିକୁ ମଧ୍ୟ ଇନ୍ଦୁମତ ବୋଲି ଅନ୍ତର୍ଭାଗରେ କହିପାରିବା । ସେହିଭଳି କ୍ରୈସ୍ତବ, ଇସ୍ଲାମ୍ ମତର ବାଣୀଗୁଡିକ ମଧ୍ୟ ରୂପ, ନାମ ନଥିବା ସର୍ବବ୍ୟାପୀ ଈଶ୍ୱରଙ୍କ ବିଷୟରେ ଜଣାଉଥିବାରୁ ସେଗୁଡିକ ମଧ୍ୟ ଗୀତାର ଅନ୍ତର୍ଭାଗ ବୋଲି କହିପାରିବା ।

ଅନ୍ୟ ମତଗୁଡିକର ଅର୍ଥ ଏବଂ ଉପାସନା ଜ୍ଞାନ ହୋଇ ଭଗବଦ୍ଗୀତା ରହିଛି । ପ୍ରତ୍ୟେକ ମତର ସାରାଂଶ ଇନ୍ଦୁମତରେ ରହିଥିବା ବେଳେ, ପ୍ରତ୍ୟେକ ମତର ଜ୍ଞାନ ଭଗବଦ୍ଗୀତାରେ ରହିଛି । ସର୍ବ ସମ୍ମତ ଜ୍ଞାନ ରହିଥିବା ଗୀତା ଆଜି ଇନ୍ଦୁମତରେ ଥିଲେ ମଧ୍ୟ ଜ୍ଞାନ ଜଣା ନଥିବା ପ୍ରଜାମାନେ ନିଜ ମତର ଔନ୍ନତ୍ୟତାକୁ ନଜାଣି ସେମାନଙ୍କର ମତ ନାମକୁ ଭୂଲିଯାଇ ଶେଷରେ ହିନ୍ଦୁ ହୋଇଯାଇଛନ୍ତି । ହିନ୍ଦୁମତ ଇନ୍ଦୁଧର୍ମର ଅଂଶ ହେଲେ ମଧ୍ୟ ଆଜି

ସବୁମତଠାରୁ ପଛରେ ରହିଯାଇଛି, ଜ୍ଞାନହୀନ ହୋଇଯାଇଥିବା କାରଣରୁ ହିନ୍ଦୁମତ କ୍ଷୀଣ ହେବାକୁ ଲାଗିଛି । ଆଜି ଭାରତର ଅନେକ ହିନ୍ଦୁ କ୍ରୈସ୍ତବ, ମୁସ୍ଲିମ୍ ମତକୁ ଚଳିଯାଉଛନ୍ତି ବୋଲି କେହି ଅସ୍ୱୀକାର କରି ପାରିବେ ନାହିଁ । ଦିନେ ଦୈବମାର୍ଗରେ ସମସ୍ତଙ୍କର ମାର୍ଗଦର୍ଶକ ହୋଇଥିବା ଇନ୍ଦୁମତ ଆଜି ହିନ୍ଦୁମତ ହୋଇ ଜ୍ଞାନ ମାର୍ଗରେ ସବୁଠାରୁ ପଛରେ ପଡିଯାଇଛି । ହିନ୍ଦୁମତର ଗୁରୁମାନଙ୍କ ମଧ୍ୟରେ ଏକତା ନ ଥିବାରୁ ଭଗବଦ୍ଗୀତାର ଅଭିପ୍ରାୟ ଛିନ୍ନ ଭିନ୍ନ ହୋଇଯାଇଛି । ହିନ୍ଦୁମତର ପ୍ରଜାମାନଙ୍କୁ ଭଗବଦ୍ଗୀତା କ'ଣ, ସେମାନଙ୍କର ମୂଳ ମତଗ୍ରନ୍ଥ କ'ଣ ବୁଝା ନପଡି, ଗୀତାକୁ ଛାଡି ରାମାୟଣ, ମହାଭାରତକୁ ଆଶ୍ରୟ କରିବା ଦ୍ୱାରା ହିନ୍ଦୁମତ ଆଜି ଲୋପ ପାଇବାକୁ ବସିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଖ୍ରୀଷ୍ଟିଆନ୍‌ମାନଙ୍କୁ ଆମେ କ୍ରୈସ୍ତବ (ଖ୍ରୀଷ୍ଟିଆନ) ବୋଲି ଜଣାଅଛି, ସେମାନଙ୍କୁ ସେମାନଙ୍କର ମୂଳଗ୍ରନ୍ଥ **ପବିତ୍ର ବାଇବେଲ୍** ବୋଲି ମଧ୍ୟ ଜଣାଅଛି । ମହମ୍ମଦୀୟମାନଙ୍କୁ ଆମେ ମୁସ୍ଲିମ୍ ବୋଲି ଜଣାଅଛି, ସେମାନଙ୍କ ମୂଳଗ୍ରନ୍ଥ **ପବିତ୍ର କୋରାନ୍** ବୋଲି ମଧ୍ୟ ସେମାନେ ଜାଣିଛନ୍ତି, ହେଲେ ହିନ୍ଦୁ ମତରେ ମାତ୍ର କେଇଜଣଙ୍କୁ ବାଦ୍‌ଦେଲେ ଅନେକଙ୍କୁ ସେମାନଙ୍କ ମତ କ'ଣ ଜଣା ନାହି, ସେମାନଙ୍କ ମୂଳଗ୍ରନ୍ଥ **ଭଗବଦ୍ଗୀତା** ବୋଲି ମଧ୍ୟ ଜଣା ନାହିଁ । କ୍ରୈସ୍ତବମାନେ ବାଇବେଲ୍ ବିଷୟରେ, ମୁସ୍ଲିମ୍‌ମାନେ କୋରାନ୍ ବିଷୟରେ କେତେ ମହାନ, କେତେ ପବିତ୍ରତାର ସହିତ କହିଥା'ନ୍ତି । ସେମାନେ ତା'ଠାରୁ ବଳି ଆଉକିଛି ନାହିଁ କହିବା ସହିତ ସେମାନଙ୍କ ହୃଦୟରେ ସେମାନଙ୍କ ମୂଳ ଗ୍ରନ୍ଥଗୁଡିକୁ ମହାନ୍ ସ୍ଥାନ ଦେଉଥିବା ବେଳେ, ହିନ୍ଦୁମାନଙ୍କର ଭଗବଦ୍ଗୀତା ମହାନତା ହରାଇ ବସିଛି । ପ୍ରତ୍ୟେକ ମତର ମୂଳଗ୍ରନ୍ଥ ହୋଇଥିବା ଭଗବଦ୍ଗୀତାକୁ ନକହି ଭାଗବତକୁ ମହାନ କହୁଥିବା ହିନ୍ଦୁମାନେ ହିନ୍ଦୁମତରେ ଅନେକ ଅଛନ୍ତି । ହିନ୍ଦୁମତର ଗୁରୁମାନେ ଭଗବଦ୍ଗୀତା ଅପେକ୍ଷା ପୁରାଣଗୁଡିକୁ

ଅଧିକ ପ୍ରାଧାନ୍ୟ ଦେଉଥିବା କାରଣରୁ, ଗୀତାକୁ ଦିଆଯିବା ସ୍ଥାନ କଳ୍ପିତ କାହାଣୀକୁ, ପୁରାଣାଦିକୁ ଦିଆଯାଇଛି । ତାଦ୍ୱାରା ଗୀତା ମଧ୍ୟ ସେଗୁଡିକ ମଧ୍ୟରେ ଗୋଟିଏ ହୋଇ ପରିଗଣିତ ହେଉଛି । ହିନ୍ଦୁମତରେ ଭଗବଦ୍ଗୀତାର ସ୍ୱତନ୍ତ୍ର ସ୍ଥାନ ନଥିବାରୁ ହିନ୍ଦୁ ମତର ଆଧାରହୋଇ, ତଳେ ମୂଳଦୂଆ ହୋଇ ଭଗବଦ୍ଗୀତା ଅଛି ବୋଲି କାହାକୁ ଜଣା ନଥିବାରୁ ଆଜି ହିନ୍ଦୁ ମତ ଲୋପ ପାଇବାକୁ ବସିଛି ।

ଭଗବଦ୍ଗୀତା ସର୍ବ ମାନବଜାତି ପାଇଁ, ସର୍ବ ମତ ପାଇଁ କୁହାଯାଇଥିବା ଏକ ପରିସୀମା, ମାନବ ଆଉ ମାୟା ମଧ୍ୟରେ ଟଣାଯାଇଥିବା ସୀମା, କେବଳ ହିନ୍ଦୁମତର ନୁହେଁ, ସବୁ ମତରେ ଥିବା ଇନ୍ଦୁମାନଙ୍କର (ଜ୍ଞାନୀମାନଙ୍କର) ବୋଲି ଜଣାଇବା ପାଇଁ ଲେଖାଯାଇଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ! ସର୍ବସମ୍ମତ ଭଗବଦ୍ଗୀତା କ'ଣ ଜାଣିବାକୁ ହେଲେ ପ୍ରଥମେ ଏହି ଭଗବଦ୍ଗୀତା ପଢିବାକୁ ହେବ ! ! ପ୍ରଥମେ ଗୀତା ପରିଚୟ ପଢିବା ଦ୍ୱାରା ପ୍ରତ୍ୟେକ ମତର ଲୋକମାନଙ୍କୁ ପ୍ରକୃତ ଗୀତାର ସ୍ୱରୁପ କ'ଣ ଜଣାପଡିଯିବ । ଗୀତା ପରିଚୟରେ ସୃଷ୍ଟି ହୋଇଥିବା ଅନେକ ସଂଦେହ ଭଗବଦ୍ଗୀତାରେ ସମାଧାନ କରାଯାଇଛି । ସେଥିଲାଗି **ଦୃଷ୍ଟି ଗୀତା ପରିଚୟ ହୋଇଥିବା ବେଳେ, ଦୃଶ୍ୟ ହୋଇଛି ଭଗବଦ୍ଗୀତା** । ଗୋଟିଏ ବିଷୟ ଜାଣିବାକୁ ହେଲେ ପ୍ରଥମେ ଯିଏ ଜଣାଉଛି, ଯାହା ଜଣାପଡୁଛି ସେହି ଦୁଇଟିଯାକ ଆବଶ୍ୟକ ହେଉଥିବା ଭଳି ଗୀତାର ବିଷୟ ଜାଣିବା ପାଇଁ, ପ୍ରଥମେ ଗୀତା ପରିଚୟ ତାପରେ ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଆବଶ୍ୟକ । ଏହି ଦୁଇଟି ଜିନିଷକୁ ଜାଣିଗଲେ ଭୂପୃଷ୍ଠରେ ମତ କ'ଣ, ମଣିଷ କ'ଣ ଜଣାପଡିଯିବ । ତା'ପରେ ସବୁକିଛିର ମୂଳପୁରୁଷ ପରମାତ୍ମା ବା ଈଶ୍ୱର ନିଶ୍ଚୟ ଦିନେ ଜଣାପଡିଯିବେ ।

*****

# ଗୀତା ପରିଚୟ

ଭୂମଣ୍ଡଳରେ ଥିବା ଜୀବରାଶିଙ୍କ ଭିତରେ ସବୁଠାରୁ ଅଧିକ ବୁଦ୍ଧିବଳ ଥିବା ପ୍ରାଣୀ ହେଉଛି ମଣିଷ । ବୁଦ୍ଧିରେ ସବୁଠାରୁ ବଡ ହୋଇଥିବା ମଣିଷ, ପ୍ରତ୍ୟେକ କ୍ଷେତ୍ରରେ ସୂକ୍ଷ୍ମାତୀସୂକ୍ଷ୍ମ ବିଚାର କରିଥାଏ, ହେଲେ ଏକମାତ୍ର ଆଧ୍ୟାତ୍ମିକ କ୍ଷେତ୍ରରେ ଅତି ହୀନଭାବରେ ପଛରେ ପଡି ରହିଥାଏ । ଉଦାହରଣସ୍ୱରୂପ ଜଣେ ନ୍ୟାୟବାଦୀ (ଓକିଲ) ଅନ୍ୟାୟ କରିଥିବା ଜଣେ ଲୋକର ସପକ୍ଷରେ ଯୁକ୍ତି କରିବାପାଇଁ ରାଜି ହୋଇ, ନିଜର ବୁଦ୍ଧିବଳ ଦ୍ୱାରା ଅନ୍ୟାୟକୁ ନ୍ୟାୟଭାବରେ ବର୍ଣ୍ଣନା କରି, ନିଜର କ୍ଲାଇଂଟ୍ କିଛି ଭୂଲ୍ କରି ନାହିଁ ବୋଲି ପ୍ରମାଣିତ କରି, ତା'କୁ ଦଣ୍ଡରୁ ମୁକୁଳାଇ ପାରୁଛି । ସେହିଭଳି ଜଣେ ଡାକ୍ତର ତା'ପାଖକୁ ଆସିଥିବା ରୋଗୀର ଭୟଙ୍କର ରୋଗକୁ ନିଜର ବୈଦ୍ୟବିଦ୍ୟା ଦ୍ୱାରା ଦୂର କରିଦେଇ ପାରୁଛି । ଚିହ୍ନି ହେଉନଥିବା ରୋଗକୁ ଚିହ୍ନି ନିଜର ବୁଦ୍ଧି ଦ୍ୱାରା ଭଲ କରିଦେଇ ପାରୁଥିବା ଡାକ୍ତର ହେଉ, ଅନ୍ୟାୟକୁ ନ୍ୟାୟରେ ପରିଣତ କରିଦେଇ ପାରୁଥିବା ନ୍ୟାୟବାଦୀ ହେଉ, ଏଭଳି ଅନ୍ୟାନ୍ୟ କ୍ଷେତ୍ରରେ ଆହୁରି ଅନେକ ବୁଦ୍ଧିଜୀବୀ ହୁଅନ୍ତୁ, ସମସ୍ତେ ଦୈବିବିଷୟରେ ବୁଦ୍ଧିହୀନ ହୋଇ, କୌଣସି ଦୈବିବିଷୟକୁ ଗ୍ରହଣ କରିପାରୁ ନାହାନ୍ତି । ଭୌତିକ ବିଷୟରେ ବିକଶିତ ହୋଇଥିବା ବୁଦ୍ଧି ପରମାତ୍ମା ବିଷୟରେ ନିଶ୍ଚୟ ସଂକୁଚିତ ହୋଇଯାଉଛି କହିଲେ ଅତ୍ୟୁକ୍ତି ହୁଏ ନାହିଁ । ମାନବ ଭୌତିକତଃ ଖୁବ୍ ଅଭିବୃଦ୍ଧି କରି, ଜଣାନଥିବା ଅନେକ ସିଦ୍ଧାନ୍ତକୁ, ନାନା ପ୍ରକାରର ନୂତନ ଯନ୍ତ୍ରପାତିଗୁଡିକୁ ଉଦ୍ଭାବନ କରି ପାରୁଥିଲେ ମଧ୍ୟ ଆଧ୍ୟାତ୍ମିକରେ ପୂର୍ବରୁ ଥିବା, ପୂର୍ବେ ସମସ୍ତଙ୍କୁ ଜଣାଥିବା ବିଷୟକୁ ମଧ୍ୟ ଗ୍ରହଣ କରିପାରୁ ନାହିଁ । ସମସ୍ତ ଜାଗତିକ ବିଷୟ ଜାଣିଥିବା ମଣିଷ, ଐଶ୍ୱରୀୟ ବିଷୟରେ କାହିଁକି ଜାଣିପାରୁ ନାହିଁ ବୋଲି ମଧ୍ୟ ବୁଝି ନପାରି, ସଂପୂର୍ଣ୍ଣ ଭୂଲ୍ କରିବସୁଛି । ଅକ୍ଷର ଶିଖିଗଲେ ସବୁ ପଇଟା ମିଳିଯିବ ବୋଲି ଭାବୁଥିବା ଲୋକ ଭଳି, ନିଜର ଥିବା ଅଳ୍ପ ଭକ୍ତିରେ ମୋତେ ସଂପୂର୍ଣ୍ଣ ଜ୍ଞାନ ମିଳିଯିବ ବୋଲି ଆଜି ମଣିଷ ଭାବୁଛି ।

ଆଜି ମାନବର ବୁଦ୍ଧିରେ ଆଧ୍ୟାତ୍ମିକ ବିଷୟ ସଂପୂର୍ଣ୍ଣ ସ୍ଥିତିରେ ଅବଗାହନ ହୋଇପାରୁ ନାହିଁ । ଉଦାହରଣସ୍ୱରୂପ ଗୋଟିଏ ରାସ୍ତାରେ ଦୁଇ ଜଣ ସ୍ତ୍ରୀ ଯାଉଥିଲେ, ସେହି ରାସ୍ତାର ଆଉକିଛି ଦୂରରେ ଆଉ ତିନିଜଣ ବ୍ୟକ୍ତି ବସିଥିଲେ । ଫାର୍ଲାଙ୍ଗ ଦୂରରୁ ଆସୁଥିବା ସେ ଦୁଇଜଣ ସ୍ତ୍ରୀ ଭଳି ଦେଖାଗଲେ ମଧ୍ୟ ଜଣେ ଥିଲା ସ୍ତ୍ରୀ, ଆଉଜଣେ ନପୁଂସକ । ସ୍ତ୍ରୀମାନଙ୍କ ଭଳି ସାଢ଼ିବ୍ଲାଉଜ୍ ପିନ୍ଧିବାରେ,ବେଶଧାରଣରେ, ଅଳଙ୍କରଣରେ ନପୁଂସକ ଜଣକ ସ୍ତ୍ରୀଲୋକଟି ସହିତ ସମାନ ଦେଖାଯାଉଥିବାରୁ ଦୂରରୁ ଦେଖିବା ବେଳେ ଦୁହିଁଙ୍କୁ ସ୍ତ୍ରୀ ଭାବିବା ଭୂଲ୍ ନୁହେଁ । ସେହିଭଳି ରାସ୍ତା କଡରେ ବସିଥିବା ତିନି ବ୍ୟକ୍ତି ସେ ଦୁହିଁଙ୍କୁ ପ୍ରଥମେ ସ୍ତ୍ରୀ ବୋଲି ଭାବିଥିଲେ, ସେମାନେ ଭାବିଥିବା ସ୍ତ୍ରୀ ଦୁଇଜଣ ସେମାନଙ୍କର ନିକଟ ହେଉହେଉ ସେମାନଙ୍କ ଭିତରୁ ପ୍ରଥମ ବ୍ୟକ୍ତିଟି ସେମାନଙ୍କର ଚଲିଚଳନ, ବେଶଭୂଷାଦିକୁ ଦେଖି ସେ "ଦୁଇଜଣ ସ୍ତ୍ରୀ ନୁହଁନ୍ତି, ଜଣେ ସ୍ତ୍ରୀ ଆଉଜଣେ ନପୁଂସକ" ବୋଲି କହିଲା । ତା' କଥା ଶୁଣି ଦ୍ୱିତୀୟ ଏବଂ ତୃତୀୟ ବ୍ୟକ୍ତି ଦୁହେଁ ସେମାନଙ୍କଠାରେ କୌଣସି ପାର୍ଥକ୍ୟକୁ ଗ୍ରହଣ କରି ନ ପାରି, "ନାଇଁ ! ନାଇଁ ସେମାନେ ଉଭୟ ସ୍ତ୍ରୀ" ବୋଲି କହିଲେ । ଏଭଳି ସେମାନେ ଭାବୁଥିବା ବେଳେ, ରାସ୍ତାରେ ଯାଉଥିବା ସେ ଦୁହେଁ ସେମାନଙ୍କର ଅତି ନିକଟ ହୋଇଗଲେ । ଏଥର ଦ୍ୱିତୀୟ ଲୋକଟି ସେମାନଙ୍କୁ ଟିକିଏ ନିକଟରୁ ଦେଖି, ସେମାନଙ୍କଠାରେ ଥିବା ପାର୍ଥକ୍ୟକୁ ଜାଣିପାରି ନିଜ ଭିତରେ ଏକ ନିର୍ଦ୍ଧାରଣରେ ପହଞ୍ଚିଲା ଯେ, ନାଇଁ ସେ ଦୁଇଜଣଙ୍କ ଭିତରୁ ଜଣେ ସ୍ତ୍ରୀ ଆଉ ଅନ୍ୟ ଜଣକ ନପୁଂସକ; ତଥାପି ନିଜ ଭିତରର ନିର୍ଦ୍ଧାରଣ ବାହାରକୁ ଖୋଲିକରି କହିଲା ନାହିଁ । ଏ ପର୍ଯ୍ୟନ୍ତ ସେ ଦୁଇଜଣଙ୍କୁ ସେ ସ୍ତ୍ରୀ ବୋଲି କହିଛି, ଏବେ ସେମାନଙ୍କ ଭିତରୁ ଜଣେ ନପୁଂସକ ବୋଲି କହିଲେ ତା' କଥାର କିଛି ମୂଲ୍ୟ ରହିଯିବ ନାହିଁ ବୋଲି ଭାବିଲା । ତୃତୀୟ ଲୋକଟିର ବୁଦ୍ଧି ଟିକିଏ କମ୍ । ଏ ପର୍ଯ୍ୟନ୍ତ ମଧ୍ୟ ସେ ସେମାନଙ୍କଠାରେ କୌଣସି ପାର୍ଥକ୍ୟକୁ ଗ୍ରହଣ କରି ନପାରି ସେ ଦୁଇଜଣଙ୍କୁ

ସ୍ତ୍ରୀ ଭାବୁଥିଲା । ପ୍ରଥମ ଲୋକଟି ସେ ଦୁହିଁଙ୍କଠାରେ ଏତେ ପାର୍ଥକ୍ୟକୁ ବୁଝି ପାରୁଥିବା ସ୍ଥଳେ, ତୃତୀୟ ଲୋକଟି କୌଣସି ପାର୍ଥକ୍ୟ ବୁଝିପାରୁ ନଥିଲା । ଉପରକୁ ଦେଖାଯାଉଥିବା ଆକାର ହିଁ ମୁଖ୍ୟ ବୋଲି ଭାବିଲା ସିନା, ଭିତରର ଲିଙ୍ଗଭେଦକୁ ଗ୍ରହଣ କରିପାରିଲା ନାହିଁ । ଶେଷରେ ଏହିଭଳି ସେମାନେ ଯାହା କହିଲେ ମୁଁ କାହିଁକି ମାନିବି ବୋଲି ଭାବନାରେ ରହି, ପ୍ରତ୍ୟକ୍ଷଭାବରେ ଶାଢି ପିନ୍ଧିଥିବା ସ୍ତ୍ରୀକୁ ସ୍ତ୍ରୀ କିପରି ନ କହିବି, ଦୁଇଜଣଯାକ ସ୍ତ୍ରୀ ବୋଲି ନିଜ ନିର୍ଣ୍ଣୟରେ ଅଟଳ ରହି, କାନରେ କାନଫୁଲ, ହାତରେ ଚୂଡି, ପାଦରେ ପାଉଁଜି, ଝୁଣ୍ଟିଆ, ଗଳାରେ ମଙ୍ଗଳସୂତ୍ର, ସବୁ ସ୍ତ୍ରୀ ଲକ୍ଷଣ ହୋଇଥିବା ବେଳେ ତୁ ସ୍ତ୍ରୀ ନୁହେଁ କହିଲେ କ'ଣ ମୁଁ ମାନିଯିବି ବୋଲି ଭାବୁଛୁ! ବୋଲି ତୃତୀୟ ବ୍ୟକ୍ତିଟି ପ୍ରଥମ ଲୋକଟିକୁ କହୁଥାଏ, କିନ୍ତୁ ଦ୍ୱିତୀୟ ବ୍ୟକ୍ତିଟି ପ୍ରଥମ ବ୍ୟକ୍ତିର କଥାକୁ ଭିତରେ ସ୍ୱୀକାର କରୁଥିଲେ ମଧ୍ୟ, ବାହାରକୁ ତୃତୀୟ ବ୍ୟକ୍ତିଟି ଯାହା କହୁଛି ତାହା ହିଁ ଠିକ୍ ବୋଲି କହୁଥାଏ । ସେମାନଙ୍କ କଥା ଶୁଣି ପ୍ରଥମ ବ୍ୟକ୍ତିଟି ସତ୍ୟକୁ ଗ୍ରହଣ କରିବା ପରେ, ଏମାନେ ତ ଅତି ମୂର୍ଖ, ଏମାନଙ୍କ ସହିତ ଅଧିକ ଯୁକ୍ତି କରି କିଛି ଲାଭ ନାହିଁ, ବରଂ ଚୁପ୍ ରହିବା ଭଲ ବୋଲି ଭାବି ସେମାନଙ୍କୁ କିଛି ନକହି ରହିଗଲା ।

ଏହିଭଳି ଜଗତରେ ତିନି ପ୍ରକାରର ମଣିଷ ଅଛନ୍ତି । ସତ୍ୟକୁ ଗ୍ରହଣ କରୁଥିବା ମଣିଷ ଏକ ପ୍ରକାରର, ସତ୍ୟକୁ ଗ୍ରହଣ କରି ଉପରକୁ ନମାନିବା ମଣିଷ ଦ୍ୱିତୀୟ ପ୍ରକାରର, ସତ୍ୟକୁ ଗ୍ରହଣ କରି ନପାରି, 'ନିଜେ ଧରିଥିବା ଠେକୁଆର ତିନିଗୋଟି ଗୋଡ' କହିବା ଭଳି ଟିକିଏ ପଛକୁ ଯାଇ ବିଚାର କରିବା ଉଚିତ୍ ବୋଲି ନଭାବି, ନିଜକୁ ଯାହା ଜଣାଅଛି ତାହା ହିଁ ସତ୍ୟ ଭାବି ମୂର୍ଖଙ୍କ ଭଳି ଯୁକ୍ତି କରୁଥିବା ମଣିଷ ତୃତୀୟ ପ୍ରକାରର । ଏହିଭଳି ତିନି ପ୍ରକାରର ମଣିଷ ରହିଥା'ନ୍ତି । ଦୈବି ବିଷୟ ବା ଐଶ୍ୱରୀୟ ବିଷୟରେ ସତ୍ୟକୁ ଜାଣିଥିବା ଲୋକ କୋଟିଏରେ ଗୋଟିଏ କ୍ୱଚିତ୍ ଥିବାବେଳେ, ଭିତରେ ସତ୍ୟକୁ ସ୍ୱୀକାର କରି ବାହାରେ ସ୍ୱୀକାର କରୁ

ନଥିବା ଲୋକ କେତେକ ଥାଆନ୍ତି । ସତ୍ୟକୁ ଆଦୌଂ ଗ୍ରହଣ ନକରି ମୂର୍ଖଙ୍କ ଭଳି ଯୁକ୍ତି କରୁଥିବା ଲୋକମାନେ ମଧ୍ୟ ଅନେକ ଥାଆନ୍ତି । ଦୈବମାର୍ଗରେ ସତ୍ୟକୁ ଜାଣିବା ପାଇଁ ଦୃଢତାର ସହିତ ସତ୍ୟାନ୍ୱେଷୀ ହୋଇ, ସତ୍ୟକୁ ଜାଣିଥିବା ଲୋକ କୋଟିଏରେ ଗୋଟିଏ ରହିଥା'ନ୍ତି, ତେଣୁ ଭୂପୃଷ୍ଟରେ ସତ୍ୟକୁ ଜାଣିଥିବା ଲୋକ କ୍ୱଚିତ୍ କେହି ଥାଇପାରନ୍ତି ବୋଲି କହିପାରିବା, ସେମାନଙ୍କୁ ରାସ୍ତାରେ ଥିବା ପ୍ରଥମବ୍ୟକ୍ତି ସହିତ ତୁଳନାକରି କହିପାରିବା । ପ୍ରଥମରୁ ମୋତେ ଜ୍ଞାନ ଜଣା ଅଛି ଭାବୁଥିବା ବ୍ୟକ୍ତିକୁ କିଛି ପରିମାଣରେ ଦୈବଜ୍ଞାନ ଜଣାଥିବା ଯୋଗୁଁ ଶେଷରେ ନିଜ ଜ୍ଞାନ ଭୂଲ୍, ସତ୍ୟାନ୍ୱେଷୀ କହୁଥିବା ଜ୍ଞାନ ସତ୍ୟ ବୋଲି ଜାଣି ପାରିଥାଏ, କିନ୍ତୁ ଉପରକୁ କେବେ ମାନି ନଥାଏ । କାରଣ ! ଆଜିଯାଏଁ ସମାଜରେ ଥିବା ମୋର ସମ୍ମାନ କମିଯିବ ଭାବି, ସେ ପ୍ରଥମରୁ ଯାହା କହିଥାଏ ପରେ ମଧ୍ୟ ତାହା କହିଥାଏ । ଏମାନେ ନିଜର ଭୂଲ୍‌କୁ ପଦାରେ ନ ପକାଇ, ନିଜେ ପଦାରେ ନ ପଡି ଜାଣିଶୁଣି ମିଛ କଥା କହିଥା'ନ୍ତି । ଏମାନଙ୍କୁ ରାସ୍ତାରେ ଥିବା ଦ୍ୱିତୀୟ ପ୍ରକାରର ବ୍ୟକ୍ତି ସହିତ ତୁଳନା କରିପାରିବା । ସତ୍ୟକୁ କେବେହେଁ ଗ୍ରହଣ କରି ନପାରି ନିଜର ଥିବା ସ୍ୱଳ୍ପ ଜ୍ଞାନ ହିଁ ଉନ୍ନତଜ୍ଞାନ ଭାବି, ନିଜେ କରୁଥିବା ଆଚରଣକୁ ଠିକ୍ ଭାବି କିଏ କ'ଣ କହିଲେ ମଧ୍ୟ ଶୁଣୁନଥିବା ଲୋକମାନଙ୍କୁ ରାସ୍ତାରେ ଥିବା ତୃତୀୟ ପ୍ରକାରର ଲୋକଭଳି ହିସାବ କରିପାରିବା ।

ରାସ୍ତାରେ ଆସୁଥିବା ଦୁଇଜଣ ଲୋକ ବେଶଭୂଷଣରେ ସ୍ତ୍ରୀ ହେଲେ ମଧ୍ୟ ସେମାନଙ୍କ ଭୌତିକ ଶରୀରରେ କିଛି ପ୍ରଭେଦ ନିଶ୍ଚୟ ରହିଛି । ଦୁଇଜଣଙ୍କ ଭିତରୁ ଜଣେ ସ୍ତ୍ରୀ ହୋଇଥିବାବେଳେ,ଆଉଜଣେ ନପୁଂସକ । ନପୁଂସକର ଶରୀର ପୁରୁଷାଙ୍ଗଯୁକ୍ତ ହୋଇଥିବାରୁ ତା'ର ଶରୀରକୁ ସ୍ତ୍ରୀ ଶରୀର କହି ପାରିବା ନାହିଁ । ଉପରେ ଦେଖିବାକୁ ସବୁ ଦିଗରୁ ସ୍ତ୍ରୀଭଳି ହୋଇଥିଲେ ମଧ୍ୟ ଭିତରର ଶରୀର ଭିନ୍ନ । ପ୍ରଥମେ ଦୁରରୁ ଦେଖିବା ବେଳେ ଚିହ୍ନି ନ ପାରିଲେ ଚଳିବ, କିନ୍ତୁ ପାଖକୁ ଆସିବା ବେଳେ ଚିହ୍ନି ନପାରିଲେ ସେମାନଙ୍କର ବୁଦ୍ଧି କମ୍ ବୋଲି କହିବାନି ତ ଆଉ କ'ଣ

କହିବା ? ତା'ଛଡା ବସ୍ତ୍ର ଖୋଲି ଦେଖିବା ପରେ ମଧ୍ୟ ଯଦି କିଏ ସ୍ତ୍ରୀ ପୁରୁଷ ଭେଦକୁ ଚିହ୍ନି ନପାରେ ତେବେ ତାକୁ ନିଶ୍ଚୟ ମୂର୍ଖ କହିପାରିବା । ରାସ୍ତାରେ ଆସୁଥିବା ଦୁଇ ଭିନ୍ନ ବ୍ୟକ୍ତି ସ୍ତ୍ରୀ ରୂପର ଦେଖାଯିବା ଭଳି, ଭୂପୃଷ୍ଠରେ ଉପରକୁ ଦେଖିବାକୁ ଆକାରରେ ଗୋଟିଏ ଭଳି ହୋଇଥିବା ଦୁଇ ପ୍ରକାରର ପୁସ୍ତକଗୁଡିଏ ରହିଥାଏ । ସେଗୁଡିକୁ ଦେଖୁଥିବା ଲୋକେ ମଧ୍ୟ ତିନି ପ୍ରକାରର ଥାଆନ୍ତି । ପୁସ୍ତକଗୁଡିକ ଏକ ପ୍ରକାରର ହୋଇଥିଲେ ମଧ୍ୟ ସେଗୁଡିକ ଭିତରେ ଅନେକ ପାର୍ଥକ୍ୟ ରହିଥାଏ ବୋଲି କହୁଥିବା ପ୍ରଥମ ପ୍ରକାରର ଲୋକମାନେ ସମାଜରେ ଅଛନ୍ତି । ସେହିଭଳି ସେହି ପାର୍ଥକ୍ୟକୁ ପ୍ରଥମେ ନ ଜାଣିଲେ ମଧ୍ୟ, ପରେ ଜାଣି ଜାଣି ମଧ୍ୟ, ଜାଣିଥିବା ସତ୍ୟକୁ ପ୍ରକାଶ ନ କରି, ପ୍ରଥମରୁ ଯାହା କହୁଥିଲେ ତାହା ହିଁ କହୁଥିବା ଲୋକ ଭଳି ଦ୍ୱିତୀୟ ପ୍ରକାରର ଲୋକମାନେ ଅଛନ୍ତି । ପୁସ୍ତକଗୁଡିକ ସବୁ ଏକାଭଳି, ସେଥିରେ କିଛି ପାର୍ଥକ୍ୟ ନାହିଁ ! କହୁଥିବା ତୃତୀୟ ପ୍ରକାରର ଲୋକମାନେ ମଧ୍ୟ ସମାଜରେ ଅଛନ୍ତି ।

ଭୂପୃଷ୍ଠରେ ପୁସ୍ତକଗୁଡିକ ଏକ ଆକାରର ହୋଇଥିଲେ ମଧ୍ୟ ସେଥିରେ ଥିବା ବିଷୟ ଅନୁସାରେ ସେଗୁଡିକୁ ପୁରାଣ ଆଉ ଶାସ୍ତ୍ର ନାମକ ଦୁଇ ପ୍ରକାରରେ ବିଭାଜନ କରିପାରିବା । ଦେଖିବାକୁ ସବୁଗୁଡିକ ପୁସ୍ତକ ହୋଇଥିଲେ ମଧ୍ୟ, ସେଗୁଡିକରେ ଥିବା ବିଷୟ ଅନୁସାରେ ଏହା ପୁରାଣ, ତାହା ଶାସ୍ତ୍ର ବୋଲି ଚିହ୍ନି ପାରୁଥିବା ପ୍ରଥମ ପ୍ରକାରର ଲୋକମାନେ ସମାଜରେ ଅଛନ୍ତି । ସବୁଗୁଡିକ ତ ! ପୁସ୍ତକ ତା'ଭିତରେ ଅଧେ ଶାସ୍ତ୍ର ହେଲେ ଅଧେ କାହିଁକି ଶାସ୍ତ୍ର ନୁହେଁ କହି ଯୁକ୍ତି କରୁଥାଇ, ତା'ର ପାର୍ଥକ୍ୟକୁ ଚିହ୍ନିପାରି ମଧ୍ୟ ପଦାରେ ନ ପଡି, ପ୍ରଥମେ କହିଥିବା କଥାରେ ଅଟଳ ରହୁଥିବା ଦ୍ୱିତୀୟ ପ୍ରକାରର ଲୋକମାନେ ସମାଜରେ ଅଛନ୍ତି । ସେହିଭଳି ସେଗୁଡିକର ପାର୍ଥକ୍ୟକୁ ଆଦୌ ନ ଚିହ୍ନି ସବୁଗୁଡିକ ତ ଗୋଟିଏ ପ୍ରକାରର ! ବୋଲି ମୂର୍ଖଙ୍କ ଭଳି କଥା କହୁଥିବା ତୃତୀୟ ପ୍ରକାରର ଲୋକମାନେ ମଧ୍ୟ ସମାଜରେ ଅଛନ୍ତି ।

ପୁରାଣଗୁଡିକର ବିଷୟ ଭିନ୍ନ, ଶାସ୍ତ୍ରଗୁଡିକର ବିଷୟ ଭିନ୍ନ ବୋଲି ପ୍ରମାଣିତ କରିଦେଉଥିବା ଲୋକମାନେ ସମାଜରେ ଥିଲେ ମଧ୍ୟ, ସେଥିରେ ଥିବା ପାର୍ଥକ୍ୟଗୁଡିକୁ ସେମାନେ ଦେଖାଇ ପାରୁଥିଲେ ମଧ୍ୟ, ପ୍ରଥମେ ସ୍ୱୀକାର ନ କରି କିଛିକାଳ ପରେ ନିଜ ଭିତରେ ସତ୍ୟକୁ ଗ୍ରହଣ କରିଥିବା ଲୋକମାନେ ପୁରାଣଗୁଡିକୁ ଛାଡି ନପାରି 'ଉପରକୁ ସବୁ ଗୋଟିଏ ରାସ୍ତା ଦେଖାଉଛି, ତା ଭିତରେ କିଛି ପାର୍ଥକ୍ୟ ନାହିଁ' କହିଥାନ୍ତି । ପୁରାଣଗୁଡିକୁ ବୋଧ କରି ନାମ କମାଇଥିବା ଲୋକମାନେ,ପୁରାଣଗୁଡିକ କାଳକ୍ଷେପ ପାଇଁ ସିନା, କର୍ମକ୍ଷେପ ପାଇଁ ନୁହେଁ ବୋଲି ଶେଷରେ ଜାଣିପାରି ମଧ୍ୟ, ଯଦି ପୁରାଣଗୁଡିକ ବାବଦରେ ଆଦରହୀନ କଥା କହିବେ, ଆଜି ପର୍ଯ୍ୟନ୍ତ କମାଇଥିବା ନାମର ମୂଲ୍ୟ ରହିବ ନାହିଁ, ସେଥିଲାଗି ସେମାନେ ପୁରାଣଗୁଡିକୁ ଛାଡି ନପାରି ପୁରାଣକୁ ମହାନ କହିଥା'ନ୍ତି, ସେମାନଙ୍କୁ ସେମାନଙ୍କ ଭିତରେ ପୁରାଣ ଅପେକ୍ଷା ଶାସ୍ତ୍ର ମହାନ ଲାଗୁଥିଲେ ମଧ୍ୟ, ନିଜର ବାହ୍ୟ ସମ୍ମାନ ପାଇଁ ପୁରାଣଗୁଡିକୁ ଛାଡି ପାରୁନଥିବା ଲୋକମାନେ ବହୁତ ଅଛନ୍ତି । ମଣିଷକୁ ଦ୍ୱନ୍ଦରେ ପକାଉଥିବା ଏଇ ପୁରାଣ ଆଉ ଶାସ୍ତ୍ର ବାବଦରେ ଆମକୁ ଏବେ ଜାଣିବାକୁ ପଡିବ ।

ଗୋଟିଏ ବିଷୟ ବାବଦରେ କହିବା ବେଳେ ତୁଣ୍ଡରେ କହିଲେ ତାହା ସେହି ସମୟରେ,ସେହି ଅଞ୍ଚଳରେ ହିଁ ଶୁଣାଯାଏ,ତାହା ସବୁଆଡେ ପହଞ୍ଚିବାକୁ ହେଲେ ତାହା ଗ୍ରନ୍ଥ କିମ୍ବା ପୁସ୍ତକରୂପରେ ବାହାରକୁ ଛାଡିବାକୁ ହୁଏ । ପୁସ୍ତକର ବିଷୟ ପୁସ୍ତକଟି ଥିବା ପର୍ଯ୍ୟନ୍ତ ରହିପାରେ ସିନା, ନଷ୍ଟ ହୋଇଗଲେ ନଥାଏ । ଏହିଭଳି ପୁସ୍ତକଗୁଡିକ ଦୁଇ ପ୍ରକାରର, ତାହା ହିଁ ପୁରାଣ ଆଉ ଶାସ୍ତ୍ର । ଭବିଷ୍ୟତରେ ମଣିଷ ଏହିଭଳି ବଞ୍ଚିବାକୁ ହେବ ବୋଲି ସମାଜରକୁ ଜଣାଇବାପାଇଁ, ଲେଖାଯାଇଥିବା ପୁସ୍ତକଗୁଡିକ କଳ୍ପିତ ହୋଇଥିବା ବେଳେ, କଳ୍ପିତ ହୋଇ ନଥିବା ପୁସ୍ତକ ମଧ୍ୟ କେତେଗୁଡିଏ ରହିଥାଏ । କଳ୍ପିତ ପୁସ୍ତକଗୁଡିକ ପୁରାଣ । ମଣିଷକୁ ଭଲବାଟରେ ଚଲାଇବା ପାଇଁ ପୁରାଣଗୁଡିକର ଉଦ୍ଦେଶ୍ୟ ଖୁବ୍ ଭଲ; ତଥାପି ସେଗୁଡିକ କଳ୍ପିତ

ହୋଇଥିବାରୁ ହେତୁବାଦୀମାନଙ୍କ ପ୍ରଶ୍ନର ଜବାବ ଦେଇପାରେ ନାହିଁ । ହେତୁବାଦୀମାନଙ୍କ ବିମର୍ଶ କିମ୍ୱା ପ୍ରଶ୍ନର ଜବାବ ଦେଇପାରିବା ଭଳି କ୍ଷମତା ପୁରାଣଗୁଡିକର ନାହିଁ । ବାସ୍ତବ ଜ୍ଞାନ ପୁରାଣଗୁଡିକରେ ନଥିବାରୁ ମାନବର କର୍ମ ନିର୍ମୂଳକରିବା କ୍ଷମତା ପୁରାଣଗୁଡିକର ନାହିଁ । ସେଥିଲାଗି ତାହା କାଳକ୍ଷେପ ସିନା, କର୍ମକ୍ଷେପ ନୁହେଁ ବୋଲି ପୂର୍ବରୁ ବଡମାନେ କହି ଆସିଛନ୍ତି । ବଡମାନଙ୍କର ସେହି କଥା ହେଉଛି 'ପୁରାଣ କାଳକ୍ଷେପ' । ପୁରାଣ କାଳକ୍ଷେପ କହିବାରେ କଥାଟିର ଅର୍ଥ ହେଉଛି ପୁରାଣ ବିଷୟରେ ସମୟ ବିତାଇବା ବା କାଳ କଟିବା । ନୂଆ ବିଷୟଗୁଡିକୁ ଜଣାଇବା ପାଇଁ, ମାନବକୁ ଉନ୍ନତ ମାର୍ଗରେ ଚଲାଇବା ପାଇଁ ଉଦ୍ଦେଶ୍ୟିତ ପୁରାଣପ୍ରୟୋଗ ମାନବର କର୍ମ ନିର୍ମୂଳ କରିପାରେ ନାହିଁ । ପୁରାଣରେ ଜଡିତ ଲୋକମାନଙ୍କୁ ଏହା ବାଧାକର ଲାଗୁଥିଲେ ମଧ୍ୟ ପୁରାଣ ସେମାନଙ୍କୁ କଦାପି ମୁକ୍ତି ଦେଇପାରିବ ନାହିଁ । କେତେକ **ପୁରାଣକୁ ତୁଣ୍ଡର କଥା ବୋଲି କହିଥା'ନ୍ତି** । ଆମେ ଛୋଟ ଥିବାବେଳେ ସ୍କୁଲ୍‌ରେ ମାଷ୍ଟର "କାଲି କାହିଁକି ଆସିନଥିଲୁ" ବୋଲି ଗୋଟିଏ ପିଲାକୁ ପଚାରିବା ବେଳେ, ସେ ପିଲା "କାଲି ମୋର ମୁଣ୍ଡବିନ୍ଧା ହେଉଥିଲା ସେଥିଲାଗି ଆସିନଥିଲି' ବୋଲି କହିବା ବେଳେ, ମାଷ୍ଟର "ଆରେ ତୁ ପାଟିରୁ କହୁଛୁ ନା ପେଟରୁ କହୁଛୁ !" ଅର୍ଥାତ୍ ତୋ' କଥା ସତ କି ମିଛ ! ବୋଲି କହିଥିଲେ । ଏହିଭଳି ପାଟି (ତୁଣ୍ଡ)ର କଥା ମିଛକଥା ବୋଲି ବୁଝିହୁଏ, ତେଣୁ ପୁରାଣକୁ କେତେକ ତୁଣ୍ଡର କଥା କହନ୍ତି, ଅର୍ଥାତ୍ ସେମାନଙ୍କ କଥା ଅନୁସାରେ ପୁରାଣକୁ ମିଛକଥା ବୋଲି ବୁଝିପାରିବା ।

ପୁରାଣ ତୁଣ୍ଡର ଏବଂ ଶାସ୍ତ୍ର ପେଟର ବୋଲି କହିପାରିବା । ଶାସ୍ତ୍ର କହିଲେ ଯାହା ଶାସନଯୁକ୍ତ । "ଶାପ" ଶବ୍ଦରୁ ଏହି "ଶାସନ" ଶବ୍ଦଟି ଆସିଛି । ଶାପ ବା ଶାସନ କହିଲେ ତାହା ଯାହା ନିଶ୍ଚୟ ପଡିବ, ଯାହାକୁ ନିଶ୍ଚୟ ମାନିବାକୁ ହେବ । ଶାସ୍ତ୍ର ଶାସନରେ ପରିପୂର୍ଣ୍ଣ । ଶାସ୍ତ୍ରର ପ୍ରତ୍ୟେକ

ବିଷୟ ସତ୍ୟ ସମ୍ବଳିତ । ଥରେ କୁହାଯାଇଥିବା ଶାସ୍ତ୍ରର ବିଷୟ କେବେ ମିଛ ହୋଇନଥାଏ । ଉଦାହରଣସ୍ୱରୂପ ଗଣିତଶାସ୍ତ୍ର ନାମକ ଶାସ୍ତ୍ରଟି ଆମ ସମସ୍ତଙ୍କୁ ଜଣାଥିବା ଏକ ଶାସ୍ତ୍ର । ସେଥିରେ ୫ର ଚାରିଗୁଣ ୨୦ ହୋଇଥାଏ, ଏହାକୁ ଶାସନ ଭଳି ମାନିବାକୁ ହେବ ବା ଯାହା ସର୍ବଦା ନିରାଟ ସତ୍ୟ । ଏହା ଥରେ କୁହାଯିବା ବେଳେ ଚିରକାଳ ରହିଯାଏ । କେତେବେଳେ ହେଉ, କେଉଁଠି ମଧ୍ୟ ହେଉ ନିଶ୍ଚୟ ପ୍ରମାଣିତ ହୋଇ ରହେ । ଶାସନ ବା ଶାସ୍ତ୍ର କହିବା ଭଳି ୫ର ଚାରିଗୁଣ ସର୍ବଦା ୨୦ ହୋଇଥାଏ ସିନା କେବେ ମଧ୍ୟ ବଦଳି ନଥାଏ । କାରଣ ! ଏହା ହେଉଛି ଶାସନ ବା ଶାସ୍ତ୍ର, ଶାସନକୁ ସମସ୍ତେ ମାନିବାକୁ ବାଧ୍ୟ । ଏହିଭଳି ଶାସ୍ତ୍ର କ'ଣ ଆମେ ନିଶ୍ଚୟ କିଛି ଜାଣିଗଲେ । ପୁରାଣଗୁଡିକ ଏକପ୍ରକାରର ଗ୍ରନ୍ଥ ହୋଇଥିବା ସ୍ଥଳେ, ଶାସ୍ତ୍ରଗୁଡିକ ମଧ୍ୟ ଆଉଏକ ପ୍ରକାରର ଗ୍ରନ୍ଥ ହୋଇ ରହିଥାଏ । ଯାତ୍ରା ଗୋଟିଏ ହେଲେ ମଧ୍ୟ ପୂର୍ବଦିଗ, ପଶ୍ଚିମଦିଗ ଅଲଗା ଅଲଗା ହେବାଭଳି, ଉଦ୍ଦେଶ୍ୟ ଗୋଟିଏ ହେଲେ ମଧ୍ୟ ପୁରାଣ ଅଲଗା ଆଉ ଶାସ୍ତ୍ର ଅଲଗା ହୋଇ ରହିଥାଏ । ପୂର୍ବ ପଶ୍ଚିମ ଭିତରେ ପାର୍ଥକ୍ୟ ଥିବାଭଳି ଶାସ୍ତ୍ର ଆଉ ପୁରାଣର ପାର୍ଥକ୍ୟ ରହିଥାଏ । ଏହି ପାର୍ଥକ୍ୟକୁ ବୁଝିନପାରି ସବୁଗୁଡିକୁ ପୁସ୍ତକ କହିଲେ ସ୍ତ୍ରୀ ଆଉ ନପୁଂସକର ପାର୍ଥକ୍ୟକୁ ଜାଣି ନ ପାରିବା ଭଳି ହୋଇଥାଏ । ତେଣୁ କେଉଁ ପୁସ୍ତକରେ କ'ଣ ଅଛି, କ'ଣ ଶାସ୍ତ୍ର, କ'ଣ ପୁରାଣ ତାହା ନିହାତି ଜାଣିବା ଦରକାର । ନଚେତ ଗୋଡରେ ଢାଳିବା ଧୂଳିକୁ ମୁଣ୍ଡରେ, ମୁଣ୍ଡରେ ଢାଳିବା ପାଣିକୁ ପାଦରେ ଢାଳିବାଭଳି ହେବ । ପାଦରେ ଧୂଳି ଥିବାବେଳେ ମୁଣ୍ଡରେ ପାଣି ଢାଳିଲେ ଶରୀର ଧୋଇହେବ, ତା'ଛଡା ପାଦର ଧୂଳି ମଧ୍ୟ ଧୋଇ ହୋଇଯିବ । ତା'ନକରି ପାଦରେ ପାଣି ଢାଳି ମୁଣ୍ଡରେ ଧୂଳି ଢାଳିଲେ ସେଯାଏଁ ଭଲଥିବା ଶରୀର ମଧ୍ୟ ମଇଳା ହୋଇଯିବ । କିଛି ଜାଣିନଥିବା ଲୋକ ପ୍ରାଥମିକଭାବେ ଜାଣିବା ପାଇଁ ପୁରାଣଗୁଡିକ ରହିଛି । କିଛି ବିଚାରଶକ୍ତି ଥିବା ଲୋକ ଶାସ୍ତ୍ର ଜାଣିବା ଉଚିତ୍ । ସେଭଳି ନହୋଇ ବିଚାରଶକ୍ତି ଥିବା ଲୋକ ପୁରାଣ ପଢିଲେ,

ବିଚାରଶକ୍ତି ନଥିବା ଲୋକ ଶାସ୍ତ୍ର ପଢିଲେ ତାହା ସେମାନଙ୍କୁ କେମିତି ଭଲ ଲାଗିବ ! ଏଇ କାରଣ ଲାଗି କେତେକ ପୁରାଣକୁ ବୁଝିପାରୁଥିବା ଭଳି ଶାସ୍ତ୍ରକୁ ବୁଝିପାରୁ ନାହାନ୍ତି, କିନ୍ତୁ ଏହା ସତକଥା ଯେ, କେତେକ ଶାସ୍ତ୍ର କ'ଣ ଜାଣିବା ପରେ ଆଉ କେବେ ମଧ୍ୟ ପୁରାଣ ପଢନ୍ତି ନାହିଁ ।

ଏବେ ଆମେ ଦେଖିବାକୁ ଥିବା ଭଗବଦ୍ଗୀତାଟି ଶତପ୍ରତିଶତ ଶାସ୍ତ୍ର ହୋଇଥିବାରୁ ପୁରାଣଗୁଡିକୁ ସେଥିରେ ମିଶାନ୍ତୁ ନାହିଁ, ପୁରାଣର କାହାଣୀ ଆଣି ତା ସହିତ ତୁଳନା କରନ୍ତୁ ନାହିଁ ବୋଲି ଆଗୁଆ ଜଣାଉଛୁ । ଏଠାରେ ଆମେ କହିବାକୁ ଥିବା ମୁଖ୍ୟ ବିଷୟ ଏବଂ ଆପଣମାନେ ଶୁଣିବାକୁ ଥିବା ବିଷୟ ଆଉ ଗୋଟିଏ ରହିଛି । ତାହା ହେଉଛି ! ଅଷ୍ଟାଦଶ ପୁରାଣ ନାମରେ କଥିତ ୧୮ଖଣ୍ଡ ପୁରାଣ ଅଛି । ସେଗୁଡିକୁ କ୍ରମାନ୍ୱୟରେ ଲେଖିଲେ ୧) ବ୍ରହ୍ମ ପୁରାଣ ୨) ପଦ୍ମ ପୁରାଣ ୩) ବିଷ୍ଣୁ ପୁରାଣ ୪) ଶିବ ପୁରାଣ ୫) ଭାଗବତ ୬) ନାରଦ ପୁରାଣ ୭) ମାର୍କଣ୍ଡେୟ ପୁରାଣ ୮) ଅଗ୍ନି ପୁରାଣ ୯) ଭବିଷ୍ୟତ୍ ପୁରାଣ ୧୦) ବ୍ରହ୍ମବୈବର୍ତ୍ତ ପୁରାଣ ୧୧) ଲିଂଗ ପୁରାଣ ୧୨) ବରାହ ପୁରାଣ ୧୩) ସ୍କନ୍ଦ ପୁରାଣ ୧୪) ବାମନ ପୁରାଣ ୧୫) କୂର୍ମ ପୁରାଣ ୧୬) ମତ୍ସ୍ୟ ପୁରାଣ ୧୭) ଗରୁଡ ପୁରାଣ ୧୮) ବ୍ରହ୍ମାଣ୍ଡ ପୁରାଣ ।

ଏହିଭଳି ଅଠରଖଣ୍ଡ ପୁରାଣ ସମାଜରେ ବହୁ ପୂର୍ବରୁ ଲୋକପ୍ରିୟ ହୋଇ ରହିଆସିଛି । ପୁରାଣଗୁଡିକର ତିନିଭାଗରୁ ମାତ୍ର ଗୋଟିଏ ଭାଗ ହେଉଛି ଶାସ୍ତ୍ର । ପୁରାଣଗୁଡିକ ୧୮ଖଣ୍ଡ ଥିବାବେଳେ, ଶାସ୍ତ୍ରଗୁଡିକ ମାତ୍ର ୬ଗୋଟି ରହିଥାଏ । ପୁରାଣଗୁଡିକ ସଂଖ୍ୟାଗରିଷ୍ଠ ହେଲେହେଁ ରତ୍ନ ଆଉ ପଥରର ମୂଲ୍ୟ ଭଳି ଶାସ୍ତ୍ର ଆଉ ପୁରାଣ ମଧ୍ୟରେ ପାର୍ଥକ୍ୟ ରହିଥାଏ । ୧୮ ଖଣ୍ଡ ପୁରାଣର ନଥିବା ମୂଲ୍ୟ ୬ଗୋଟି ଶାସ୍ତ୍ରର ଥିବା କାରଣରୁ ତାହା ପୂର୍ବେ କେତେକଙ୍କ ଦ୍ୱାରା ଜୀର୍ଣ୍ଣ (ସହ୍ୟ) ହୋଇପାରି ନାହିଁ । ପୂର୍ବକାଳରେ ପୁରାଣପ୍ରିୟ ଲୋକମାନେ ଅଧିକ ଥାଇ, ଶାସ୍ତ୍ରପ୍ରିୟ ଲୋକମାନେ କମ୍

ଥିବାବେଳେ, ସେହି ଅନୁପାତରେ ପୁରାଣର ମୂଲ୍ୟ ବଢାଇ ଶାସ୍ତ୍ରର ମୂଲ୍ୟ କମ୍ କରିଦେବା ପାଇଁ ବଡ କୁତନ୍ତ୍ର ହୋଇଥିଲା ବୋଲି କହିପାରିବା । ଶାସ୍ତ୍ରଗୁଡିକୁ ବିନାଶ କରି, ଶାସ୍ତ୍ର ସ୍ଥାନରେ ଆଉ କେତେକ ଅନ୍ୟ ନିୟମକୁ ପ୍ରବେଶ କରାଇ, ତାହାହିଁ ଶାସ୍ତ୍ର ବୋଲି କିଛିଲୋକ ପ୍ରଚାର କରିଥିଲେ । ସେହି କାରଣରୁ ପ୍ରକୃତ ଶାସ୍ତ୍ର ଛଅଗୋଟି ପ୍ରଚାର ହୋଇ ନପାରି, ଶାସ୍ତ୍ର ହୋଇ ନଥିବା ଛଅଗୋଟି ଅଶାସ୍ତ୍ର ଶାସ୍ତ୍ରଭାବରେ ପ୍ରଚାର ହୋଇଯାଇଥିଲା । ସେଗୁଡିକୁ କ୍ରମାନ୍ୱୟରେ କହିଲେ ୧) ଶିକ୍ଷା ୨) ବ୍ୟାକରଣ ୩) ଛନ୍ଦ ୪) ନିରୁକ୍ତ ୫) ଜ୍ୟୋତିଷ୍ୟ ୬) କଳ୍ପ । ଆଜିର କାଳରେ ଏଗୁଡିକ ବାବଦରେ ସମସ୍ତଙ୍କୁ ଜଣା ନଥିଲେ ମଧ୍ୟ, ବେଦ ପରିଚିତ ଲୋକମାନଙ୍କୁ ଆଉ ପୁରାଣରେ ସଂପୂର୍ଣ୍ଣ ବୁଡିରହିଥିବା ଲୋକମାନଙ୍କୁ ଭଲଭାବେ ଜଣାଥାଏ । ଶାସ୍ତ୍ରରେ ନାମିତ ହୋଇଥିବା ଏହି ଛଅଗୋଟିରୁ ସବୁଗୁଡିକୁ ନ ଜାଣିଲେ ନାଇଁ ଗୋଟିକର ବିବରଣୀ ଜାଣିବା ।

୧ – ଶିକ୍ଷା;- ଏଥିରେ ବେଦ ଶବ୍ଦର ଅକ୍ଷର ସ୍ଥାନ ଜ୍ଞାନକୁ, ଉଦ୍ଧାତ, ଅନୁଦ୍ଧାତ, ସ୍ୱରିତ ନାମରେ ସ୍ୱରଜ୍ଞାନଗୁଡିକୁ କୁହାଯାଇଛି । ଉଦ୍ଧାତ ହେଉଛି ଉଚ୍ଚ, ଅନୁଦ୍ଧାତ କହିଲେ ନୀଚ୍ଚ ଏବଂ ସ୍ୱରିତ ହେଉଛି ସମାନ । ଏହି ଶିକ୍ଷାଶାସ୍ତ୍ରକୁ ବ୍ୟାସ ଶିକ୍ଷା, ଭରଦ୍ୱାଜ ଶିକ୍ଷା, ନାରଦ ଶିକ୍ଷା ନାମରେ ତିନି ପ୍ରକାରର କହିଥା'ନ୍ତି । ଏହା ପ୍ରଥମ ଶାସ୍ତ୍ର ବୋଲାଉଥିବା ଶିକ୍ଷା ଶାସ୍ତ୍ରର ପଦ୍ଧତି । ବେଦଶବ୍ଦକୁ ଏଭଳି ଉଚ୍ଚାରଣ କରିବାକୁ ହୁଏ, ଗୋଟିଏ ସ୍ଥାନରେ ଉଚ୍ଚ ସ୍ୱରରେ, ଆଉ ଗୋଟିଏ ସ୍ଥାନରେ ନୀଚ୍ଚ ସ୍ୱରରେ ଗାଇବାକୁ ହୁଏ ବୋଲି ଜଣାଇଥିବା ପଦ୍ଧତିକୁ ଶାସ୍ତ୍ର କହିଛନ୍ତି । ଏହା ଏକ ଶାସନରୂପ ହୋଇଥିବା ବେଳେ, ଏହା ନାରଦଙ୍କ ପଦ୍ଧତି, ତାହା ବ୍ୟାସଙ୍କ ପଦ୍ଧତି, ଅମୂକଟି ଭରଦ୍ୱାଜ ପଦ୍ଧତି ବୋଲି ଜଣାଇଛନ୍ତି । ସେହି ଅନୁସାରେ ବ୍ୟାସ କହିଥିବା ଭଳି, ଭରଦ୍ୱାଜ କହିନାହାନ୍ତି, ଭରଦ୍ୱାଜ କହିଥିବା ଭଳି ନାରଦ କହିନାହାନ୍ତି ବୋଲି ଜଣାଯାଉଛି । ଶାସ୍ତ୍ର ଗୋଟିଏ ପଦ୍ଧତି କହୁଥିବା

ବେଳେ, ତାହା କେବେ ବଦଳି ନଥାଏ, ଏହାଏକ ସୂତ୍ର ହୋଇଥିବା ସ୍ଥଳେ, ଏହି ଶିକ୍ଷା ନାମକ ଶାସ୍ତ୍ର ସୂତ୍ର ଭଙ୍ଗକରି ଶାସ୍ତ୍ରର ମୂଲ୍ୟକୁ ମଧ୍ୟ ଭଙ୍ଗ କରୁଛି । ଶାସ୍ତ୍ର କ'ଣ ଜାଣିବା ପରେ ଏବେ ମଧ୍ୟରେ କଳ୍ପିତ ହୋଇଥିବା ଏହିଭଳି ଅଶାସ୍ତ୍ରଗୁଡିକୁ ଛାଡି ପ୍ରକୃତ ଶାସ୍ତ୍ର କ'ଣ ଆମେ ଜାଣିବା ।

ପୁରାଣଠାରୁ ଅନେକ ଆଗରୁ ଜନ୍ମ ହୋଇଥିଲା ଶାସ୍ତ୍ର । ସେଗୁଡିକ କ୍ରମାନ୍ୱୟରେ ୧) ଗଣିତ ଶାସ୍ତ୍ର ୨) ଜ୍ୟୋତିଷ୍ୟ ଶାସ୍ତ୍ର ୩) ଖଗୋଳ ଶାସ୍ତ୍ର ୪) ରସାୟନିକ ଶାସ୍ତ୍ର ୫) ଭୌତିକ ଶାସ୍ତ୍ର ୬) ଯୋଗ ଶାସ୍ତ୍ର । ଏହି ଛଅଗୋଟି ଶାସ୍ତ୍ର ବ୍ୟତୀତ ଅନ୍ୟ କୌଣସି ଶାସ୍ତ୍ର ନାହିଁ । ଏଠାରେ କେତେକଙ୍କଠାରେ ଏକ ସନ୍ଦେହ ଆସିପାରେ । ତାହା ହେଉଛି ! ଏହି ଛଅଗୋଟି ଶାସ୍ତ୍ର ବ୍ୟତୀତ ଆଜି ସମାଜରେ ଭଲଭାବରେ ପ୍ରଚରିତ ହୁଏ ବାସ୍ତୁଶାସ୍ତ୍ର । ଯେଉଁମାନେ ଘର ତୋଳିବାକୁ ଚାହାନ୍ତି ସେମାନେ ବାସ୍ତୁଶାସ୍ତ୍ରର ଆଶ୍ରୟ ନେଇଥା'ନ୍ତି, ତଦନୁଯାଇ ଘର ତୋଳିଥା'ନ୍ତି, ତାହା ତ କାହିଁ ଆପଣଙ୍କ ଲିଷ୍ଟ୍‌ରେ ନାହିଁ ? ବୋଲି ପଚାରି ପାରନ୍ତି । ତା'ର ସମାଧାନ ହେଉଛି ! ଆମେ କହିଥିବା ଛଅ ଗୋଟି ଶାସ୍ତ୍ରକୁ ଜାଣିଥିବା ଲୋକେ ଖୁବ୍ କମ୍ ଥାଇପାରନ୍ତି, କିନ୍ତୁ ଆଜି ବାସ୍ତୁଶାସ୍ତ୍ର ଜାଣିଥିବା ଲୋକମାନେ ସମାଜରେ ଅନେକ ଦେଖିବାକୁ ମିଳୁଛନ୍ତି । ବାସ୍ତୁଶାସ୍ତ୍ରେ ବାବଦରେ କହିବାକୁ ଗଲେ ଆଜିର ବାସ୍ତୁଶାସ୍ତ୍ର ସତ ନୁହେଁ ସ୍ୱପ୍ନ କହିଲେ ଚଳିବ । ସମସ୍ତେ ବାସ୍ତୁବିତ୍‌ମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ଘର ତୋଳିଥା'ନ୍ତି । ବାସ୍ତୁଶାସ୍ତ୍ର ଅନୁସାରେ ଘର ତୋଳିବା ବିଷୟ ବଡ ବିଚିତ୍ର ବୋଧହୁଏ । ବାସ୍ତୁ ଅନୁସାରେ ତିଆରି ହୋଇନଥିବା ଘରେ ନାନା ଦୁଃଖକଷ୍ଟ ଆସିଥାଏ, ଦ୍ରବ୍ୟନଷ୍ଟ ଘଟିଥାଏ, ପ୍ରାଣହାନୀ ଘଟିଥାଏ ଇତ୍ୟାଦି କହିବା ଯୋଗଶାସ୍ତ୍ରର ବିରୁଦ୍ଧ କଥା । ମଣିଷକୁ ମିଳିଥିବା ଘର ତାକୁ ପ୍ରଥମରୁ ମିଳିଥାଏ ବା ସେ ଜନ୍ମ ହେବାବେଳେ ହିଁ ତା ପାଇଁ ତା ଘର ନିର୍ଣ୍ଣୀତ ହୋଇଯାଇଥାଏ, ଏହାକୁ କେହି ମଧ୍ୟ ମଝିରେ ନିର୍ଣ୍ଣୟ କରିପାରନ୍ତି ନାହିଁ । ଜଣକୁ ତା' ଜୀବନରେ କେଉଁ ପ୍ରକାରର ଘର ମିଳିବ ସେକଥା ଜ୍ୟୋତିଷ୍ୟଶାସ୍ତ୍ରରେ ଥାଏ, କିନ୍ତୁ ସ୍ୱତନ୍ତ୍ର ଭାବରେ ଘର ତୋଳିବାପାଇଁ ବାସ୍ତୁଶାସ୍ତ୍ରଟିଏ ନଥାଏ ବୋଲି ମନେ ରଖନ୍ତୁ ।

ଶାସ୍ତ୍ରଗୁଡିକ ଛଅଗୋଟି ଏବଂ ପୁରାଣଗୁଡିକ ଅଠରଗୋଟି, ଏହା କେବେ ମଧ୍ୟ ବଦଳି ନଥାଏ । ଏହି ଛଅଗୋଟି ଶାସ୍ତ୍ର ଭିତରେ ଗଣିତଶାସ୍ତ୍ର ସହିତ ଜ୍ୟୋତିଷ୍ୟଶାସ୍ତ୍ରର ନିବିଡ ସଂପର୍କ ରହିଛି ତେଣୁ ଗଣିତ ନଥିବା ଜ୍ୟୋତିଷ୍ୟ ନାହିଁ, ଜ୍ୟୋତିଷ୍ୟଶାସ୍ତ୍ର ସହିତ ଖଗୋଳ ଶାସ୍ତ୍ର ଅନୁସନ୍ଧିତ ହୋଇ ରହିଛି, ସେହିଭଳି ଖଗୋଳ ଶାସ୍ତ୍ର ସହିତ ରାସାୟନିକ ଶାସ୍ତ୍ରର, ରାସାୟନିକ ଶାସ୍ତ୍ର ସହିତ ଭୌତିକ ଶାସ୍ତ୍ରର, ଭୌତିକ ଶାସ୍ତ୍ର ସହିତ ଯୋଗ ଶାସ୍ତ୍ରର ନିବିଡ ସଂପର୍କ ରହିଛି । ଭୌତିକ କହିଲେ ଶରୀର ସମ୍ବନ୍ଧୀୟ । ମାନବ ଭୌତିକ ଶରୀର ଧାରଣ କରିଛି । ଶରୀରରେ ଥିବା ଶରୀରଭାଗଗୁଡିକ ସହିତ ରହୁଥିବା ଜୀବାତ୍ମାର ପ୍ରକୃତ ଲକ୍ଷ୍ୟ ହେଉଛି ମୋକ୍ଷ ବା ପରମାତ୍ମାଙ୍କଠାରେ ମିଳିତ ହେବା । ପରମାତ୍ମାଙ୍କଠାରେ ଐକ୍ୟ ହେବା ପାଇଁ ଯୋଗଶାସ୍ତ୍ର ଜାଣିବା ନିହାତି ଆବଶ୍ୟକ ହୋଇଥାଏ । ଗଣିତ, ଜ୍ୟୋତିଷ୍ୟ, ଖଗୋଳ, ରାସାୟନିକ, ଭୌତିକ ନାମକ ପାଂଚଗୋଟି ଶାସ୍ତ୍ର ମାନବ ଜୀବନରେ ଭୌତିକତଃ ଉପଯୋଗ ହୋଇଥାଏ । କେବଳ ଷଷ୍ଠଶାସ୍ତ୍ର ହୋଇଥିବା ଯୋଗଶାସ୍ତ୍ର ଭୌତିକତଃ ନ ହୋଇ ଦୈବିକତଃ ଉପଯୋଗ ହୋଇଥାଏ । ମାନବ ଦୁନିଆରେ ବଂଚିବା ପାଇଁ ପାଂଚଗୋଟି ଶାସ୍ତ୍ର ଉପଯୋଗ ହେଉଥିବା ବେଳେ, ଦୁନିଆକୁ ଛାଡି ପରମାତ୍ମାଙ୍କଠାରେ ଐକ୍ୟ ହେବାପାଇଁ, ଷଷ୍ଠତମ ଶାସ୍ତ୍ର ହୋଇଥିବା ଯୋଗଶାସ୍ତ୍ର ନିହାତି ଆବଶ୍ୟକ ହୋଇଥାଏ । ତା'ହେଲେ ମାନବର ନିହାତି ଜରୁରୀ ହୋଇଥିବା ଯୋଗଶାସ୍ତ୍ରଟି କ'ଣ ? କେଉଁଠାରେ ଅଛି ? ବୋଲି କେତେକ ପଚାରି ପାରନ୍ତି । ସମସ୍ତଙ୍କର ଜରୁରୀ ହୋଇଥିବା ଯୋଗଶାସ୍ତ୍ର ବାବଦରେ, ତା'ର ମୂଲ୍ୟ ବାବଦରେ ପ୍ରଥମେ ଜାଣିବା ଦରକାର, ଏହା ଏକ ମୁଖ୍ୟ ଜ୍ଞାତବ୍ୟ ବିଷୟ ।

ମାନବର ଜୀବନରେ ଦରକାର ହେଉଥିବା ଅତିମୁଖ୍ୟ ଶାସ୍ତ୍ର ହେଉଛି ଯୋଗଶାସ୍ତ୍ର । ଯୋଗଶାସ୍ତ୍ରରେ ମାନବର କର୍ମ ନିର୍ମୂଳ ହେବା ବିଧିବିଧାନ ରହିଛି । କର୍ମ ନିର୍ମୂଳ ସୂତ୍ରଗୁଡିକୁ ମାନବ ବୋଧ କରିପାରେ ନାହିଁ, ତେଣୁ ସ୍ୱୟଂ ପରମାତ୍ମା ଏହି ଶାସ୍ତ୍ରକୁ ଭଗବାନ ରୂପରେ ଆସି ବୋଧ କରିଛନ୍ତି ।

ଭଗବାନ ବୋଧ କରିଥିବା ଯୋଗଶାସ୍ତ୍ର ତିନିଭାଗ ହୋଇ ରହିଛି । ଭୂପୃଷ୍ଠରେ କେତେକ ଦେଶରେ ଯୋଗଶାସ୍ତ୍ରର ଗୋଟିଏ ଭାଗକୁ ଭଗବାନ ଅଧିକ ବୋଧ କରିଛନ୍ତି । ଯେଉଁ ଦେଶରେ ଯେଉଁ ଭାଗ ଦରକାର, ଯେଉଁ ଭାଗକୁ ସେଠିକାର ପ୍ରଜାମାନେ ବୁଝିପାରିବେ ସେହି ଭାଗକୁ ସେହି ଦେଶରେ ହିଁ ଅଧିକ ବୋଧ କରିଛନ୍ତି, କିନ୍ତୁ ଏକମାତ୍ର ଭାରତଦେଶରେ ଯୋଗଶାସ୍ତ୍ରର ତିନିଗୋଟି ଭାଗକୁ ପ୍ରାଞ୍ଜଳ ଭାବରେ ବୋଧ କରିଛନ୍ତି । ଏଠାରେ ସେହି ତିନି ଭାଗରୁ କୌଣସି ଏକ ଭାଗର ଆଚରଣ କଲେ ମଧ୍ୟ ମୋକ୍ଷ ପାଇବାକୁ ସୁଯୋଗ ରହିଛି । ଭାରତ ହେଉଛି ଇନ୍ଦୂଦେଶ, ଅର୍ଥାତ୍ ଜ୍ଞାନଯୁକ୍ତ ଦେଶ । ଜ୍ଞାନ ଅବଗାହନ କରିବା କ୍ଷମତା ଇନ୍ଦୂଠାରେ ରହିଛି । ତେଣୁ ସେ ଯୋଗଶାସ୍ତ୍ରର ତିନିଗୋଟି ଭାଗକୁ ଏଇଠାରେ ସଂପୂର୍ଣ୍ଣ ବୋଧ କରିଛନ୍ତି । ଯୋଗଶାସ୍ତ୍ରର ସେହି ତିନିଗୋଟି ଭାଗ ହେଉଛି **୧) ଜ୍ଞାନଯୋଗ ବା ବ୍ରହ୍ମଯୋଗ, ୨) ରାଜଯୋଗ ବା କର୍ମଯୋଗ, ୩) ଭକ୍ତିଯୋଗ ବା ବିଶ୍ୱାସଯୋଗ ।** ଏଭଳି ତିନି ଭାଗରେ ମିଳିତ ହୋଇଥିବା ଯୋଗଶାସ୍ତ୍ର ଭାରତରେ ବୋଧହେବା ଆମର ସୌଭାଗ୍ୟ ବୋଲି କହିପାରିବା । ସ୍ୱୟଂ ପରମାତ୍ମା ଅଂଶ ଭଗବାନଙ୍କ ଦ୍ୱାରା କୁହାଯାଇଥିବା ତିନିଭାଗ ମିଶ୍ରିତ ଯୋଗଶାସ୍ତ୍ର ହେଉଛି **ଭଗବଦ୍ଗୀତା** ।

ସ୍ୱଚ୍ଛ ଯୋଗଶାସ୍ତ୍ର ଭଗବଦ୍ଗୀତା ଗ୍ରନ୍ଥରେ ଅନ୍ୟ ଦେଶଗୁଡିକରେ କୁହାଯାଇଥିବା ଇତର ଧର୍ମଗ୍ରନ୍ଥଗୁଡିକର ସାରାଂଶ ମଧ୍ୟ ରହିଛି । ତେଣୁ ଭଗବଦ୍ଗୀତାକୁ କୌଣସି ମତାବଲମ୍ବୀ କିମ୍ବା କୌଣସି ଦେଶବାସୀ ଖଣ୍ଡନ କରିପାରିବ ନାହିଁ, ସେମାନଙ୍କ ଧର୍ମଗ୍ରନ୍ଥର ସାରାଂଶ ଭଗବଦ୍ଗୀତାର ଏକ ଏକ ଭାଗ ହୋଇ ରହିବା ଏହାର ବୈଶିଷ୍ଟ୍ୟତା । **ଏତେ ମହାନ ହୋଇଥିବା ଭଗବଦ୍ଗୀତା ମଧ୍ୟ କେତେକ ରଚୟିତାମାନେ କହିଥିବା ଭାବ ଦ୍ୱାରା, ଲେଖିଥିବା ବିବରଣୀ ଦ୍ୱାରା ମହାନତାକୁ ହରାଇ କଳଂକିତ ହୋଇଯାଇଛି** । ଯେଉଁମାନେ ଗୀତାଭାଷ୍ୟ କହିଛନ୍ତି ସେମାନଙ୍କୁ ଭଗବଦ୍ଗୀତାର ମୁଖ୍ୟ ହୋଇଥିବା ତିନିଭାଗ କ'ଣ କ'ଣ ତାହା ଅଜଣା

ରହିଯିବା, ସେମାନେ ପୁରାଣର ଭାବ ସହିତ ତାଦାତ୍ମ୍ୟ ରହିବା, ଭଗବଦ୍ଗୀତା ଏକ ମହାନ ଶାସ୍ତ୍ର ବୋଲି ଜାଣି ନ ପାରିବା ଇତ୍ୟାଦି କାରଣଗୁଡ଼ିକ ଦ୍ୱାରା ଆଜି ଗୀତାର ମୂଲ୍ୟ ଆମରି ଭାରତଦେଶରେ ମଧ୍ୟ ନଗଣ୍ୟ ହୋଇଯାଇଛି । ତେଣୁ ଅନ୍ୟ ମତାବଲମ୍ବୀମାନେ (ଧର୍ମାବଲମ୍ବୀମାନେ) ମଧ୍ୟ ଏହି ଗୀତାକୁ ସମାଲୋଚନା କରିବାକୁ ସୁଯୋଗ ପାଇଛନ୍ତି । ଅନେକ ହିନ୍ଦୁମାନେ ମଧ୍ୟ ଗୀତାକୁ ନୀଚ ଦୃଷ୍ଟିରେ ଦେଖୁଛନ୍ତି । ହିନ୍ଦୁମତ (ଇନ୍ଦୂମତ)ର ମୂଳଗ୍ରନ୍ଥ ଭଗବଦ୍ଗୀତା ବୋଲି ଜାଣିନଥିବା ଅନେକ ଲୋକ ହିନ୍ଦୁମତ (ଇନ୍ଦୂମତ)କୁ ଛାଡି କୋରାନ୍, ବାଇବେଲ୍ ଇତ୍ୟାଦି ମତଗ୍ରନ୍ଥ ରହିଥିବା ଅନ୍ୟମତକୁ ପଳାୟନ କରୁଛନ୍ତି । ସବୁମତର ମୋକ୍ଷସୂତ୍ର ଭଗବଦ୍ଗୀତାର ଏକ ଏକ ଭାଗ ହୋଇଥିବା ବେଳେ, ଇନ୍ଦୂମତକୁ (ହିନ୍ଦୁଧର୍ମକୁ) ଛାଡି ଇତର ମତଗୁଡ଼ିକୁ ଚାଲିଯାଉଛନ୍ତି । କାରଣ ! ଭଗବଦ୍ଗୀତାର ସାରାଂଶ ଏବଂ ତା'ର ମୂଲ୍ୟକୁ ସେମାନେ ବୁଝିନାହାନ୍ତି ବୋଲି ଜଣାଯାଉଛି । ଅନେକ ଲୋକ ଭଗବଦ୍ଗୀତାକୁ ଅନେକ ଭାଷାରେ ଅନୁବାଦ କରିଥିବା ବେଳେ, **ହିନ୍ଦୁଧର୍ମରେ (ଇନ୍ଦୂମତରେ) ଆଜି ପର୍ଯ୍ୟନ୍ତ ପ୍ରାୟ ତିନିଶହରୁ ଅଧିକ ସ୍ୱାମିଜୀମାନେ ଗୀତାଭାଷ୍ୟ ଲେଖିଛନ୍ତି । ଗୀତା ବୋଧକ ବୋଲି କଙ୍କଣ ପିନ୍ଧିଥିବା ଲୋକମାନେ ଏଇ ଦେଶରେ ଅନେକ ରହିଛନ୍ତି; ତଥାପି ଅନେକ ହିନ୍ଦୁ ଏ ମତକୁ ଛାଡି ଚାଲିଯିବା ପରିସ୍ଥିତି କାହିଁକି ଉପୁଜିଛି ! ଏହା ସମସ୍ତଙ୍କପାଇଁ ବିଚାରଣୀୟ ବିଷୟ** । ଆଜି ମଧ୍ୟ ଗ୍ରାମାଞ୍ଚଳରେ ଗୀତା କଅଣ ବୋଲି ଜାଣି ନଥିବା ଲୋକମାନେ ଶତକଡା ୯୦ ଭାଗ ଅଛନ୍ତି । ଏସବୁର କାରଣ ନେଇ ଆଜି ପର୍ଯ୍ୟନ୍ତ ଉଚିତ ବିଧିରେ, ଶାସ୍ତ୍ରବଦ୍ଧ ରୀତିରେ ଗୀତା ବୋଧ କରାଯାଇ ନାହିଁ ବୋଲି କହିପାରିବା । ଶାସ୍ତ୍ରକୁ ଶାସ୍ତ୍ର ଭଳି ବୋଧ ନ କରି ପୁରାଣ ଭଳି ବୋଧ କରିବା ଦ୍ୱାରା, ଅନେକ ପୁରାଣବିଷୟ ଭଗବଦ୍ଗୀତାରେ ମିଶାଇବା ଦ୍ୱାରା, ମୁଖ୍ୟତଃ ମୋକ୍ଷ ପାଇଁ ଭଗବଦ୍ଗୀତା ରହିଛି ବୋଲି ନ ଜଣାଇ, ଭକ୍ତି ଏବଂ ଜୀବନଶୈଳୀ ନିମନ୍ତେ ଗୀତାମାହାତ୍ମ୍ୟକୁ ଏଥିରେ ମିଶାଇବା ଦ୍ୱାରା, ଯୋଗଶାସ୍ତ୍ର ଗୀତା

ତା'ର ମୂଲ୍ୟକୁ ନିଶ୍ଚୟ ହରାଇଛି ବୋଲି ଜଣାଉଛୁ । ଭଗବଦ୍ଗୀତା ଧର୍ମମୟ ହୋଇଥିବା ବେଳେ ଆଜି ତାହା ଅଧର୍ମରେ ପୂର୍ଣ୍ଣ ହୋଇଯାଇଛି ବୋଲି ମୁକ୍ତ କଣ୍ଠରେ ଜଣାଉଛୁ ।

ଭଗବାନ ଜଣାଇଥିବା ସ୍ୱଚ୍ଛ, ଶାସନବଦ୍ଧ, ଯୋଗଶାସ୍ତ୍ର ଭଗବଦ୍ଗୀତା ଏଭଳି ସମୟରେ ଆମର ନିହାତି ଆବଶ୍ୟକ । କୌଣସି ମତାବଲମ୍ବୀ, କୌଣସି ଦେଶବାସୀ ସମାଲୋଚନା କରି ନପାରିବା ଭଳି, ଏହା ଆମ ମତ (ଧର୍ମ) ସଂବନ୍ଧୀୟ ବୋଲି କହି ପାରିବା ଭଳି, ଉନ୍ନତ ଭାବାର୍ଥ ରହିଥିବା ଭଗବଦ୍ଗୀତା ଆଜି ଆମର ନିହାତି ଦରକାର ହେଉଛି । ହେତୁବାଦୀ, ନାସ୍ତିକବାଦୀମାନଙ୍କ ଭିତରେ ରହିଥିବା ସଂଦେହକୁ ଦୂର କରି ସେମାନଙ୍କୁ ମଧ୍ୟ ଆସ୍ତିକବାଦୀମାନଙ୍କଠାରୁ ଉନ୍ନତ ଦୈବବିଶ୍ୱାସୀ କରିପାରୁଥିବା ଭଗବଦ୍ଗୀତାର ଆବଶ୍ୟକ ରହିଛି । ଏଭଳି ଗୀତାକୁ ଚିହ୍ନିବାକୁ ହେଲେ ପ୍ରଥମେ ତା'ର କିଛି ବିବରଣୀ, କିଛି ପରିଚୟ ଜାଣିବାକୁ ହେବ । ଗୀତା ବାବଦରେ ପ୍ରଥମେ ଜାଣିବାକୁ ଯେଉଁ ବିଷୟ ଏଥିରେ ଲେଖିଛୁ ତାହା ହିଁ "ଏଇ ଗୀତା ପରିଚୟ" । ଭଗବଦ୍ଗୀତା କ'ଣ ଜାଣିବାକୁ ହେଲେ ପ୍ରଥମେ ଗୀତାର ପରିଚୟ କିଛି ଜାଣିବାକୁ ହେବ । ଗୀତା ପରିଚୟ ପଢିବା ପରେ ଭଗବଦ୍ଗୀତାକୁ ପ୍ରତ୍ୟେକ ଶ୍ରଦ୍ଧାଳୁ ସହଜରେ ଅବଗାହନ କରିହେବ ।

ଏପର୍ଯ୍ୟନ୍ତ ଶାସ୍ତ୍ର, ପୁରାଣର ବିବରଣୀ କହିଥିବା ଆମେ ଶାସ୍ତ୍ରବଦ୍ଧ ଭାବରେ ଯେଉଁ ଭଗବଦ୍ଗୀତା ଗ୍ରନ୍ଥଟିକୁ ଲେଖିଛୁ ତାହା **"ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା"** । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଆଧ୍ୟାତ୍ମିକ ବିଦ୍ୟାର ଏକ ବଡ ମୋଡ ଭଳି । ଏଥିରେ ଥିବା କଳ୍ପିତ ଶ୍ଳୋକଗୁଡିକୁ କାଢିଦେବା ଏଥିରେ ଏକ ମୂଖ୍ୟ ବିଷୟ ହୋଇଥିବା ବେଳେ, ପ୍ରକୃତ ଭଗବଦ୍ଗୀତା ସତର (୧୭) ଅଧ୍ୟାୟ ବିଶିଷ୍ଟ ବୋଲି କହି ଗୋଟିଏ ଅଧ୍ୟାୟକୁ ବହିସ୍କୃତ କରିଦେବା ଆଉଏକ ଋଞ୍ଚଲ୍ୟସୃଷ୍ଟିକାରୀ ବିଷୟ ହୋଇ ରହିଛି । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତାରେ ପ୍ରାୟ ୫୦ଗୋଟି ଶ୍ଳୋକର ଭାବକୁ ବଦଳାଇ ଲେଖିବା

ମଧ୍ୟ ଆଧ୍ୟାତ୍ମିକ ସମାଜରେ ଏକ ବିପ୍ଳବ ଭଳି । ଗୀତା ଭିତରେ ଥିବା ପୁରାଣ ବିଷୟଗୁଡିକୁ ଖଣ୍ଡନ କରି ସ୍ୱଚ୍ଛ ଗୀତାକୁ ଶାସ୍ତ୍ରଭାବରେ ଅବଧାରଣ କରାଯାଇଛି । ଅନେକ ମୋଡରେ ମୋଡି ହୋଇଥିବା **ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା**କୁ ପାଠକରିବା ଆଗରୁ ଗୀତା ପରିଚୟ ପାଠକଲେ ତାହା ସହଜରେ ବୁଝିହେବ । ଗୀତାରେ ଆଜି ପର୍ଯ୍ୟନ୍ତ କ'ଣ ଅଛି, କ'ଣ ରହିବା ଉଚିତ ଥିଲା ତାହା ଜାଣିବା ପାଇଁ, ଗୀତା ନାମର ଅର୍ଥକୁ ପ୍ରଥମେ ଜାଣି ଗୀତା ପରିଚୟ ଆରମ୍ଭ କରିବା ।

ଗୀତାର ଅର୍ଥକୁ ଅନେକ ପଣ୍ଡିତମାନେ ଅନେକ ଅର୍ଥରେ ଲେଖିଛନ୍ତି, କିନ୍ତୁ ଗୀତା କହିଲେ ଏକ ପରିସୀମା (ଅବଧି) ବୋଲି ଗୀତାଶାସ୍ତ୍ର ଅନୂଯାୟୀ ଶାସ୍ତ୍ରବଦ୍ଧ ଭାବରେ ଆମେ ବର୍ଣ୍ଣନା କରିଛୁ । ତା'ଛଡା ଏକ ଉନ୍ନତ ଭାରତୀୟ ଭାଷାରୁ ଗୀତାର ଅର୍ଥ ରେଖା ବା ସୀମା ବୋଲି ଅର୍ଥ ମିଳିଥାଏ । ସବୁକିଛିର ଏକ ସୀମା ଥାଏ, ସୀମା ଭିତରେ କହିବା, କରିବା, ଶିଖିବା, ଶୁଣିବା ଇତ୍ୟାଦି ପ୍ରତ୍ୟେକ କାର୍ଯ୍ୟ ରହିବା ଉଚିତ୍ । ସୀମା ଲଂଘନ କଲେ ସବୁକିଛି ବ୍ୟତିରେକ ହୋଇଥାଏ । ରାମାୟଣରେ ଦିନେ ଲକ୍ଷ୍ମଣ ମଧ୍ୟ ଏକ ରେଖା ବା ସୀମା ଟାଣି ରାମଙ୍କୁ ଖୋଜିବାକୁ ବଣକୁ ଜାଇଥିଲେ ବୋଲି ସମସ୍ତେ ଜାଣନ୍ତି । ସେହିଭଳି ଏହି ଗୀତା ବା ସୀମା ଭିତରେ ରହିଲେ ଜୀବତ୍ୱର ମୂଲ୍ୟ ଥାଏ, ସୀମା ଲଂଘନ କଲେ ଜୀବତ୍ୱର ବା ମାନବତ୍ୱର ମୂଲ୍ୟ ନଥାଏ ବୋଲି ଭଗବାନ ଆଙ୍କିଥିବା ସୀମାକୁ ଭଗବଦ୍ଗୀତା ବୋଲି କହୁଛୁ । ଲକ୍ଷ୍ମଣ ସେତେବେଳେ ଭୂମି ଉପରେ ଏକ ସୀମା ଟାଣି, ତା'ଭିତରେ ରହିଲେ ତୁମେ ସୁରକ୍ଷିତ ରହିବ, କୌଣସି ବିପଦ ଆସିବ ନାହିଁ ବୋଲି ଜଣାଇ ତାହା ନ ଡେଇଁବା ପାଇଁ ସୀତାଙ୍କୁ କହିଥିବା ଇତିହାସ ଆମ ଦେଶରେ ରହିଛି । ଭଗବାନ ହୋଇ ଉଭବ ହୋଇଥିବା ପରମାତ୍ମା ତାଙ୍କର ଶବ୍ଦ ଦ୍ୱାରା ଜୀବତ୍ୱର ସୀମା ସୃଷ୍ଟିକରି, ଏହି ସୀମା ଲଂଘନ କଲେ ଜୀବତ୍ୱର ମୂଲ୍ୟ ନାହିଁ, ସୀମା ଭିତରେ ରହିଲେ ଜୀବତ୍ୱର ଅର୍ଥ ଅଛି, ଏହି ସୀମା ଭିତରେ

ରହିଲେ ଦୈବତ୍ୱକୁ ପ୍ରାପ୍ତ ହୋଇପାରିବୁ ବୋଲି ଜଣାଇ, କ୍ରମବଦ୍ଧ ଭାବରେ ଯେଉଁ ସୀମା ନିର୍ଣ୍ଣୟ କରିଛନ୍ତି ସେହି ସୀମା ହେଉଛି ଏହି **ଭଗବଦ୍ଗୀତା** ।

ଗୀତା କହିଲେ ସୀମା, ରେଖା ବା ଅବଧି ବୋଲି ଆମେ କହିଲେ, ବୁଝି ପାରୁନଥିବା ଲୋକମାନେ ଏ ଅର୍ଥ କେଉଁ ଅଭିଧାନର ? ଆପଣଙ୍କୁ କିଏ କହିଲା ? ଆମ ଭଳି ବିଜ୍ଞମାନେ ଏ ଅର୍ଥକୁ ଶୁଣି ହସିବୁ ବୋଲି ନ ଭାବି ଆପଣ ଲେଖିଛନ୍ତି ! କହି ଆମକୁ ଚିଠି ମଧ୍ୟ ଲେଖିଛନ୍ତି । ସେମାନଙ୍କୁ ଆମ ତରଫରୁ ଦେବାକୁ ଥିବା ଜବାବ ହେଉଛି ! ଅନ୍ୟମାନେ ଆଜି ପର୍ଯ୍ୟନ୍ତ କହିଥିବା ବିଷୟ, ଲେଖିଥିବା ବିଷୟ ଆମେ କେବେ ଲେଖୁନାହୁଁ କି କହୁନାହୁଁ, ତେଣୁ ଆମ ରଚନାର ପୁସ୍ତକଗୁଡିକରେ ସବୁ ନୂଆ କଥା ଦେଖାଦିଏ । ଶ୍ରୀକୃଷ୍ଣ ଭଗବଦ୍ଗୀତା କହିଥିଲେ ତାହା ସେ ପର୍ଯ୍ୟନ୍ତ କେହି କହିନଥିଲେ, କେହି ଲେଖିନଥିଲେ । ଯୀଶୁ ତାଙ୍କ ଜୀବନରେ କେତେକ କଥା କହିଥିଲେ, ତାହା ତାଙ୍କ ଆଗରୁ କେହିମଧ୍ୟ କହିନଥିଲେ । ଶ୍ରୀକୃଷ୍ଣ ହୁଅନ୍ତୁ, ଯୀଶୁ ହୁଅନ୍ତୁ ଯେଉଁଭଳି କାହାକୁ ଅନୁସରଣ କରି କହିନଥିଲେ ସେହିଭଳି ଆମେ ମଧ୍ୟ କାହାକୁ ଅନୁସରଣ କରି କହୁନାହୁଁ । ଆମ ଦ୍ୱାରା ଲେଖାଯାଉଥିବା ଲେଖାଗୁଡିକର ବିଶେଷତା ରହିଛି ବୋଲି ସମସ୍ତେ କ୍ରମତଃ ଆଗକୁ ଗଲେ ଗ୍ରହଣ କରି ପାରିବେ । ଏବେ ସେହି ପଦ୍ଧତି ଅନୁସାରେ "ଗୀତା"କୁ ଆଉ ଟିକିଏ ସ୍ୱତନ୍ତ୍ର ଭାବ ନେଇ କହିବାକୁ ଗଲେ !


ଗୀତାକୁ ଟଣାଯାଇଥିବା ବା ଅଙ୍କନ କରାଯାଇଥିବା ଏକ ସୀମା ବୋଲି ଆମେ କହିଛୁ । ଏଠାରେ କିଏ ସୀମା ଅଙ୍କନ କରିଛି ବୋଲି ପ୍ରଶ୍ନ କଲେ, ଦୈବ, ଈଶ୍ୱର ବା ପରମାତ୍ମାଙ୍କ ଦ୍ୱାରା ଅଙ୍କନ କରାଯାଇଛି ବୋଲି ଜବାବ ମିଳିଥାଏ । ପରମାତ୍ମା ଦେଖାଯାଆନ୍ତି ନାହିଁ, ସେ କିପରି ଆଙ୍କିଲେ ବୋଲି ପ୍ରଶ୍ନ ଆସେ । ତା'ର ସମାଧାନ ମିଳେ ଯେ ! ଆମ ଶରୀରରେ ଜୀବ ହୋଇଥିବା ଆମେ ମଧ୍ୟ ବାହାରକୁ ଦେଖାଯାଉ ନାହେଁ; ତଥାପି ଆମ ଶରୀରରେ ଦେଖାଯାଉ ନଥିବା ଆମେ (ଜୀବମାନେ) ଆମ ହାତରେ

ରେଖାଟିଏ ଆଙ୍କି ପାରୁଛେ । ସେହିଭଳି ଦେଖାଯାଉ ନଥିବା ପରମାତ୍ମା ପ୍ରକୃତି ନାମକ ନିଜର ଶରୀରରେ ସୀମା ଆଙ୍କିଛନ୍ତି ବୋଲି ଆପଣ କାହିଁକି ଭାବୁନାହାନ୍ତି ? ଏବେ ଆଉଏକ ପ୍ରଶ୍ନ ଆସେ ଯେ, ଜୀବ ଦେଖାଯାଏ ନାହିଁ, ପରମାତ୍ମା ମଧ୍ୟ ଦେଖାଯାଆନ୍ତି ନାହିଁ; ତଥାପି ଦୃଶ୍ୟ ଶରୀରାଙ୍କିତ ସୀମା ଦେଖାଯାଉଛି, କିନ୍ତୁ ଦେଖାଯାଉଥିବା ପ୍ରକୃତି ଦ୍ୱାରା ପରମାତ୍ମା ଆଙ୍କିଥିବା ସୀମା କେଉଁଠାରେ ଅଛି ? ତାହା ତ ଦେଖାଯାଉ ନାହିଁ ? ତାଛଡା କିଛି ଚତୁରମାନଙ୍କଠାରେ ଆଉ ଏକ ପ୍ରକାରର ବିଚାର ମଧ୍ୟ ଆସି "ଶ୍ରୀକୃଷ୍ଣ ମଧ୍ୟ ଆମ ଭଳି ମଣିଷ, ତାଙ୍କ ଶରୀର ଦ୍ୱାରା ଅଙ୍କାଯାଇଥିବା ସୀମା ଗୀତା ପୁସ୍ତକ ଭାବରେ ରହିଛି, ପରମାତ୍ମା ଆମଭଳି ମଣିଷ ନୁହନ୍ତି, ହେଲେ ପ୍ରକୃତି ନାମକ ତାଙ୍କ ଶରୀର ଦ୍ୱାରା ଅଙ୍କିଥିବା ସୀମା କେଉଁରୂପରେ ଅଛି କାହିଁ ଦେଖାଯାଉନାହିଁ ବୋଲି ପ୍ରଶ୍ନ କରି ପାରନ୍ତି । ଏହାର ସମାଧାନ କ'ଣ, ଏହାକୁ କିପରି ବୁଝିବା ତାହା ଏବେ ନିମ୍ନମତେ ଦେଖିବା ।

ଶ୍ରୀକୃଷ୍ଣଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଭଗବଦ୍ଗୀତା ଅନେକଙ୍କ ପାଖରେ ଥାଇପାରେ, ଅନେକଙ୍କ ପାଖରେ ନଥାଇପାରେ, କିନ୍ତୁ ପରମାତ୍ମାଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଗୀତା (ସୀମା) ପ୍ରତ୍ୟେକଙ୍କ ପାଖରେ ରହିଛି । ଖାଲି ମାନବଠାରେ କାହିଁକି, ସମସ୍ତ ଜୀବରାଶିଙ୍କଠାରେ ମଧ୍ୟ ରହିଛି ! ପରମାତ୍ମା ଆଙ୍କିଥିବା ସୀମା ଜୀବ ହୋଇଥିବା ତୋ'ଠାରୁ ଅଲଗା ନୁହେଁ ! ! ତାହା ସବୁବେଳେ ତୋତେ ଲାଗିରହିଛି । ପରମାତ୍ମା ଆଙ୍କିଥିବା ସେହି ସୀମା କ'ଣ ପର ପର୍ଦ୍ଦର ଚିତ୍ରରେ ଦେଖିବା ।

ଭୂପୃଷ୍ଠରେ ଅନେକ ଦେଶ ରହିଛି । ପ୍ରତ୍ୟେକ ଦେଶର ଏକ ଶରହଦ୍ ବା ସୀମାରେଖା ରହିଛି । ଶରହଦ୍‌ରେଖା ଭିତରେ ଥିବା ଅଞ୍ଚଳକୁ ଅମୂକ ଦେଶ କିମ୍ବା ଅମୂକ ରାଜ୍ୟ ବୋଲି ଆମେ କହୁଛେ । ଏହି ପଦ୍ଧତି ଅନୁସାରେ ଆମ ଭାରତଦେଶର ମଧ୍ୟ ଏକ ସୀମାରେଖା ରହିଛି । ସେହିଭଳି ସାରା ଦୁନିଆର, ସବୁ ଦେଶର ମଧ୍ୟ ଏକ ଏକ ସୀମା ରହିଛି । ଅନେକ

ଜୀବରାଶି ମଧ୍ୟ ଏହି ପ୍ରପଞ୍ଚରେ (ପଞ୍ଚଭୂତ ଭିତରେ) ରହିଛନ୍ତି । ପ୍ରତି ଜୀବରାଶିର  ଶରୀର ଏକ ଏକ ବିସ୍ତିର୍ଣ୍ଣତା ବା ଆକାର ନେଇ ରହିଛି । ଏହି ନିୟମ ଅନୁସାରେ ମାନବ ଶରୀରର ମଧ୍ୟ ଏକ ଆକାର ରହିଛି । ଦେଶର  ସୀମା  ଭିତରେ ସେ ଦେଶର ପରିପାଳନ, ଶାସନ ବ୍ୟବସ୍ଥା ରହିଛି । ସେହିଭଳି ଶରୀରରସୀମା ଭିତରେ ସେ ଶରୀରର ପରିପାଳନା, ଶାସନ ବ୍ୟବସ୍ଥା ମଧ୍ୟ ରହିଛି । ଦେଶର ପରିପାଳନ ସେ ଦେଶର ପରିଧି ନାମକ  ସୀମା ଭିତରେ ରହିଥାଏ । ସେହିଭଳି ଶରୀରର ପରିପାଳନ ବ୍ୟବସ୍ଥା ଶରୀରର ପରିଧି ଭିତରେ ଥାଏ । ଦେଶର ଜଣେ ରାଜା ଥିବା ଭଳି, ଶରୀର ଭିତରେ ଜୀବ ନାମକ ଜଣେ ରାଜା ଥାଏ । ଦେଶର ରାଜା


ଦୈବନିର୍ମିତ ଗୀତା

**୧. ଏହା ହିଁ ଦୈବନିର୍ମିତ ଗୀତା (ସୀମା), ଏହି ଗୀତା (ଶରୀରସୀମା) ଡେଇଁ କୌଣସି ଧର୍ମ ନାହିଁ ।**

**୨. ଏହି ଭିତରେ ଭଗବାନ କହିଥିବା ଶ୍ଲୋକଗୁଡିକ ରହିଛି ।**

**୩. ଏହି ଗୀତା ବାହାରେ (ଶରୀର ବାହାରେ) କେହି ଭଗବଦ୍ଗୀତାର ଗୋଟିଏ ଶ୍ଲୋକକୁ ମଧ୍ୟ ଦେଖାଇପାରିବେ ନାହିଁ ।**

**୪. ଶ୍ରୀ ଭଗବଦ୍ଗୀତାହିଁ ଏହି ଗୀତା (ଶରୀରସୀମା), ଏହି ଗୀତା ହିଁ ଶ୍ରୀ ଭଗବଦ୍ଗୀତା ।**

**୫. ଈଶ୍ୱର (ପରମାତ୍ମା) ସୃଷ୍ଟି କରିଛନ୍ତି ଏହି ସୀମାରେଖା,  ଭଗବାନ କହିଛନ୍ତି ଭଗବଦ୍ଗୀତା ।**

ତା'ର କେତେଜଣ ପରିବାରଙ୍କୁ (ଶାସକ ସଭ୍ୟଙ୍କୁ) ନେଇ ରହିଥିବା ଭଳି, ଶରୀରରେ ଥିବା ଜୀବ ନାମକ ରାଜାର ୨୫ ଜଣ ପରିବାର ଥାଆନ୍ତି । ରାଜା ଗୋଟିଏ ସ୍ଥାନରେ ବସି ତାଙ୍କ ପରିବାର (ପରିପାଳକ ବର୍ଗ) ଦ୍ୱାରା ରାଜ୍ୟ ପାଳନ କରୁଥିବା ଭଳି, ଶରୀରର ଜୀବ ଶରୀରରେ ଗୋଟିଏ ସ୍ଥାନରେ ରହି ତା'ର ପରିବାର ଦ୍ୱାରା ଶରୀର ପରିପାଳନ କରିଥାଏ । ଦେଶ ପରିଧିର ପରିପାଳନାକୁ ଜଣାଇଥାଏ ରାଜବିଧି (ଆଇନ୍ ବା low), ସେହିଭଳି ଶରୀର ପରିଧିର ଯନ୍ତ୍ରାଙ୍ଗଗୁଡିକୁ ଜଣାଇଥାଏ ଧର୍ମ । ରାଜବିଧି ଦେଶର ପରିଧି ଭିତରେ ଥିବା ଭଳି, ଧର୍ମ ଶରୀରର ପରିଧି ଭିତରେ ରହିଛି । ରାଜବିଧିରେ ନ୍ୟାୟ, ଅନ୍ୟାୟ ଥିବା ଭଳି, ଧର୍ମରେ ପାପପୁଣ୍ୟ ରହିଥାଏ । ଦେଶର ରାଜବିଧି ନ୍ୟାୟ ଓ ଅନ୍ୟାୟକୁ ନିର୍ଣ୍ଣୟ କରୁଥିବା ଭଳି, ଶରୀରର ଧର୍ମ ପାପ ଓ ପୁଣ୍ୟକୁ ନିର୍ଣ୍ଣୟ କରିଥାଏ ।

ଦେଶର ପରିସୀମାକୁ ପରିଶୀଳନ କଲେ ତାହା କେଉଁ ଦେଶ, ସେ ଦେଶର ପରିପାଳନା କ'ଣ ଜଣାପଡିଥାଏ । ସେହିଭଳି ଶରୀରର ପରିସୀମାକୁ ପରିଶୀଳନ କଲେ ତାହା କେଉଁ ଦେହ, ତା'ର ଧର୍ମ କ'ଣ ଜଣାପଡିଥାଏ । ପରିପାଳନା କ'ଣ ଦେଶ ସୀମାରୁ ଜାଣିପାରିବା ଭଳି, ଧର୍ମ କ'ଣ ଜାଣିବାକୁ ହେଲେ ଦେହସୀମାରୁ ଜାଣିହୁଏ । ତୋ' ଶରୀରର ଭିତର ଧର୍ମସବୁ କ'ଣ ତାହା ଜାଣିବାକୁ ହେଲେ ଶରୀରଗୀତା (ଶରୀରସୀମା) ଭିତରୁ ତୋତେ ଜାଣିବାକୁ ହେବ । ଦେହ (ଶରୀର) ଭିତରେ ଥିବା ସ୍ଥୁଳ, ସୂକ୍ଷ୍ମ ବିଷୟର ବିବରଣୀ ଜଣାଇଥାଏ ଶରୀରସୀମା (ଗୀତା), ତାହା ହିଁ ଭଗବଦ୍ଗୀତା । **ଭଗବଦ୍ଗୀତାର ପ୍ରତ୍ୟେକ ଶ୍ଳୋକ ଶରୀରର ପରିଧି ଭିତରେ ଥିବା ଧର୍ମଗୁଡିକୁ ଜଣାଇଛି । ତାର କୌଣସି ଶ୍ଳୋକ ଶରୀର ପରିଧି ଡେଇଁ ଅନ୍ୟ କିଛି ଜଣାଇ ନାହିଁ** । ଶରୀର ପରିଧି ହିଁ ଧର୍ମର ନିଳୟ, ତେଣୁ ଶରୀରପରିଧି ଭିତରେ ଯାହା କୁହାଯାଇଛି ତାହାକୁ ହିଁ ଗୀତା ବୋଲି କୁହାଯାଇଛି । ତାଛଡା ପରମାତ୍ମା ଭଗବାନ ହୋଇ କହିଥିବାରୁ ତାହାକୁ ଭଗବତ୍‌ଗୀତା (ଭଗବଦ୍ଗୀତା) କୁହାଯାଇଛି ।

ସୂକ୍ଷ୍ମଦୃଷ୍ଟିରେ ଦେଖିଲେ ତୋ'ର ସୀମା ଭିତରେ ଯାହା ରହିଛି ତାହାହିଁ ଭଗବଦ୍ଗୀତା ନାମକ ଗୀତାଗ୍ରନ୍ଥରେ ରହିଛି । ପରମାତ୍ମା ମାନବର ଚିନ୍ତାଧାରାକୁ ଅନେକ ସିଦ୍ଧାନ୍ତ ଯୋଗାଇଦେଇଥିବା ଭଳି ଗୀତା ନାମକ ଶବ୍ଦ ମଧ୍ୟ ଯୋଗାଇ ଦେଇଛନ୍ତି । ଗୀତା କହିଲେ ରେଖା ବା ସୀମା ସିନା, ଆଉ କିଛି ହୋଇ ନ ପାରେ । ମାନବକୁ ନିଜର ସୀମା କ'ଣ ଚିହ୍ନାଇବା ପାଇଁ ରୂପହୀନ ପରମାତ୍ମା ଭଗବାନ ହୋଇ ଦୃଶ୍ୟସୀମା ଭଗବଦ୍ଗୀତାକୁ ଅଙ୍କନ କରିଥିଲେ । ସର୍ବ ଜଗତର ପିତା ରୂପ, ନାମ, କ୍ରିୟା ହୀନ ଈଶ୍ୱର ବା ପରମାତ୍ମା ପ୍ରକୃତି ଦ୍ୱାରା ଏକ ସୀମା ତିଆରି କରି ତା'ଭିତରେ ଜୀବକୁ ସ୍ଥାପନ କରି ଏହି ସୀମା ଭିତରେ ତୋତେ ରହିବାକୁ ହେବ ବୋଲି ସୃଷ୍ଟି ପ୍ରାରମ୍ଭରୁ କହିଥିଲେ ମଧ୍ୟ ତାହା ଶୁଣି ପାଶୋରି ଦେଇଥିବା ମାନବକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇଦେବା ପାଇଁ ଦୃଶ୍ୟରୂପର ଯେଉଁ ସୀମା ଆଙ୍କିଥିଲେ ତାହା ହିଁ ଭଗବଦ୍ଗୀତା । ଆଗରୁ ମଧ୍ୟ କହିଥିଲୁ ଯେ, ଏକ ଭାରତୀୟ ଭାଷାରେ (ତେଲୁଗୁ) ଗୀତାର ଅର୍ଥ ରେଖା । ପରମାତ୍ମା ତାହା କାହିଁକି ପ୍ରକୃତି ଦ୍ୱାରା ଲେଖାଇଥିଲେ ନ ବୁଝି ଯଦି ପ୍ରଶ୍ନ କରିବା ତେବେ ସେଭଳି ଲେଖାଇବା ଦ୍ୱାରା ଦିନେନା ଦିନେ ମାନବର ବୁଦ୍ଧିରେ ସଂଦେହ ଆସି ତାହା କେଉଁ ଗୀତା ? କେଉଁ ସୀମା ? ବୋଲି ପ୍ରଶ୍ନ କରି ତା'ର ଜବାବ ଖୋଜିବ ! ଜବାବ ପାଇଲେ ଗୀତାର ଧର୍ମକୁ ବୁଝି ପାରିବ ! ଏହାହିଁ ଥିଲା ତାଙ୍କ ଉଦ୍ଦେଶ୍ୟ । ଜୀବର ମଙ୍ଗଳ ପାଇଁ ପରମାତ୍ମା ଗୀତାକୁ ସୀମା ଭାବରେ ଆମକୁ ପରିଚୟ କରାଇଥିବା ବେଳେ ତାହା ଜାଣିବା ପାଇଁ କେତେକଙ୍କ ବୁଦ୍ଧିରେ ବିଚାର ନ ଆସି, ତାହା କେଉଁ ଅଭିଧାନର ଅର୍ଥ ବୋଲି ଯଦି ପଚାରନ୍ତି; ତେବେ ସେମାନଙ୍କୁ କ'ଣ କହିବା ଆପଣମାନେ ବିଚାର କରନ୍ତୁ । ଅଭିଧାନ (ନିର୍ଘଂଟ-ଡିକ୍ସିନାରି) ରେ ଭୌତିକ ଅର୍ଥ ଥାଇପାରେ, କିନ୍ତୁ ପରମାତ୍ମା ଭାବ ବା ପରମଭାବ ମିଳିବ ନାହିଁ । ଯଦି ମିଳୁଥାଆନ୍ତା ତେବେ ପରମାତ୍ମା ଭୂପୃଷ୍ଠକୁ ଆସି ତାଙ୍କ ଜ୍ଞାନ ଏଇଆ ବୋଲି କହିବା ଆବଶ୍ୟକ ନଥା'ନ୍ତା । ଧର୍ମ ଅଧର୍ମରେ ପରିଣତ ହେବାବେଳେ ପରମାତ୍ମା ଆସି ତାଙ୍କ ଜ୍ଞାନ ଜଣାଇଥା'ନ୍ତି ବୋଲି

କହିଛନ୍ତି । ପରମାତ୍ମା ଭଗବାନ ହୋଇ ଭୂପୃଷ୍ଠକୁ ଆସିବା ବେଳେ ଅଧର୍ମୀମାନଙ୍କୁ ଧର୍ମ ରୁଚେ ନାହିଁ । ତେଣୁ କୃଷ୍ଣ ଜନ୍ମରେ, ଯୀଶୁ ଜନ୍ମରେ ସେମାନଙ୍କ କଥାକୁ ଧିକ୍କାର କରିଥିବା, ସେମାନଙ୍କୁ ନାନା କଷ୍ଟ ଦେଇଥିବା ଲୋକମାନେ ଅନେକ ଥିଲେ । ସେଦିନ ସ୍ୱୟଂ ଭଗବାନଙ୍କୁ ଧିକ୍କାର କରିଥିବା ଲୋକମାନେ ଥିବାବେଳେ, ଆଜି ଆମକୁ ଧିକ୍କାର କରିବା ଲୋକମାନେ ଅନେକ ଥାଇ ପାରନ୍ତି । ସେଭଳି ଲୋକମାନଙ୍କୁ ଦୃଷ୍ଟି ନଦେଇ, ଦୈବଜ୍ଞାନ ଉପରେ ଶ୍ରଦ୍ଧା ରଖୁଥିବା ଲୋକମାନଙ୍କୁ ବାସ୍ତବ ଜ୍ଞାନ ଯୋଗାଇ ଦେବାକୁ ଆମ ଉଦ୍ଦେଶ୍ୟ କରି, **ଗୀତା କହିଲେ ଈଶ୍ୱରଙ୍କ ଦ୍ୱାରା ଟଣାଯାଇଥିବା ସୀମା** ବୋଲି ପ୍ରକୃତ ଅର୍ଥକୁ କହିଛୁ ।

ଧର୍ମଗୁଡିକୁ କହି ଭଗବାନ ଟାଣିଥିବା ସୀମାକୁ ଆପଣମାନଙ୍କ ପାଖରେ ପହଞ୍ଚାଇବାକୁ ଆମେ ଭାବିଛୁ, କିନ୍ତୁ ଏକ ମୁଖ୍ୟ ସୂଚନା ହେଉଛି ଯେ, ସୁସ୍ଥ ଲୋକପାଇଁ ନହୋଇ ରୋଗୀପାଇଁ ଚିକିତ୍ସାଆବଶ୍ୟକ ହେଉଥିବା ଭଳି, ଏପର୍ଯ୍ୟନ୍ତ ଆତ୍ମାବାଦୀମାନଙ୍କ ବ୍ୟତୀତ ଆସ୍ତିକ,ନାସ୍ତିକ, ହେତୁବାଦୀ ମାନଙ୍କପାଇଁ ମଧ୍ୟ ଆମବାଣୀ ଉପଯୋଗୀ ହୋଇଛି । କେବଳ ନାସ୍ତିକବାଦୀ ମାନଙ୍କଠାରୁ କେତେକ ଅସନ୍ତୋଷ ବିଷୟ ଆସିଥିଲେ ମଧ୍ୟ ହେତୁବାଦୀ, ଆସ୍ତିକବାଦୀ, ନାସ୍ତିକବାଦୀମାନେ ଆମ ବାଣୀ ବୋଧ ଦ୍ୱାରା ପ୍ରକୃତ ଆତ୍ମବାଦୀ ହୋଇପାରିବା ଆମକୁ ଅଧିକ ଉତ୍ସାହିତ କରିଛି । ତେଣୁ ହେତୁବାଦୀ, ଆସ୍ତିକବାଦୀ, ନାସ୍ତିକବାଦୀମାନଙ୍କୁ ମଧ୍ୟ ବୁଝା ପଡିବା ଭଳି, ସେମାନେ ମୋକ୍ଷ ପାଇପାରିବା ଭଳି, ସମସ୍ତଙ୍କୁ ଜବାବ ଦେଇପାରିବା ଭଳି ଭଗବଦ୍ଗୀତା ଲେଖିବୁ ବୋଲି ଭାବିଛୁ । ଆମେ ଲେଖୁଥିବା ଭଗବଦ୍ଗୀତାରେ ଅନେକ ନୂଆ, ଅଦ୍ଭୁତ ତଥା ଆଶ୍ଚର୍ଯ୍ୟଜନକ ବିଷୟ ନିଶ୍ଚୟ ବହିର୍ଗତ ହେବ ବୋଲି ଆଗରୁ ଜଣାଉଛୁ ।

ଅନେକ ପ୍ରଶଂସା, ଅନେକ ବିମର୍ଷ (ଅସନ୍ତୋଷତା)କୁ ସମ୍ମୁଖୀନ କରିଥିବା ଆମେ ସବୁକିଛିକୁ ବିଚାର କରି, ସତ୍‌ବିମର୍ଶ (ତର୍କ)ଗୁଡିକୁ ସମ୍ମୁଖୀନ କରିପାରୁଥିବା ଭଳି, ସତ୍ୟକୁ ପ୍ରକଟିତ କରିବା ଭଲ ବୋଲି

ନିର୍ଣ୍ଣୟ ନେବା ଆମ ପାଇଁ ସନ୍ତୋଷକର ବିଷୟ । ଗୀତାରେ ଶ୍ରୀକୃଷ୍ଣ ମଧ୍ୟ ଗୋଟିଏ କଥା କହିଥିଲେ, "ମାନବର ଆବଶ୍ୟକୀୟ ସୁଖ ପାଇଁ ବେଦାର୍ଥ ରହିଛି, ତାହା ଦୁଃଖ ଦୂରକରି ସୁଖପ୍ରାପ୍ତି ପାଠ ଶିଖାଇଥାଏ, ବେଦ ବାଦୀମାନେ ଏ ବାବଦରେ ନାନା ଉପମାଖଚିତ ମଧୂରବାଣୀ ବୋଧ କରାଉଛନ୍ତି, ସେଗୁଡିକୁ ଯେଉଁମାନେ ଶୁଣୁଛନ୍ତି ସେମାନେ ସେମାନଙ୍କ ସୁଖ ପାଇଁ ଦୈବପ୍ରାର୍ଥନା ଏବଂ ନାନା କ୍ରିୟାଦି କରିଥା'ନ୍ତି ।' ଭଗବାନ ଶ୍ରୀକୃଷ୍ଣ କହିଥିବା ବାଣୀ ଅନୁସାରେ ସେଭଳି ମିଠାବଚନ ଆମ କଥାରେ ନଥିବାରୁ କେତେକଙ୍କୁ ତାହା ରୁଚୁ ନାହିଁ । ସୁଖରେ ଆଶକ୍ତିଥିବା ଲୋକମାନେ ସୁଖ ପାଇଁ ନାନା ପୁଜା କରିଥା'ନ୍ତି, କିନ୍ତୁ ସେମାନଙ୍କୁ ଆତ୍ମଜ୍ଞାନ ବୁଝାପଡିନଥାଏ ବୋଲି ଶ୍ରୀକୃଷ୍ଣ ମଧ୍ୟ ଗୀତାରେ କହିଛନ୍ତି । ଏହିଭଳି ଆଜି ଅନେକ ଲୋକେ ଏହି ମାର୍ଗରେ ହିଁ ରହିଛନ୍ତି । ତା'ଛଡା ବୋଧ କରୁଥିବା ବୋଧକମାନେ ମଧ୍ୟ ଭଗବଦ୍ଗୀତାର ଶ୍ଳୋକଗୁଡିକୁ ମନ୍ତ୍ର ଭଳି ଜପ କରୁଛନ୍ତି, ଅନର୍ଗଳ ବ୍ୟାଖ୍ୟା କରୁଛନ୍ତି ସିନା, ସେଥିରେ ଥିବା ଉନ୍ନତ ଭାବକୁ ଗ୍ରହଣ କରିପାରୁ ନାହାନ୍ତି ।

ଆମ ବାଣୀଗୁଡିକ କୌଣସି ଭୌତିକ କାର୍ଯ୍ୟରେ ଲାଗିପାରିବ ନାହିଁ । ତେଣୁ ଆଜିର ଆଶାଭରା ସମାଜରେ ଆମକଥା ଆଦର ପାଇପାରିବ ନାହିଁ ବୋଲି ଆମେ ଜାଣିଛୁ; ତଥାପି ସତ୍ୟକୁ ଜଣାଇ ମଣିଷକୁ ଶାଶ୍ୱତ ମୋକ୍ଷାଶକ୍ତ କରିବା ପାଇଁ ଆମର ଆକାଂକ୍ଷା ରହିଛି । ଆମ ବାଣୀ ଦ୍ୱାରା, ଏହି ଗୀତା ବିବରଣୀ ଦ୍ୱାରା ସମସ୍ତେ ନ ବଦଳି ହଜାରେ ମଣିଷରେ କେହି ଜଣେ ବଦଳିଲେ ମଧ୍ୟ ଆମର ପରିଶ୍ରମ ବୃଥା ହେବ ନାହିଁ ବୋଲି ଭାବିବୁ ଏବଂ ଆମ ଉଦ୍ଦେଶ୍ୟ ଫଳଦାୟୀ ହେଲା ବୋଲି ଭାବିବୁ ।

ଗୀତା କହିଲେ ଏକ ରେଖା, ମାନବକୁ ସୂଚୀତ କରୁଥିବା ଏକ ସୀମା, ଯାହା ଭିତରେ ରହି ମଣିଷ ନିଜର କଲ୍ୟାଣ କରିପାରିବ ବୋଲି ଭଗବାନ କହିଛନ୍ତି ସିନା, ତାହା ଅମୂକ ମତାବଲମ୍ବୀମାନଙ୍କ ପାଇଁ ବୋଲି

କହିନାହାନ୍ତି । ତେଣୁ ଗୀତା ସମସ୍ତ ମଣିଷଜାତିର ଶାସନ ରୂପୀ ଶାସ୍ତ୍ର ବୋଲି ଜାଣିବା ଉଚିତ୍ । ସେଥିରେ କୁହାଯାଇଥିବା ବିଷୟ ମଣିଷ ଜାତିର ମାଙ୍ଗଳିକ ବିଷୟ ହୋଇଥିବା ସ୍ଥଳେ, ଗୀତା କେବଳ ହିନ୍ଦୁମାନଙ୍କର ବୋଲି ଅନ୍ୟ ମତାବଲମ୍ବୀମାନେ ଭାବିବା ଶୋଚନୀୟ ବିଷୟ । ବହୁଶା କହିଥିବା ମଣିଷ ଅନୁସାରେ ସେଦିନ ସେ ଯେଉଁ ମତର ଥିଲେ, ସେହି ମତର ବୋଲି ଭାବି କେତେକ, ଗୀତାକୁ ହିନ୍ଦୁମତରେ ସୀମିତ କରି ଦେଇଥାଇ ପାରନ୍ତି । ଭଗବଦ୍ଗୀତା ପ୍ରକଟିତ ହୋଇଥିବା ପ୍ରାୟ ୫୧୫୦ ବର୍ଷ ତଳେ କୌଣସି ମତ (ଧର୍ମ) ନଥିଲା ବୋଲି ଅବଗାହନ କରିପାରିଲେ ଗୀତା ଆଜି ସମସ୍ତଙ୍କର ବୋଲି ବୁଝିପାରିବେ । ଗୀତାର ବିଷୟଗୁଡ଼ିକ ଜନ୍ମିତ ଜୀବ ପାଇଁ ହୋଇଥିବାରୁ, ପ୍ରତ୍ୟେକ ମତର ମଣିଷ ଏକ ଏକ ଜନ୍ମିତ ଜୀବ ହୋଇଥିବାରୁ, ସେହି ବିଷୟ ସର୍ବ ମାନବଜାତି ସମ୍ବନ୍ଧୀୟ ବୋଲି ଜଣାଯାଏ । ତେଣୁ ଜାତି, ଲିଙ୍ଗ ଭେଦରେ ସମସ୍ତେ ଏକମତ ହୋଇ ଗୀତାକୁ ସମସ୍ତେ ପଢ଼ିପାରିବେ । ବାଇବେଲ୍ ଖ୍ରୀଷ୍ଟିଆନମାନଙ୍କର, କୋରାନ୍ ମୁସଲ୍‌ମାନ୍‌ମାନଙ୍କର ହୋଇଥିବା ଭଳି ଭଗବଦ୍ଗୀତା କେବଳ ହିନ୍ଦୁମାନଙ୍କର ବୋଲି ଅନେକ ଲୋକ ଭାବୁଛନ୍ତି । ବାଇବେଲ୍‌ରେ ଖ୍ରୀଷ୍ଟ, କୋରନରେ ମୁସ୍ଲିମ୍ ନାଆଁ ରହିବା ଦ୍ୱାରା ସେହି ଗ୍ରନ୍ଥଗୁଡ଼ିକ ସେହି ସେହି ମତର ଗ୍ରନ୍ଥ କହିବାରେ କିଛି ଅର୍ଥ ଥାଇପାରେ, ହେଲେ ଭଗବଦ୍ଗୀତାରେ କୌଣସି ମତର ନାଆଁ ନାହିଁ, କହିଥିବା ମଣିଷ ଜଣେ ପ୍ରବକ୍ତା ମଧ୍ୟ ନୁହନ୍ତି, ତେଣୁ ତାହାକୁ ଏକ ମତଗ୍ରନ୍ଥ କହିବାରେ କିଛି ଅର୍ଥ ନାହିଁ । ଅର୍ଥାତ୍ ଦଳୀୟ ଭାବ ନେଇ ଧର୍ମଗ୍ରନ୍ଥ କହିବାରେ କିଛି ଅର୍ଥ ନାହିଁ ।

(ସୂଚନା:- ଆମେ ଅନେକ ସନ୍ଦର୍ଭରେ "ମତ" ଲେଖି ତା ପାଖରେ ବନ୍ଧନୀ ଭିତରେ (ଧର୍ମ) ଲେଖିଆସିଛୁ । ଆମେ ଯାହାକୁ ଧର୍ମ କହୁଛେ ତାହା ବାସ୍ତବରେ ସମ୍ପ୍ରଦାୟୀକ ରୀତିନୀତି ବୋଲି ସ୍ପଷ୍ଟ ବୁଝାପଡୁଛି, ଧର୍ମ କହିଲେ ଯାହା ସହଜାତ ଏବଂ ସମାନ ଭାବରେ ସମସ୍ତଙ୍କଠାରେ ରହିଥାଏ, ତେଣୁ

ସାମ୍ପ୍ରଦାୟୀକ ରୀତି ଏକ ବର୍ଗ ଭିତରେ ସୀମିତ ହୋଇଥିବାରୁ ତାହାକୁ ଧର୍ମ କହିବା ଅଶାସ୍ତ୍ରୀୟ ହୋଇଥାଏ । ଏହି ଦୃଷ୍ଟିରୁ ଆମେ ଧର୍ମ ଜାଗାରେ ମତ ଲେଖିଛୁ । – ଅନୁବାଦକ )

ଭଗବଦ୍ଗୀତାକୁ ବୁଝିଲେ ସର୍ବ ମାନବଜାତିର ଅଧିପତି ଈଶ୍ୱର ବା ପରମାତ୍ମା (ଆଲ୍ଲାଃ, ୟହୋବା) ଜଣେ ବୋଲି ବୁଝାଯାଏ । ତେଣୁ ସର୍ବାଧିକାରୀ ପରମାତ୍ମାଙ୍କୁ ଜାଣିବା ପାଇଁ ଭଗବଦ୍ଗୀତା ପାଠକରନ୍ତୁ ବୋଲି ଆଶା କରୁଛୁ । ବହୁଶା ଅନେକ ଲୋକ ଭଗବଦ୍ଗୀତା ପଢିଥିବେ । ସେଥିରେ ବିଚାରବନ୍ତମାନଙ୍କଠାରେ ଅନେକ ସନ୍ଦେହ ମଧ୍ୟ ଆସିଥାଇ ପାରେ, ସେମାନଙ୍କର ସେହି ସନ୍ଦେହ ଦୂର ନହୋଇ କେତେକ ଗୀତାଠାରୁ ଦୂର ହୋଇଥାଇ ପାରନ୍ତି, କେତେକ ନାସ୍ତିକ ଭାବରେ ବଦଳିଥାଇ ପାରନ୍ତି । ସେହିଭଳି ଲୋକମାନଙ୍କ ଉପରେ ଦୃଷ୍ଟିଦେଇ ସେମାନଙ୍କଠାରେ ଉଦ୍ଭବ ହୋଇଥିବା ସନ୍ଦେହଗୁଡିକୁ ଯୋଗାଡ କରି ସେଗୁଡିକର ଉଚିତ ସମାଧାନ କରିବା ପୂର୍ବକ ଆମ ଦ୍ୱାରା ଭଗବଦ୍ଗୀତା ଲେଖିବା ହୋଇଛି । ପାଠକରୁଥିବା ପାଠକପାଠିକାମାନେ ଆମକଥାକୁ ଅନ୍ଧବତ୍ ଗ୍ରହଣ ନକରି,ବିଚାର ପୂର୍ବକ ଏକ ନିର୍ଣ୍ଣୟରେ ପହଞ୍ଚନ୍ତୁ । ଏଥିରେ ଆମେ କହିଥିବା ବିଷୟଗୁଡିକ କେଉଁଠାରୁ ଶୁଣି ନଥିବେ । ତା'ଛଡା ଆମେ ଏଥିରେ କହିଥିବା ଭଳି ପୂର୍ବରୁ କେହି ନକହି ଅନ୍ୟ ପ୍ରକାରରେ କହିଥାଇ ପାରନ୍ତି; ତଥାପି ବାସ୍ତବିକତାକୁ ଆପଣମାନେ ବୁଝିପାରିବେ ନାମକ ଭାବ ନେଇ ଲେଖୁଛୁ ।

ଭଗବଦ୍ଗୀତାକୁ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ କହିଥିଲେ ବୋଲି ସମସ୍ତେ ଜାଣନ୍ତି । ଭଗବଦ୍ଗୀତା କହିବାବେଳେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ, **"ଏହି ରହସ୍ୟ ଜ୍ଞାନକୁ, ମୁଁ କେବଳ ତୋତେ କହୁଛି"**। ତେବେ ସେତେବେଳେ କେବଳ ଅର୍ଜୁନଙ୍କୁ ଜଣାପଡିଥିବା ବିଷୟସବୁ ସଞ୍ଜୟ କିପରି ଶୁଣିଲେ ? ଏହା ଏକ ହେତୁବଦ୍ଧ ପ୍ରଶ୍ନ । ଦୂରଦୃଷ୍ଟି ଏବଂ ଦୂରଶ୍ରବଣ ଶକ୍ତି ସଞ୍ଜୟଙ୍କର ଥିଲା, ତା'ଛଡା ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ କହୁଥିବା ବିଷୟ

ଶ୍ରୀକୃଷ୍ଣଙ୍କ ଅଜାଣତରେ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଥିଲେ ବୋଲି ଯଦି ଭାବିବା, ତେବେ ବିଶ୍ୱରୂପ ଦେଖାଇବା ସମୟରେ **"ପ୍ରକୃତି ଚକ୍ଷୁରେ ମୋର ବିଶ୍ୱରୂପକୁ ଦେଖି ପାରିବୁ ନାହିଁ, ମୋର ବିଶ୍ୱରୂପ କେବଳ ଜ୍ଞାନଚକ୍ଷୁକୁ ଦେଖାଯାଏ, ଦେବତାମାନେ ମଧ୍ୟ ଆଜିଯାଏଁ ଦେଖିନଥିବା ମୋର ବିଶ୍ୱରୂପକୁ କେବଳ ତୋତେ ଦେଖାଇବି, ତାହା ଦେଖିବା ପାଇଁ ତୋତେ ଜ୍ଞାନଚକ୍ଷୁ ଦେଉଛି"** ବୋଲି ଭଗବାନ ଶ୍ରୀକୃଷ୍ଣ କହି କେବଳ ଅର୍ଜୁନଙ୍କୁ ସ୍ୱତନ୍ତ୍ର ଜ୍ଞାନଚକ୍ଷୁ ଦେଇ ବିଶ୍ୱରୂପ ଦେଖାଇଥିବା ବେଳେ, ସଞ୍ଜୟ କେଉଁ ଦୃଷ୍ଟିରେ ବିଶ୍ୱରୂପ ଦେଖି ଧୃତରାଷ୍ଟ୍ରଙ୍କୁ କହିଥିଲେ ? ଏହା ମଧ୍ୟ ଏକ ଉନ୍ନତ ହେତୁବଦ୍ଧ ପ୍ରଶ୍ନ ହୋଇଥାଏ । ଏଇଠି ଆମକୁ ବିଚାର କରିବାକୁ ପଡିବ ଯେ, ଅର୍ଜୁନଙ୍କ ସହିତ ସଞ୍ଜୟ ମଧ୍ୟ ବିଶ୍ୱରୂପକୁ ଦେଖିଛନ୍ତି । କିନ୍ତୁ "ଯାହା କେହି ଦେଖି ନାହାନ୍ତି ତାହା ତୋତେ ଦେଖାଉଛି" ବୋଲି ଶ୍ରୀକୃଷ୍ଣ କାହିଁକି କହିଥିଲେ ? କଣ ମିଛ କହିଥିଲେ ? ଏହିଭଳି ଆରମ୍ଭରୁ ଅନେକ ପ୍ରଶ୍ନ ରହି ଭଗବଦ୍ଗୀତା ପ୍ରଶ୍ନାଳୟ ହୋଇଯାଇଛି । କେହି ଏହାକୁ ବାହାରକୁ ଖୋଲି ନକହିଲେ ମଧ୍ୟ ଗୀତା ବାବଦରେ ସମସ୍ତଙ୍କଠାରେ ନିଶ୍ଚୟ ଅନେକ ଲୁକାୟିତ ପ୍ରଶ୍ନ ରହିଛି । ଏହା ଏକ ଉଦାହରଣ ମାତ୍ର । ଏମିତି ଅନେକ ପ୍ରଶ୍ନ ସହିତ ବିଚାର ବଢାଉଥିବା ଲୋକମାନଙ୍କ ପାଇଁ ସଠିକ ସମାଧାନ କ'ଣ ଅଛି ଏଥର ଦେଖିବା ।

ଏଭଳି ବିଚାର ନ କଲେ ଅତୀତର ସତ୍ୟ, ରହସ୍ୟଗୁଡିକ ବହିର୍ଗତ ହୋଇପାରିବ ନାହିଁ । ଭଗବାନ କହିଥିବା କଥା ଅନେକ ସନ୍ଦର୍ଭରେ, ଅନେକ ପ୍ରକାରରେ ବଦଳି ବଦଳି ଶେଷରେ ଶାତଶହ ଶ୍ଲୋକ ବିଶିଷ୍ଟ ଭଗବଦ୍ଗୀତା ଆଜି ଆମ ପାଖରେ ରହିଛି । ଆଜି ଆମପାଖରେ ଥିବା ଗୀତା ଆଉ ସେଦିନ ଶ୍ରୀକୃଷ୍ଣ କହିଥିବା ଗୀତାରେ କିଛି ଭିନ୍ନତା ଅଛି ? ବୋଲି ବିଚାର କଲେ, ସବୁ ପ୍ରକାରର ସନ୍ଦେହ ଦୂର ହୋଇପାରିବ, ସେହି ବିଚାର ନିରୂପଣାତ୍ମକ, ଶାସନବଦ୍ଧଭାବରେ ଗତିକରିବା ବେଳେ ପ୍ରକୃତ ସତ୍ୟସବୁ ବହିର୍ଗତ ହୋଇପାରିବ, ଆସୁଥିବା ପ୍ରତ୍ୟେକ ପ୍ରଶ୍ନର ସମାଧାନ ମଧ୍ୟ

ହୋଇପାରିବ । ଏମିତି ବିଚାରର ଫଳରେ ଆରମ୍ଭରୁ ଶ୍ରୀକୃଷ୍ଣ ଯୁଦ୍ଧକ୍ଷେତ୍ରରେ ଏହି ଗୀତାକୁ କେତେ ସମୟ ଧରି କହିଥିଲେ ତା'ର ସମାଧାନ ମଧ୍ୟ ମିଳିପାରିବ ।

ଲେଖିବା ପଢିବା ଜାଣି ନଥିବା ଜଣେ ଲୋକ ଦୂରରେ ଥିବା ତା'ର ସାଙ୍ଗ ପାଖକୁ ଚିଠି ଲେଖିବାକୁ ହେଲେ, ଲେଖାପଢା ଜାଣିଥିବା ଆଉଜଣେ ଲୋକ ପାଖକୁ ଯାଇ ମୋ'ପାଇଁ ଚିଠି ଲେଖିଦିଅ ବୋଲି କହେ । ଲେଖିବା ପାଇଁ ସେ ଲୋକଟି ରାଜିହେବା ବେଳେ, ଚିଠି ଲେଖାଇବା ଲୋକଟି କେବଳ ତା'ର ଜଣାଇବାକୁ ଥିବା ମୁଖ୍ୟ ଖବରସବୁ ଜଣାଇ ଚୂପ୍‌ହୋଇ ପାଖରେ ବସିରହେ । ଲେଖାପଢା ଜାଣିଥିବା ଲୋକଟି ସେହି ଖବରଗୁଡିକ ଶୁଣି, ତାହା କିଭଳି ବିସ୍ତୃତ କରି ଲେଖିଲେ ପଢିବା ଲୋକଟି ସହଜରେ ବୁଝିପାରିବ ତାହା ବିଚାର କରି, ଲେଖିବା ପୂର୍ବରୁ ମାନ୍ୟଧର୍ମ, ଭଲରେ ଅଛ କି ନାହିଁ, ସମସ୍ତଙ୍କ ଦେହ ଭଲରେ ଅଛି କି ନାହିଁ, ଆଉ ସମସ୍ତ କୁଶଳାକୁଶଳ ଇତ୍ୟାଦି ବିଷୟଗୁଡିକ ଚିଠି ଲେଖାଇବା ଲୋକଟି ନ କହିଲେ ମଧ୍ୟ ତାହା ଲେଖି, ମଝିରେ ଲେଖାଉଥିବା ଲୋକଟି କହିଥିବା ବିଷୟଗୁଡିକୁ ଲେଖି ଶେଷରେ ଇତି ସହିତ ଚିଠିଲେଖା ସମାପ୍ତ କରିଥାଏ । ଚିଠି ଲେଖାଉଥିବା ଲୋକଟି ଗୋଟିଏ ପ୍ରକାରର କହିଥିବା ବେଳେ ଲେଖୁଥିବା ଲୋକଟି ଚିଠିର ପଦ୍ଧତି, କ୍ରମ, ଅଳଂକାର, ଅର୍ଥ ଇତ୍ୟାଦି ମିଶାଇ ଲେଖିବା ଭଳି, ଭଗବାନ କହିଥିବା ମୂଳ ଶାରାଂସକୁ ବ୍ୟାସ ଶ୍ଳୋକ ରୂପରେ ବର୍ଣ୍ଣନା କରି ଲେଖିଥିବେ ବୋଲି କେହି ଭାବି ନଥା'ନ୍ତି । ଭଗବାନ କହିଥିବା ବିଷୟ ଖୁବ୍‌କମ୍ ହୋଇଥିଲେହେଁ, ତାହା ବୁଝିବା ପାଇଁ ଅନେକ ଶ୍ଳୋକ ରୂପରେ, ଅନେକ ଅଧ୍ୟାୟ କରି ବ୍ୟାସ ଲେଖିବା ଦ୍ୱାରା ଆଜି ଶାତଶହ ଶ୍ଳୋକର ଭଗବଦ୍ଗୀତା ଆମପାଖରେ ଆସି ପହଞ୍ଚିଛି । ସେଥିରେ ଥିବା ସମସ୍ତ ଶ୍ଳୋକଗୁଡିକୁ ପରିଶୀଳନ କଲେ ମୂଳ ବିଷୟ ଖୁବ୍‌କମ୍ ଥିବା ସ୍ପଷ୍ଟ ଜଣାଯାଉଛି । ସମସ୍ତ ଅଧ୍ୟାୟକୁ ପୁଂଖାନୁପୁଂଖ ପରିଶୀଳନ ପୂର୍ବକ ଦେଖିଲେ ସେଥିରୁ ସାରାଂଶ ଖୁବ୍ କମ୍ ମିଳେ । **"ମୁଁ**

**ହିଁ ସର୍ବବ୍ୟାପୀ”** ବୋଲି ପରମାତ୍ମା କହିଥିବା ସାରାଂଶକୁ ବୁଝାଇବା ପାଇଁ “ବିଭୂତି ଯୋଗ” ନାମକ ଅଧ୍ୟାୟରେ ୪୨ଟି ଶ୍ଳୋକ ଲେଖାଯାଇଛି । ମୁଁ ହିଁ ସର୍ବସ୍ୱ ବୋଲି ବୁଝାଇବା ପାଇଁ ଯଦି ୪୨ଟି ଶ୍ଳୋକ ଲେଖାଗଲା ତେବେ ୭୦୦ଶ୍ଳୋକରେ ରହିଥିବା ଭାବାର୍ଥ ମାତ୍ର କିଛି ସମୟରେ (କେତୋଟି ମିନିଟିରେ) କହିଥିବେ ବୋଲି ନିଃସଂଦେହ ଭାବରେ ଜଣାଯାଉଛି । ଛୋଟ ବିଷୟକୁ ବଡକରି ଲେଖିପାରିବା ଭଳି, ଶ୍ରୀକୃଷ୍ଣଙ୍କର ମୁଖ୍ୟ ସନ୍ଦେଶକୁ ବ୍ୟାସ ବଡକରି ଲେଖିବା ଛଡା ଏତେ ଲମ୍ବର ଭଗବଦ୍ଗୀତା ଯୁଦ୍ଧକ୍ଷେତ୍ରରେ କୁହାଯାଇନଥିଲା, କହିବା ପାଇଁ ଏତେ ସମୟ ଲାଗିନଥିଲା ବୋଲି ସ୍ପଷ୍ଟ ବୁଝାଯାଉଛି । ବ୍ୟାସ ଲେଖିଥିବା ଏତେବଡ ଗୀତା କେବଳ ପ୍ରଜାମାନେ ସହଜରେ ବୁଝିପାରିବା ପାଇଁ ଲେଖାଯାଇଛି ସିନା, ଅନ୍ୟ କୌଣସି ଉଦ୍ଦେଶ୍ୟରେ ନୁହେଁ ବୋଲି ଜାଣିବା ଉଚିତ୍ ।

ସଞ୍ଜୟ କିପରି ଯୁଦ୍ଧକ୍ଷେତ୍ରରେ ଘଟୁଥିବା ଘଟଣାଗୁଡିକ ଧୃତରାଷ୍ଟ୍ରଙ୍କୁ କହିପାରୁଥିଲେ ତାହା ଗୀତାର ପ୍ରଥମ ପ୍ରଶ୍ନ । ଶ୍ରୀକୃଷ୍ଣଙ୍କ ସନ୍ଦେଶକୁ, ତାଙ୍କର ବିଶ୍ୱରୂପକୁ ସଞ୍ଜୟ ଜାଣିପାରିଥିଲେ ବୋଲି ଭାବିବା ବେଳେ, ତାଙ୍କଠାରୁ ଧୃତରାଷ୍ଟ୍ର ଶୁଣିବା ପରେ ଶ୍ରୀକୃଷ୍ଣ କିଏ ବୋଲି ଜାଣି ଆରମ୍ଭରୁ ଯୁଦ୍ଧକ୍ଷେତ୍ରକୁ ଯାଇ ହୁଏତ ଯୁଦ୍ଧ ବନ୍ଦ କରିଦେଇ ପାରିଥା’ନ୍ତେ । ତା’ଛଡା ଗୀତାବାଣୀ ସଞ୍ଜୟ ଶୁଣିଥିଲେ ବୋଲି ଭାବିଲେ, “ତୋ ବ୍ୟତୀତ ମୋର ବିଶ୍ୱରୂପକୁ କେହି ଦେଖି ନାହାନ୍ତି” ବୋଲି ଭଗବାନ ଅର୍ଜୁନଙ୍କୁ କହିଥିବା କଥା କ’ଣ ମିଛ ହେବ ? ଭଗବାନଙ୍କ କଥା କେବେ ମଧ୍ୟ ମିଛ ନୁହେଁ । ତା’ହେଲେ ସଞ୍ଜୟ ଯଦି ଶୁଣି ନାହାନ୍ତି ! ସେ ଦୃତରାଷ୍ଟ୍ରଙ୍କୁ କହିଲେ କିପରି ? ଏହି ଗୀତା ଆସିଲା କେଉଁଠୁ ? ବୋଲି ସନ୍ଦେହ ଆସିପାରେ । ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା କହିବା ଭଳି ଏହି ପ୍ରଶ୍ନର ସମାଧାନ ଯଦି ଆମେ କରି ନ ପାରୁଛେ ତେବେ ଆମେ ଆଜିଯାଏ ଗୀତାକୁ ହିଁ ବୁଝିନାହେଁ ବୋଲି କହି ପାରିବା । ବାସ୍ତବରେ ଭଗବଦ୍ଗୀତା ଆମକୁ ଭିନ୍ନ ମାର୍ଗରେ ବୁଝାପଡିଛି ସିନା, ସଂଶୟ

ରହିତ ଭାବରେ ବୁଝାପଡି ନାହିଁ ବୋଲି ସ୍ପଷ୍ଟ ଜଣାଯାଉଛି । ଏହିଭଳି ପ୍ରଶ୍ନର ସମାଧାନ କହି ନ ପାରିବା ସ୍ଥିତିରେ ରହି ପ୍ରଜାମାନଙ୍କ ଦୃଷ୍ଟିରେ ସର୍ବଜ୍ଞ ଭାବରେ ପରିଗଣିତ ହେଉଥିବା କେତେଜଣ, ଆପଣ କହୁଥିବା ଜ୍ଞାନ କେଉଁ କାଳର ବୋଲି ଆମ ସହିତ ଅବହେଳିତ କଥାବାର୍ତ୍ତା କରିଛନ୍ତି, ସେମାନେ ଆମକୁ ଧିକ୍କାର କରନ୍ତୁ ଦୁଃଖ ନାହିଁ, କିନ୍ତୁ ସେମାନଙ୍କ କାରଣରୁ ଜନସାଧାରଣ ଗୀତାକୁ ବୁଝିପାରି ନାହାନ୍ତି ତାହା ଆମପାଇଁ ଦୁଃଖଦ ବିଷୟ ହୋଇଯାଇଛି । ତେଣୁ ଏହି ଭଗବଦ୍ଗୀତା ଦ୍ୱାରା ପ୍ରଜାମାନେ ଏବେ ଜାଣି ପାରିବେ ଯେ, କାହାର ଦୁର୍ବଳତା କାରଣରୁ ବାସ୍ତବତା ବାହାରକୁ ଆସିପାରି ନାହିଁ । ଯେଉଁମାନେ ବ୍ରହ୍ମବିଦ୍ୟାର ସତ୍ୟକୁ ଖୋଜୁଛନ୍ତି ସେମାନଙ୍କୁ, ହେତୁବାଦୀମାନଙ୍କୁ ଆଜିପର୍ଯ୍ୟନ୍ତ ଅନେକ ସ୍ଥାନରୁ ମିଳିଥିବା ଜ୍ଞାନରୁ ସେମାନଙ୍କଠାରେ ଆସିଥିବା ସନ୍ଦେହର ସମାଧାନ ନହେବା ଦ୍ୱାରା କେତେକ ନାସ୍ତିକ ହୋଇଗଲେଣି, ଏହା ସତ କି ମିଛ ଆପଣମାନେ ଟିକିଏ ବିଚାର କରନ୍ତୁ । "ଆମ ପ୍ରଶ୍ନର ସମାଧାନ କେଉଁଠାରେ ନାହିଁ, ସବୁ ବେକାର ଏବଂ ମନବୁଝା କଥା, ଏଥିରେ କୌଣସି ସତ୍ୟ ନାହିଁ, ଈଶ୍ୱରଙ୍କ (ପରମାତ୍ମା) ନାମରେ ସନ୍ଦେହଜନକ ଜ୍ଞାନ ଆପଣ କହୁଛନ୍ତି" ବୋଲି ଆଜି ନାସ୍ତିକମାନେ କହୁଛନ୍ତି ।

ଏହି ପ୍ରକାରର ନାସ୍ତିକମାନେ ମଧ୍ୟ ଆମ ଜ୍ଞାନ ଦ୍ୱାରା ସେମାନଙ୍କ ପ୍ରଶ୍ନର ସମାଧାନ ଜାଣି, ଏହି ପଦ୍ଧତି ପ୍ରକାରରେ ବିଚାରକଲେ ଈଶ୍ୱରଙ୍କ ଅସ୍ତିତ୍ୱକୁ ସ୍ୱୀକାର କରିପାରିବା ବୋଲି କହୁଥିବା ବେଳେ, ଅନ୍ୟମାନେ ଆମକୁ ଧିକ୍କାର କଲେ କରନ୍ତୁ ପଛେ ଦୁଃଖ ନାହିଁ, କିନ୍ତୁ ଏହା ସତ୍ୟ ଯେ, ଅନେକ ଗୀତା ଭାଷ୍ୟକାରମାନେ ଆମ ପ୍ରଶ୍ନର ଜବାବ ଦେଇ ପାରିବେ ନାହିଁ । କାରଣ ! ସେମାନେ ବିଶ୍ୱରୂପର ଆକାରକୁ କଳ୍ପନା କରିଛନ୍ତି । ସେମାନଙ୍କ ଭାବାନୁସାରେ ଈଶ୍ୱର ବା ପରମାତ୍ମାଙ୍କର ଦାନ୍ତ, ମୁଖ, ନଖ ଇତ୍ୟାଦିର ବାସ୍ତବ ଚିତ୍ର ବଡ ପିଶାଚ ଆକାର ଭଳି ହୋଇଯାଏ । କ'ଣ ପରମାତ୍ମାଙ୍କ ରୂପ ସେହିଭଳି ? ଏହାର କି

ଜବାବ ଦେବେ ସେମାନେ ? ପରମାତ୍ମା କହିଥିବା **"ଚତୁର୍ବର୍ଣ୍ୟମ୍ ମୟା ସୃଷ୍ଟଂ..**" ନାମକ ବାକ୍ୟର ବ୍ୟାଖ୍ୟାରେ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୂଦ୍ର ବୋଲି ଜାତି, ମତର ବିଭାଜନ କରି ମାନବଙ୍କୁ ବିଭିନ୍ନତାରେ ରୂପାନ୍ତରିତ କରି ଅଜ୍ଞାନତାରେ ଦୈବବାଣୀକୁ ଛିନ୍ନଭିନ୍ନ କରିଦେଇଛନ୍ତି, ଏହା ନିରାଟ ସତକଥା । ସେମାନଙ୍କ କଥା ଅନୁସାରେ ଭୂପୃଷ୍ଠରେ ହିନ୍ଦୁମତର ସମ୍ବନ୍ଧ ନଥିବା ଅନ୍ୟମତଗୁଡ଼ିକରେ କାହିଁ ଏଇ ଚାରି କୁଳ ତ ନାହାନ୍ତି ! ସେମାନଙ୍କୁ ଆଉ କେଉଁ ଈଶ୍ୱର ସୃଷ୍ଟି କରିଛନ୍ତି ବୋଲି ସେମାନେ କହିପାରିବେ ? ସେମାନେ ସାରା ବିଶ୍ୱର ଈଶ୍ୱର ଜଣେ ବୋଲି କହୁଛନ୍ତି ପରା ! ଚତୁର୍ବର୍ଣ୍ୟମ୍ ନାମକ ଦୈବବାଣୀ କ'ଣ ସେମାନଙ୍କ ପାଇଁ ଲାଗୁ ହେବ ନାହିଁ ? ଏହି ଚାରିକୁଳ (ଚାରିଜାତି) ନଥିବା ଦେଶ ଅନେକ ଅଛି, ସେ ଦେଶବାସୀଙ୍କୁ କିଏ ସୃଷ୍ଟି କଲା ସେମାନେ କହିପାରିବେ ?

ଗୀତାର ଜ୍ଞାନଯୋଗ ଅଧ୍ୟାୟର ଆରମ୍ଭରୁ "ମୁଁ ଏଇ ଜ୍ଞାନ ସୃଷ୍ଟି ପ୍ରାରମ୍ଭରେ ସୂର୍ଯ୍ୟଙ୍କୁ କହିଥିଲି" ବୋଲି ଭଗବାନ କହିବାବେଳେ, ସୂର୍ଯ୍ୟ ତ ଏକ ମଣିଷ ନୁହନ୍ତି ! ସେ ଏକ ଉତ୍ତପ୍ତ ଗ୍ୟାସୀୟ ଗୋଲକ ! ତାଙ୍କୁ କିପରି କହିଲେ ? ଏତେ ଦୂରରେ ଥିବା ସୂର୍ଯ୍ୟ କିପରି ଜ୍ଞାନ ଶୁଣିଲେ କହିପାରିବେ ? ଶରୀର ପ୍ରକୃତି ନିର୍ମିତ ବା ପ୍ରକୃତି ସମ୍ବନ୍ଧୀୟ, ଶରୀରର ଚଳନଶକ୍ତି ପରମ ପୁରୁଷ ପରମାତ୍ମାଙ୍କର ବୋଲି, ଗୁଣତ୍ରୟ ବିଭାଗ ଯୋଗର ତୃତୀୟ ଏବଂ ଚତୁର୍ଥତମ ଶ୍ଳୋକରେ କୁହାଯାଇଛି । ତା'ପାଖ ଅଧ୍ୟାୟ ପୁରୁଷୋତ୍ତମପ୍ରାପ୍ତି ଯୋଗର ୧୬, ୧୭ତମ ଶ୍ଳୋକରେ କ୍ଷର, ଅକ୍ଷର, ପୁରୁଷୋତ୍ତମ ଭାବରେ ପୁରୁଷକୁ ତିନିଭାଗରେ ବିଭାଜନ କରି ଭଗବାନ କହିଥିବା ବେଳେ, ସେହି ଶ୍ଳୋକର ବ୍ୟାଖ୍ୟାରେ କେବଳ ପୁରୁଷ କଥା ନଲେଖି ପ୍ରକୃତି ସମ୍ବନ୍ଧୀୟ ଶରୀର ବାବଦରେ କାହିଁକି ଲେଖିଛନ୍ତି ? ବୋଲି ପଚାରିଲେ ତା'ର ଜବାବ ଦେଇ ପାରିବେ ? ଆଜି ପର୍ଯ୍ୟନ୍ତ ଅନେକଙ୍କ ଦ୍ୱାରା ଲେଖାଯାଇଥିବା ଗୀତାଗୁଡ଼ିକରେ ଏହିଭଳି ପ୍ରଶ୍ନ ବଳକା ରହିଯାଇଥିବା ବିଷୟ ଅନେକ ରହିଛି । ତେଣୁ ଏବେ ମଧ୍ୟ ସମୟ ଅଛି ସତର୍କ ହୋଇ, ପବିତ୍ର କାଳକୁ

ବୃଥା ନକରି, ଜ୍ଞାନ ସମୁଦ୍ରଭଳି ବୋଲି ଜାଣି, ସେଥିରୁ ଆମକୁ ଜଣାନଥିବା ବିଷୟ ଆହୁରି ଅନେକ ରହିଛି, ତାହାସବୁ ଆମେ ଜାଣିବାକୁ ଚେଷ୍ଟା କରିବା ଉଚିତ୍ ।

ଦୂର କୁରୁକ୍ଷେତ୍ରରେ ହେଉଥିବା ଯୁଦ୍ଧକୁ ସଞ୍ଜୟ ଦେଖୁଥିଲେ ବୋଲି ଯଦି ଆମେ ଭାବିବା, ସେତେବେଳେ ସେଠାରେ ସେ ଯାହାସବୁ ଦେଖୁଥିଲେ ସେସବୁ ପ୍ରକୃତି ଦୃଶ୍ୟ ଥିଲା ବୋଲି କହିପାରିବା । ତେଣୁ ସେଠାରେ ଥିବା ମନୁଷ୍ୟ, ହାତୀ, ଘୋଡା, ରଥ ଇତ୍ୟାଦି ସେ ନିଶ୍ଚୟ ଦେଖିଥିବେ ! ଆଜି ଆମେ ଦେଖିଲେ ଯାହାସବୁ ନିକଟରେ ଅଛି ତାହାହିଁ ଦେଖାଯାଏ । ସେଦିନ ସଞ୍ଜୟ ଦେଖିବାବେଳେ ନିକଟରେ ଥିବା ଜିନିଷ ଦେଖାଯିବା ଛଡା ଦୂରରେ ଥିବା ଦୃଶ୍ୟକୁ ମଧ୍ୟ ଦେଖିପାରୁଥିଲେ ବୋଲି ଲେଖାଅଛି । ଠିକ୍ ଅଛି ସେଦିନ ସଞ୍ଜୟଙ୍କର ଦୂରରୁ ଦେଖିପାରିବା ଶକ୍ତି ଥିଲା ବୋଲି ଆମେ ସ୍ୱୀକାର କରିବା । ତେବେ ସଞ୍ଜୟ ଦୂରରେ ଥିବା ଅର୍ଜୁନଙ୍କୁ ଏବଂ ଶ୍ରୀକୃଷ୍ଣଙ୍କୁ ଦେଖିଥାଇ ପାରନ୍ତି ! ହେଲେ ଅନ୍ତରଙ୍ଗରେ ଅର୍ଥାତ୍ ଶରୀରାନ୍ତର୍ଗତ ଭାବରେ ଜ୍ଞାନଦୃଷ୍ଟିକୁ ଦେଖାଯାଉଥିବା ପରମାତ୍ମାଙ୍କୁ ସେ କିପରି ଦର୍ଶନ କଲେ ? ବୋଲି ଏଠାରେ ନିଶ୍ଚୟ ସନ୍ଦେହ ଆସିଥାଏ । ସଞ୍ଜୟ ଯୁଦ୍ଧଭୂମିର ପ୍ରକୃତି ଦୃଶ୍ୟକୁ ଦେଖିଥାଇ ପାରନ୍ତି, କିନ୍ତୁ ସେ ପରମାତ୍ମାଙ୍କ ଦର୍ଶନ କରିନାହାନ୍ତି ବୋଲି କଣ ଏଠାରେ ସ୍ପଷ୍ଟ ଜଣାଯାଉ ନାହିଁ !

ତଥାପି ଏଇଠାରେ ଆଉ କେତେକଙ୍କଠାରେ ଆଉଏକ ସନ୍ଦେହ ଆସିପାରେ । ତାହା ହେଉଛି ! ଦିନେ କୌରବ ସଭାରେ ଦୂର୍ଯ୍ୟୋଧନ, ଦୁଃଶାସନ ଇତ୍ୟାଦି କୌରବମାନେ ତାଙ୍କୁ ଦଉଡିରେ ବାନ୍ଧିବା ପାଇଁ ଉଦ୍ୟତ ହେବାବେଳେ, ଶ୍ରୀକୃଷ୍ଣ ସେମାନଙ୍କ ଦଉଡିରେ ବନ୍ଧିତ ନହୋଇ ବିଶ୍ୱରୂପ ଦେଖାଇଥିଲେ, ତାଙ୍କର ସେହି ତେଜମୟ ଦୃଶ୍ୟକୁ ସେମାନେ ଦେଖି ନପାରି ତଳେ ପଡିଯାଇଥିଲେ, ସେତେବେଳେ ସେହି ରୂପ ଦେଖିବାକୁ ଇଚ୍ଛା କରୁଥିବା ଧୃତରାଷ୍ଟ୍ରଙ୍କ ଇଚ୍ଛା ଅନୁସାରେ ତାଙ୍କର ଅନ୍ଧତ୍ୱକୁ ଦୂରକରି ଦେଖିପାରିବା ଭଳି କରିଥିଲେ । ତା’ଛଡା ଗାନ୍ଧାରୀ ମଧ୍ୟ ନିଜର

ଅନ୍ଧପଟୁଳିକୁ ଖୋଲି ସେହି ରୂପକୁ ସେ ସମୟରେ ଦେଖିଥିଲେ ବୋଲି ଆମେ ଶୁଣିଛୁ । ସେଠାରେ ସେମାନେ ସମସ୍ତେ ସାଧାରଣ ଆଖିରେ ତ ବିଶ୍ୱରୂପକୁ ଦେଖିଥିଲେ ! ତେଣୁ ସେଦିନ ଯୁଦ୍ଧଭୂମିରେ ଅର୍ଜୁନ ଦେଖିଥିବା ଦୃଶ୍ୟକୁ ଦୂରରୁ ଦେଖି ପାରୁଥିବା ସଞ୍ଜୟ କାହିଁକି ଦେଖିପାରି ନଥିବେ ? କହିଲେ, ତା'ର ସମାଧାନ ହେଉଛି ! ଏଠାରେ ଯେଉଁମାନଙ୍କର ସନ୍ଦେହ ଆସିଛି ସେମାନଙ୍କ କଥା ଅନୁସାରେ ଦୂରରେ ଥିବା ସଞ୍ଜୟଙ୍କୁ ଯଦି ସେ ଦୃଶ୍ୟ ଦେଖାଯାଇଥିଲା, ସେଠାରେ ଅତି ନିକଟରେ ଥିବା ପାଣ୍ଡବ ଏବଂ କୌରବମାନଙ୍କୁ ମଧ୍ୟ ରହିଥିବା ସୈନ୍ୟ, ହାତୀ, ଘୋଡା ଇତ୍ୟାଦି ଦୃଶ୍ୟ ଦେଖାଯାଇଥିବ ! କିନ୍ତୁ ସେଭଳି ଦେଖାଯାଇଥିବା ପ୍ରମାଣ ନାହିଁ, ତେଣୁ ନିକଟରେ ଥିବା ଲୋକମାନଙ୍କୁ ଦେଖାଯାଇ ନଥିବା ବିଶ୍ୱରୂପର ଦୃଶ୍ୟ ସଞ୍ଜୟଙ୍କୁ ଦୂରରୁ ଦେଖାଯାଇଥିଲା କହିବା ସଂପୂର୍ଣ୍ଣ ମିଛକଥା ବୋଲି ପ୍ରମାଣିତ ହେଉଛି । ସେହିଭଳି କୌରବ ସଭାରେ ସେହି ଦୃଶ୍ୟ କେତେକଙ୍କୁ ଦେଖାଯିବା, କେତେକଙ୍କୁ ଦେଖା ନଯିବା କଥା କେବଳ ଅଦ୍ଭୁତ କଳ୍ପନା ସିନା, ସତ୍ୟ ନୁହେଁ ବୋଲି ଜଣାଯାଉଛି । ଆତ୍ମା, ପରମାତ୍ମା ହେଉଛନ୍ତି ଇନ୍ଦ୍ରିୟର ଅଗୋଚର, ସେମାନେ ଆଖିକୁ ଦେଖାଯାଇ ନଥାନ୍ତି, କାନକୁ ଶୁଣାଯାଇ ନଥା'ନ୍ତି ବୋଲି ଭଗବାନ ଗୀତାରେ ଜଣାଇଛନ୍ତି ! ତାହା କେବେ ଭୂଲିଯାଆନ୍ତୁ ନାହିଁ । ଭଗବାନ ଏଭଳି ଜଣାଇଥିବା ବେଳେ ତାଙ୍କର ବିଶ୍ୱରୂପ ଆଖିକୁ ଦେଖାଯାଇଥିଲା କହିବା ଧର୍ମ ବିରୁଦ୍ଧ ହେବ । ଦେଖାଯାଇଥିଲା କହିଲେ ଭଗବଦ୍ଗୀତାର ରାଜବିଦ୍ୟା ରାଜଗୁହ୍ୟ ଯୋଗର ୪ର୍ଥତମ ଶ୍ଳୋକରେ "ମାୟାତତ ମିଦଂ ସର୍ବଂ ଜଗଦବ୍ୟକ୍ତ ମୂର୍ତ୍ତିନା" ଅର୍ଥାତ୍ ଇନ୍ଦ୍ରିୟଗୁଡିକୁ ଦେଖା ନଯାଇ ଏହି ସାରା ପ୍ରପଞ୍ଚରେ ମୁଁ ବ୍ୟାପ୍ତ ହୋଇ ରହିଛି ବୋଲି ସେ କହି ନଥା'ନ୍ତେ ! ଏଭଳି ପରମାତ୍ମାଙ୍କର ବିଶ୍ୱରୂପ ଅର୍ଜୁନଙ୍କୁ ଦେଖାଯାଇଥିଲା ବୋଲି ଯେଉଁମାନେ କହୁଛନ୍ତି ସେମାନେ ଭଗବାନଙ୍କର ଧର୍ମମୟ ବାଣୀର ବ୍ୟତିରେକ କଥା କହୁଛନ୍ତି । ତେଣୁ ଗୀତାକୁ ସତର୍କତାର ସହିତ ପରିଶୀଳନ କରି ଧର୍ମବଦ୍ଧ

ଭାବରେ କହିବାକୁ ଗଲେ ସଞ୍ଜୟ ତାଙ୍କ ଆଖିରେ ବିଶ୍ୱରୂପକୁ ଦେଖି ନାହାନ୍ତି ବୋଲି କହିପାରିବା । କୌରବ ସଭାର ବିଶ୍ୱରୂପ କ'ଣ ଏକ ଗାରିଡିବିଦ୍ୟା ଭଳି ଯେ, ସେ ଯାହାକୁ ଯେତେବେଳେ ଇଚ୍ଛା ସେତେବେଳେ ଦେଖାଇ ଦେବେ ! ଯଦି ଏଭଳି ଦେଖାଇଛନ୍ତି ତେବେ ବିଶ୍ୱରୂପ ସନ୍ଦର୍ଶନ ଯୋଗର ୪୭ତମ ଶ୍ଳୋକରେ କେବଳ ତୋ ବ୍ୟତୀତ କେହି ଏହାକୁ ଦେଖି ନାହାନ୍ତି ଏବଂ ୫୨ ତମ ଶ୍ଳୋକରେ **"ହେ ଅର୍ଜୁନ ! ଏହି ରୂପ ଦେଖିବା ପାଇଁ ଦେବତାମାନେ ମଧ୍ୟ କାମନା କରିଥା'ନ୍ତି, ହେଲେ ତୋ'ଛଡା ଏହାକୁ ଦେଖିଥିବା ଲୋକ ନାହାନ୍ତି"** ବୋଲି ଭଗବାନ କହିଥିବା କଥାର କିଛି ମୂଲ୍ୟ ରହିଯାଉ ନାହିଁ । ଏଇଠାରେ ଭଗବାନ କହିଥିବା କଥା ସତ କି ମଣିଷ କହିଥିବା କଥା ସତ ତାହା ପରିଶୀଳନ କରି ଦେଖିଲେ, ଭଗବାନ କହିଥିବା କଥା ସିଦ୍ଧାନ୍ତଯୁକ୍ତ ଶାସ୍ତ୍ରବଚନ ବୋଲି, ମାନବ କହିଥିବା କଥା ନିରୂପଣହୀନ ଅଶାସ୍ତ୍ରୀୟ ବଚନ ବୋଲି ସଫା ଜଣାପଡିଯାଉଛି । ତା'ଛଡା ଯୁଦ୍ଧକ୍ଷେତ୍ରର ବିଶ୍ୱରୂପକୁ ସଞ୍ଜୟ ଏବଂ କୌରବ ସଭାରେ ଅନ୍ୟମାନେ ଦେଖିଥିଲେ ବୋଲି କହିଲେ, ଏହି ରୂପକୁ କେହି ଦେଖିନାହାନ୍ତି କହିଥିବା ଭଗବାନଙ୍କ କଥା ମିଛ ହୋଇ, ସଂପୂର୍ଣ୍ଣ ଭଗବଦ୍ଗୀତା ହିଁ ମିଛ ହୋଇଯାଉଛି କି ନାହିଁ ଆପଣମାନେ ବିଚାର କରନ୍ତୁ ।

ପରମପୁରୁଷ ପରମାତ୍ମା ଏବଂ ପ୍ରକୃତି ବା ମାୟାର ରହସ୍ୟକୁ ଜାଣିବା ଅତି କଷ୍ଟକର । ଯେଉଁଠାରେ ସେହି ପୁରୁଷ ରହିଛନ୍ତି ସେଠାରେ ପ୍ରକୃତି ମଧ୍ୟ ରହିଛି । ଯେଉଁଠାରେ ଧର୍ମ ରହିଛି ସେଇଠାରେ ଅଧର୍ମ ମଧ୍ୟ ରହିଛି । ସେହିଭଳି ଧର୍ମର ଗନ୍ତାଘର ଭଗବଦ୍ଗୀତାରେ ମଧ୍ୟ କିଛି ଅଧର୍ମ ନିଶ୍ଚୟ ରହିଛି ।

ତେଣୁ ସଂପୂର୍ଣ୍ଣ ବିବରଣୀ ଜାଣିବା ପରେ ସେଥିରେ ଥିବା ଧର୍ମକୁ ସ୍ୱୀକାର କରି ଅଧର୍ମକୁ ଛାଡିପାରିବା, ସେହି ବିବରଣୀ ଅନୁସାରେ ଦେଖିଲେ ଗୀତାକୁ ୭୦୦ଶ୍ଳୋକରୂପରେ ଭଗବାନ କହିନାହାନ୍ତି, ସଞ୍ଜୟ

ବିଶ୍ୱରୂପ ଦେଖିନାହାନ୍ତି କି ଯୁଦ୍ଧକ୍ଷେତ୍ରର ପ୍ରକୃତିଦୃଶ୍ୟ ଅର୍ଥାତ୍ ଘଟୁଥିବା ଯୁଦ୍ଧର ପ୍ରତ୍ୟକ୍ଷ ଦୃଶ୍ୟ ମଧ୍ୟ ଦେଖାଯାଉ ନାହିଁ ବୋଲି ଜଣାଯାଉଛି । ଆଉ କେତେକ ଲୋକ ଏଇଠାରେ ଆଉଏକ ସନ୍ଦେହ ଆଣି ସଞ୍ଜୟ ସେସବୁକୁ ଦେଖି ଧୃତରାଷ୍ଟ୍ରଙ୍କୁ କହିବାରୁ ସିନା ଭଗବଦ୍ଗୀତା ରୂପ ନେଇଥିଲା ! ବୋଲି ପଚାରି ପାରନ୍ତି । ତା'ର ସମାଧାନ ହେଉଛି ! ଭଗବଦ୍ଗୀତା କେବଳ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିବା ବିଷୟ ସିନା, ଏଥିରେ ଅନ୍ୟମାନଙ୍କର କୌଣସି ସମ୍ବନ୍ଧ ନାହିଁ । ତା'ଛଡା ଗୀତା ସଞ୍ଜୟ ଆଉ ଧୃତରାଷ୍ଟ୍ରଙ୍କ ସମ୍ଭାଷଣ ହୋଇଥିଲେ ଗୀତା ସଞ୍ଜୟ ଧୃତରାଷ୍ଟ୍ର ସମ୍ବାଦ ବୋଲି ଲେଖାଯାଇଥା'ନ୍ତା ! ଶ୍ରୀକୃଷ୍ଣାର୍ଜୁନ ସମ୍ବାଦ ବୋଲି ଲେଖାଯାଇ ନଥା'ନ୍ତା ।

ତାହେଲେ ସଞ୍ଜୟ ଏବଂ ଧୃତରାଷ୍ଟ୍ରଙ୍କ ମଧ୍ୟରେ ହୋଇଥିବା ଆଳାପ ବୋଲି ବ୍ୟାସ କଣ ଗୀତାରେ ମିଛକଥା ଲେଖିଛନ୍ତି ? ଏ ସଂଦହେର ସମାଧାନରେ ଆମେ କହିବୁ ଯେ, ବ୍ୟାସ ଶ୍ରୀକୃଷ୍ଣାର୍ଜୁନ ଆଳାପକୁ ସଞ୍ଜୟ ଧୃତରାଷ୍ଟ୍ର ଆଳାପ ଭାବରେ ଚତୁରତାର ସହିତ ଚିତ୍ରିତ କରିଛନ୍ତି । ସେଦିନ ବ୍ୟାସ ଏଭଳି ଚିତ୍ରିତ କରିବାରେ ଏକ ବିଶେଷତା ମଧ୍ୟ ରହିଛି । ସାଧାରଣ ପ୍ରଜା ତାହା ସରଳ ଭାବରେ ବୁଝିପାରିବେ ବୋଲି ଉଦ୍ଦେଶ୍ୟ ରଖି ସଞ୍ଜୟ, ଧୃତରାଷ୍ଟ୍ର ନାମକ ପାତ୍ର କଳ୍ପନା କରି ଅଳ୍ପ ଗୀତାକୁ ୭୦୦ ଶ୍ଳୋକରେ ବ୍ୟାସ ବର୍ଣ୍ଣନା କରିଛନ୍ତି । ଭଲ ଉଦ୍ଦେଶ୍ୟରେ ଛୋଟ ପିଲାଙ୍କୁ 'ଊ'(ଊ-କାହାଣୀର ଭୟଙ୍କର ପାତ୍ର) ଆସିବ କାହାଣୀ କହିବା ଭଳି, ବ୍ୟାସ ବିସ୍ତୃତ ଭାବରେ କେତେକ ପାତ୍ର କଳ୍ପନା କରି କହିବାରେ କିଛି ଭୂଲ୍ ହୋଇ ନାହିଁ; ତଥାପି 'ଊ' ଆସିବ କାହାଣୀରେ 'ଊ' ର ପାତ୍ର ଯେତିକି ଅସତ୍ୟ, ଗୀତାରେ ଥିବା ସଞ୍ଜୟ ଧୃତରାଷ୍ଟ୍ର ପାତ୍ର ଏବଂ ୭୦୦ ଶ୍ଳୋକ ମଧ୍ୟ ସେତିକି ଅସତ୍ୟ ।

କେତେକ ମହାନ ଲୋକମାନେ ସେମାନଙ୍କ ଜ୍ଞାନକୁ ପୁସ୍ତକ ରୂପରେ ଲେଖିବାବେଳେ ତାହା କିପରି ଲେଖିବାକୁ ହେବ ବିଚାର କରି, କିପରି ଲେଖିଲେ ସମସ୍ତେ ସହଜରେ ବୁଝିପାରିବେ ଆଲୋଚନା କରି,

କେତେକ କଳ୍ପିତପାତ୍ରକୁ ଯୋଡି, ସେମାନଙ୍କ ସମ୍ଭାଷଣଭାବେ ଲେଖିଛନ୍ତି । ଉଦାହରଣ ସ୍ୱରୂପ ସୀତା ରାମାଞ୍ଜନେୟ ସମ୍ବାଦ, ଶ୍ରୀକୃଷ୍ଣରୁକ୍ମିଣୀ ସମ୍ବାଦ, ଶିବପାର୍ବତୀ ସମ୍ବାଦ, ଗୁରୁଶିଷ୍ୟ ସମ୍ବାଦ ଇତ୍ୟାଦି ଅନେକ ପ୍ରକାରର ସମ୍ବାଦ କରି ଲେଖିଛନ୍ତି ସିନା, ବାସ୍ତବରେ ସେସବୁ ସେମାନଙ୍କ ସମ୍ଭାଷଣ ନୁହେଁ । ସେହିଭଳି ସଞ୍ଜୟଦୃତରାଷ୍ଟ୍ର ସମ୍ଭାଷଣ ମଧ୍ୟ କଳ୍ପିତ ।

ଏବେ ଭଗବାନ କହିଥିବା ଗୀତା ବ୍ୟାସ କିପରି ଜାଣିଲେ, କାହା ଦ୍ୱାରା ଜାଣିଲେ ବୋଲି ପ୍ରଶ୍ନ ଆସିପାରେ । ତା'ର ସମାଧାନ କ'ଣ ବୋଲି ସାବଧାନତା ବଜାୟ ରଖି ବିଚାର କଲେ, ଶ୍ରୀକୃଷ୍ଣଙ୍କଠାରୁ ଶୁଣିଥିବା ଅର୍ଜୁନ ଶୁଣିଥିବା ବିଷୟକୁ ଯୁଦ୍ଧ ଶେଷହେବା ପରେ ବ୍ୟାସଙ୍କୁ ଜଣାଇଥାଇ ପାରନ୍ତି ବୋଲି କହିପାରିବା । ଅର୍ଜୁନଙ୍କ ଦ୍ୱାରା ଜାଣିଥିବା ବିଷୟ ପୁରୁଣା ଭଳି ବୋଧ ନ ହୋଇ ଏକ ତାଜାବିଷୟ ବୋଧ ହେବା ଭଳି, ସଞ୍ଜୟ ଆଉ ଧୃତରାଷ୍ଟ୍ର ପାତ୍ର ଦ୍ୱୟ କଳ୍ପନା କରି ବ୍ୟାସ ଲେଖିଛନ୍ତି । ଏଭଳି ବ୍ୟାସ ଲେଖିବା ଦ୍ୱାରା କାହାର ସନ୍ଦେହ ମଧ୍ୟ ହୋଇ ନାହିଁ । ବିଚାରହୀନ ବୋଧକମାନେ ମଧ୍ୟ ସେହିଭଳି ବୋଧକରି ଆସିଛନ୍ତି, ହେଲେ ବିଚାରବନ୍ତମାନଙ୍କୁ ଗୀତାରେ ସନ୍ଦେହ ଦେଖାଦେଇଛି, ସେଥିରେ ଥିବା ବିଷୟଗୁଡିକରୁ କେତେକ ବିଷୟ ନିଶ୍ଚୟ ଅସତ୍ୟ ବୋଧ ହୋଇଛି । ଜ୍ଞାନଦୃଷ୍ଟି ଥିବା ଲୋକମାନଙ୍କୁ ଗୀତାର ରୂପ ଭିନ୍ନ ବୋଧ ହୋଇଛି, କିନ୍ତୁ ସେମାନେ କ'ଣ ବିଶ୍ୱାସ କରିବା, କ'ଣ ନ କରିବା ଜାଣି ନ ପାରି ଶେଷରେ ନାସ୍ତିକ ସାଜିଛନ୍ତି । ତେଣୁ ଏହିଭଳି ସମୟରେ ଗୀତା ନିରାଟ ସତ୍ୟ, ଗୀତା ହେତୁବଦ୍ଧ, ଗୀତାର ବିଷୟ ସିଦ୍ଧାନ୍ତ ସମ୍ବଳୀତ ଏବଂ ଶାସନବଦ୍ଧ ବୋଲି ଜଣାଇବା କାର୍ଯ୍ୟକୁ ଆମର କର୍ତ୍ତବ୍ୟ ଭାବି ଆମେ ଆମର ପ୍ରୟାସ ଜାରି ରଖିଛୁ ।

ସଞ୍ଜୟଙ୍କର କୌଣସି ସଂପର୍କ ନାହିଁ କହିବାରେ ଭଗବଦ୍ଗୀତା ବାସ୍ତବ ଭଗବଦ୍ଗୀତା ହୋଇଥାଏ । 'ସଞ୍ଜୟଗୀତା' କହିବାରେ ଭଗବଦ୍ଗୀତାରେ ବଡ ମୋଡ ସୃଷ୍ଟି ହୋଇଥାଏ । ସେହି ମୋଡ ବୁଲି ଅସତ୍ୟକୁ ଛାଡି ବାସ୍ତବତାକୁ

ଆମେ ଗ୍ରହଣ କରିପାରିବା ନାହିଁ, ତେଣୁ ପାଠକପାଠିକାମାନଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ସତ୍ୟାସତ୍ୟକୁ ବିଚାର ପୂର୍ବକ ଗ୍ରହଣ କରନ୍ତୁ ।

ଏହି ଜାଗାରେ ଆମେ ଏକ ବିପ୍ଳବାତ୍ମକ ପ୍ରଶ୍ନ କରିବା । ଭଗବଦ୍ଗୀତା କହିଲେ ଯାହା ଭଗବାନ କହିଛନ୍ତି । ଆମେ ଯେଉଁ ଗୀତା ପଢୁଛେ ତାହା ୧୮ ଅଧ୍ୟାୟର, ସେଥିରେ ଥିବା "ଅର୍ଜୁନ ବିଷାଦ ଯୋଗ" ରୁ ଗୀତା ଆରମ୍ଭ ହୋଇଛି । ତେବେ ଏହି ବିଷାଦଯୋଗ କ'ଣ ଭଗବଦ୍ଗୀତା ? ବୋଲି ପ୍ରଶ୍ନକରି ଏବେ ଏହାର ସମାଧାନ ଦେଖିବା ।

ଜଣେ ବୈଦ୍ୟ ଆଉଜଣେ ରୋଗୀ କଥା ହେଉଛନ୍ତି ବୋଲି ଭାବିବା । ରୋଗୀ ତା'ର ରୋଗ ବାବଦରେ କହୁଥିବା ବେଳେ, ବୈଦ୍ୟ ରୋଗ ନିବାରଣ ପାଇଁ ଔଷଧ ଏବଂ ସେବନ ବିଧି କହୁଛି । ଏଠାରେ ଆମେ କାହା କଥାକୁ ଚିକିତ୍ସା କହିବା ? ନିଶ୍ଚୟ ବୈଦ୍ୟର କଥାକୁ ହିଁ ଚିକିତ୍ସା କହିବା ! ରୋଗୀର କଥାକୁ କେବେ ଚିକିତ୍ସା କହିପାରିବା ନାହିଁ । ସେହିଭଳି ଆମେ ଯଦି ଅର୍ଜୁନଙ୍କୁ ରୋଗୀ ଏବଂ ଶ୍ରୀକୃଷ୍ଣଙ୍କୁ ବୈଦ୍ୟ ଭାବିବା, ସେତେବେଳେ ଶ୍ରୀକୃଷ୍ଣଙ୍କ କଥା ଚିକିତ୍ସା ହେବ ସିନା, ଅର୍ଜୁନଙ୍କ କଥା ଚିକିତ୍ସା ହେବ ନାହିଁ ! ଅର୍ଜୁନ ନିଜଠାରେ ଥିବା ଅଜ୍ଞାନରୋଗକୁ ବହିର୍ଗତ କଲାବେଳେ, ଶ୍ରୀକୃଷ୍ଣ ତା'ର ଚିକିତ୍ସା ବିଧି କହିଥିଲେ, ତା'କୁ ଯଦି ଆମେ ଚିକିତ୍ସା ନାମ ଦେବା, ତାହା କେବଳ ଶ୍ରୀକୃଷ୍ଣଙ୍କ କଥା କାରଣରୁ ହେବ ! କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନ ନିଜର ବିଷାଦକୁ (ରୋଗ) କହିବା ବେଳେ, ସର୍ବଦୁଃଖହର ଜ୍ଞାନକୁ (ଔଷଧ) ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଏବଂ ତାହା ଭଗବଦ୍ଗୀତା ନାମରେ ନାମିତ ହୋଇଛି ।

"ଭଗବଦ୍ଗୀତା" କହିଲେ ଯାହା ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ସିନା, ଅର୍ଜୁନଙ୍କ କଥା ନୁହେଁ ବୋଲି ଜଣାଯାଉଛି, ତେଣୁ ଭଗବଦ୍ଗୀତା କେଉଁଠାରୁ ଆରମ୍ଭ ହେଲା ବୋଲି ପ୍ରଶ୍ନ କଲେ ! ବୈଦ୍ୟ ଯାହା କହେ ତାହା ଚିକିତ୍ସା ହେବା ଭଳି, ଭଗବାନ ଯେଉଁଠାରୁ କହିଛନ୍ତି ସେହିଠାରୁ ଭଗବଦ୍ଗୀତା ଆରମ୍ଭ ହୋଇଛି ବୋଲି ଶଙ୍କୋଚହୀନ ଭାବରେ

କହିପାରିବା । ଆମର ଯାହା ଦରକାର, ଆମେ ଯାହା ଜାଣିବା ଦରକାର ତାହା ଭଗବାନଙ୍କ କଥାରୁ ଆରମ୍ଭ ହୋଇଛି । ଭଗବାନଙ୍କ କଥା ହିଁ ଜୀବ ଜାଣିବାର ସୀମା ତେଣୁ ତାହାକୁ ହିଁ ଭଗବଦ୍ଗୀତା  କୁହାଯାଇଛି ।

ଏଠାରେ କେତେକଙ୍କଠାରେ ଏକ ସନ୍ଦେହ ଆସି ରୋଗୀ ନଥିବା ବୈଦ୍ୟ କି ରୋଗ ନଥିବା ଚିକିତ୍ସା ଆମର କ'ଣ ଦରକାର ! ତେଣୁ ଅର୍ଜୁନଙ୍କଠାରୁ ଆରମ୍ଭ ହୋଇଥିବା ବିଷାଦ ଯୋଗ ତ ଭଗବଦ୍ଗୀତାର ମୁଖ୍ୟ ବିଷୟ ହେଉଛି ! ବୋଲି ପଚାରି ପାରନ୍ତି । ତା'ର ସମାଧାନ କ'ଣ ବୋଲି ଦେଖିଲେ, ସେଦିନ ଅର୍ଜୁନଙ୍କର କାହିଁକି ଆଜି ସର୍ବମାନବଜାତିର କ'ଣ ବିଷାଦ ନାହିଁ ! ଗୀତା ସର୍ବ ମାନବଜାତିର ଦରକାର । ସେଦିନ ଅର୍ଜୁନଙ୍କର ବିଷାଦ ଥିବା ଭଳି ଆଜି ଆମ ବିଷାଦ ପାଇଁ ଭଗବଦ୍ଗୀତା ଦରକାର ହେଉଥିବା ବେଳେ ତାହା ଅର୍ଜୁନଙ୍କ ବିଷାଦ ବୋଲି କିପରି କହିବା ? ଶ୍ରୀକୃଷ୍ଣଙ୍କ କଥା ଭବରୋଗହର ଚିକିତ୍ସା ଭଳି । ଭବରୋଗ ଆମ ସମସ୍ତଙ୍କର ରହିଛି । ତେଣୁ ଅର୍ଜୁନ ବିଷାଦ ଯୋଗ ନାମକ ଅଧ୍ୟାୟକୁ ଭଗବଦ୍ଗୀତା ନାମରେ କହିବା ଉଚିତ୍ ନୁହେଁ । ଅନ୍ୟସବୁ ଭଗବଦ୍ଗୀତାଗୁଡିକରେ ଭଗବାନ କହିଥିବା ବିଷୟଠାରୁ ଆରମ୍ଭକରି ଲେଖାଯାଇଥିଲେ ଉଚିତ୍ ହୋଇଥା'ନ୍ତା । ତା'ଛଡା ସବୁ  ଗୀତାଗୁଡିକରେ  ଅର୍ଜୁନ ବିଷାଦଯୋଗଠାରୁ ଲେଖାଯିବା ଯୋଗୁଁ ପାଠକରୁଥିବା ଲୋକମାନେ ଏହା ଶ୍ରୀକୃଷ୍ଣ ଅର୍ଜୁନଙ୍କୁ  କହିଛନ୍ତି, ତାହା ଅର୍ଜୁନଙ୍କ ପାଇଁ, ଅର୍ଜୁନଙ୍କ ଦ୍ୱାରା ଯୁଦ୍ଧ କରାଇବା ପାଇଁ, ଅଧୈର୍ଯ୍ୟ ପାର୍ଥଙ୍କୁ ଧୈର୍ଯ୍ୟ ଦେବା ପାଇଁ କୁହାଯାଇଛି ବୋଲି ଭାବୁଛନ୍ତି,ଏକ ଗପଭଳି ପଢୁଛନ୍ତି । ଅର୍ଜୁନ ବିଷାଦଯୋଗ ପଢୁଥିବା କେତେକ ବ୍ୟକ୍ତି ଅର୍ଜୁନଙ୍କର ଦୁଃଖ ଥିଲା, ତାଙ୍କ ପାଇଁ ହିଁ ଗୀତା ଆବଶ୍ୟକ ଥିଲା, ତେଣୁ ଅର୍ଜୁନଙ୍କୁ ହିଁ କହିଛନ୍ତି, ଏଥିରୁ ଆମକୁ କ'ଣ ଲାଭ ମିଳିବ ? ବୋଲି ଭାବ ବ୍ୟକ୍ତ କରୁଛନ୍ତି । ମୁଖ୍ୟବିଷୟ ହେଉଛି ଏଠାରେ ପଢୁଥିବା ଲୋକ ଜାଣିପାରୁ ନାହିଁ ଯେ, ଏହା ମୋ'ପାଇଁ ମଧ୍ୟ କୁହାଯାଇଛି । ସେଥିଲାଗି ଆଜି ଗୀତା କେବଳ ଗୀତାପାରାୟଣ କରିବା ପାଇଁ ଅଛି ବୋଲି ଭାବୁଛନ୍ତି, ତେଣୁ କଣ୍ଠପାଠ କରି ଗୀତାପାରାୟଣ କରୁଛନ୍ତି ସିନା ତା'ର ପ୍ରକୃତ ଭାବ କ'ଣ ଅଛି ତାହା କେହି ମଧ୍ୟ ବିଚାର କରୁନାହାନ୍ତି ।

ଭଲ ଗୀତାପାରାୟଣ କରିପାରୁଥିବା ଜଣେ ଲୋକ ପାଖକୁ ଯାଇ ଆମେ ପଚାରିଲୁ ଯେ, ଆପଣ ଭଲ ଗୀତାପାରାୟଣ କରୁଛନ୍ତି ତେଣୁ ଗୀତା ଶ୍ଲୋକଗୁଡିକର ଅର୍ଥ ଆପଣଙ୍କୁ ନିଶ୍ଚୟ ଭଲରେ ଜଣାଥିବ । ସେତେବେଳେ ସେ କହିଲେ "ତା'ର ଅର୍ଥ ଆମର କ'ଣ ଦରକାର, ପାରାୟଣ କଲେ ଭଲ ବୋଲି କରିବା ଉଚିତ" । ଆମେ ପୁଣି କହିଲୁ ଗୀତା କ'ଣ ପାଇଁ କୁହାଯାଇଛି ତାହା କହିବା ଉଚିତ୍ ସିନା, ଏମିତି ବିନା ଅର୍ଥରେ ଗୀତା ପାରାୟଣ କରି କ'ଣ ଲାଭ ? ସେତେବେଳେ ସେ "ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କଣ କହିଲେ ଆମର କଣ ଲାଭ ? ଯାହା କହିଛନ୍ତି ତାହା ଅର୍ଜୁନ ଶୁଣିବା ଦରକାର ଥିଲା, ଆମର ଦରକାର ନାହିଁ । ବଡଲୋକମାନେ କହିଛନ୍ତି ଗୀତାପାରାୟଣ କଲେ ଭଲ, ତେଣୁ କରିବା ଉଚିତ୍ ସିନା, କାହିଁକି ?, କିଲାଭ ? ବୋଲି ପଚାରିବା ଉଚିତ୍ ନୁହେଁ" ବୋଲି ଟିକିଏ କ୍ରୋଧଭରା କଣ୍ଠରେ କହିଲେ । ଏହିଭଳି ଅନେକ ଲୋକ ଗୀତାର ପ୍ରଥମ ଅଧ୍ୟାୟରୁ ହିଁ ପ୍ରକୃତ ଗୀତାଭାବରୁ ଦୂର ହୋଇଯାଉଛନ୍ତି ବୋଲି ଜଣାଯାଉଛି । ତେଣୁ ଏବେ ଆମେ ଲେଖୁଥିବା ଭଗବଦ୍ଗୀତାରେ ଅର୍ଜୁନ ବିଷାଦଯୋଗ ନାମକ ଅଧ୍ୟାୟକୁ ନ ଲେଖି କେବଳ ଭଗବାନ କହିଥିବା କଥାଠାରୁ ଆରମ୍ଭ କରି ଭଗବଦ୍ଗୀତାର ନାମକୁ ସାର୍ଥକ କରିବାକୁ ଉଦ୍ୟମ କରିଛୁ ।

କେତେକ ଚତୁରଲୋକମାନେ ଗୀତାପାରାୟଣକୁ ଦୃଷ୍ଟି ନଦେଇ ଭଗବାନ କ'ଣ କହିଛନ୍ତି ତାହା ଜାଣିବାକୁ ଚେଷ୍ଟା କରନ୍ତି । ସେମାନେ ସେଥିରୁ ସତ୍ୟକୁ ଜାଣିବାକୁ ଚେଷ୍ଟା କଲେ ମଧ୍ୟ, ସଂପୂର୍ଣ୍ଣ ଗୀତା ପଢି ମଧ୍ୟ କିଛି ବୁଝି ନପାରି ସେଥିରେ କୌଣସି ବିଷୟ ସହିତ କୌଣସି ବିଷୟର ସଂପର୍କ ନାହିଁ, କେବଳ ଅର୍ଜୁନଙ୍କୁ ଉତ୍ସାହିତ କରିବା ପାଇଁ ତାହା କୁହାଯାଇଛି ସିନା, ସିଦ୍ଧାନ୍ତ ଅନୁସାରେ ଜାଣିବା ବିଷୟ କିଛି ନାହିଁ ବୋଲି କହୁଛନ୍ତି । ସେକଥା ଶୁଣି ଆମେ "ଗୀତା ଧର୍ମମୟ ଏବଂ ଶାସ୍ତ୍ରବଦ୍ଧ ଭାବରେ ଥିବାବେଳେ ଏଭଳି କାହିଁକି କହୁଛନ୍ତି ?" ବୋଲି ପଚାରିବାରୁ "ଆଜ୍ଞା ! କ'ଣ ଅଛି ସେ ଗୀତାରେ ? ଅନ୍ଧଭାବରେ ପଢିବା ଲୋକମାନଙ୍କ

ପାଇଁ ଠିକ୍ ସିନା ବିବରଣକୁ ଦୃଷ୍ଟିଦେଇ ପଢୁଥିବା ଆମମାନଙ୍କ ପାଇଁ ଠିକ୍ ନୁହେଁ । ଗୋଟିଏ ଜାଗାରେ ଆତ୍ମା ଇନ୍ଦ୍ରିୟର ଅତୀତ କହିଲେ ଆଉଗୋଟିଏ ଜାଗାରେ 'ଓଁ'କାରକୁ ପରମାତ୍ମା ବୋଲି କହିଛନ୍ତି, ସେଠାରେ ଦେଖାଯାଉ ନଥିବା, ଶୁଣାଯାଉ ନଥିବା ପରମାତ୍ମା ଏଠାରେ ଦେଖାଯାଇ ଶୁଣାଯାଉଥିବା ଓଁ କେମିତି ହେଲେ ? ଗୋଟିଏ ଜାଗାରେ ସବୁ ପ୍ରକୃତି କରୁଛି ମୁଁ କିଛି ନକରି ସାକ୍ଷୀଭାବରେ ଅଛି ବୋଲି କହି, ଆଉ ଗୋଟିଏ ଜାଗାରେ ମୁଁ ସବୁ କରୁଛି, ସମସ୍ତଙ୍କୁ କଣ୍ଢେଇ ଭଳି ନଚଉଛି ବୋଲି କହିବା କ'ଣ ଧର୍ମ ? ଗୋଟିଏ ଜାଗାରେ ମୋ'ପାଇଁ ସମସ୍ତେ ସମାନ ବୋଲି କହି ଆଉ ଗୋଟିଏ ଜାଗାରେ ମୁଁ ଉଚ୍ଚକୁଳ ନିଚ୍ଚକୁଳ ସୃଷ୍ଟି କରିଛି ବୋଲି କହିବା କି ଧର୍ମ ? କି ଦୈବତ୍ୱ ? ଗୋଟିଏ ଜାଗାରେ ଗୁଣଗୁଡିକ ଦ୍ୱାରା ସବୁ ହେଉଛି ବୋଲି କହୁଛନ୍ତି ଆଉ ଗୋଟିଏ ଜାଗାରେ ଗୁଣଗୁଡିକୁ ତ୍ୟାଗ କର୍ ବୋଲି କହୁଛନ୍ତି ! ପୁଣି କହୁଛନ୍ତି ଗୁଣଗୁଡିକୁ ତ୍ୟାଗକରି କାର୍ଯ୍ୟ ନ କଲେ ତାହା ତାମସିକ କାର୍ଯ୍ୟ ହେବ । ସେଭଳି କାର୍ଯ୍ୟ କରିବା ଉଚିତ ନୁହେଁ ବୋଲି କହୁଛନ୍ତି । ଥରେ କୁକୁର, ହାତୀ, ଚଣ୍ଡାଳ ସମସ୍ତେ ସମାନ କହି ଆଉଥରେ ସେ ତୋର ଶତ୍ରୁ ତା'କୁ ମାର୍ ବୋଲି କହୁଛନ୍ତି । କେଉଁଠି ଆତ୍ମା ଅମର ବୋଲି କହିଲେ କେଉଁଠି ମୁଁ ସମସ୍ତଙ୍କୁ ବିନାଶ କରୁଥିବା କାଳ ବୋଲି କହୁଛନ୍ତି । ଏହିଭଳି ଗୀତାରେ ଅନେକ ଦିଗହୀନ କଥା ରହିଛି । ସଥିଲାଗି ଅର୍ଥରେ କାର୍ଯ୍ୟ ନଥାଇ ମନେରଖି ଗାଉଥିବା ଲୋକମାନଙ୍କ ପାଇଁ, ପଢିଲେ ଭଲ ବୋଲି ପଢୁଥିବା ଲୋକମାନଙ୍କ ପାଇଁ ଗୀତା ଠିକ୍ ସିନା, ଆମର କେଉଁ କାର୍ଯ୍ୟରେ ଆସୁନାହିଁ" ବୋଲି କହୁଛନ୍ତି ।

ପ୍ରକୃତ ଭାବ ଖୋଜୁଥିବା ଲୋକମାନଙ୍କ ପାଇଁ ଗୀତାରେ କେତେକ ସନ୍ଦେହ ରହିଥିବା କଥା ସତ୍ୟ । ତା'ବୋଲି ଯେ, ଗୀତା ଅସତ୍ୟ, ଅଶାସ୍ତ୍ରୀୟ, ସିଦ୍ଧାନ୍ତ ନୁହେଁ ବୋଲି ଆମେ କହିପାରିବା ନାହିଁ । ଗୀତାକୁ ବିଭିନ୍ନ ଭାଷାରେ ଅନୁବାଦ କରି ଯେଉଁମାନେ ତା'ର ଭାବବ୍ୟକ୍ତ କରିଛନ୍ତି ସେମାନେ ସଠିକ୍ କରି ନଥିବା କାରଣରୁ ଉପରୋକ୍ତ ସନ୍ଦେହ ଆସିଥାଇ ପାରେ । ସତ

କହିବାକୁ ଗଲେ ସେଦିନ ଭଗବାନ କହିଥିବା ଗୀତା ଆଜିପର୍ଯ୍ୟନ୍ତ କାହାକୁ ବୁଝାପଡି ନାହିଁ ବୋଲି କହିପାରିବା । କାରଣ ! ଭଗବଦ୍ଗୀତା ସକ୍ରମରେ ବୁଝିବାକୁ ହେଲେ ମୁଖ୍ୟତଃ ଚାରିଗୋଟି ସୂତ୍ର ଅନୁସାରେ ପଢିବାକୁ ହେବ । ଏଭଳି ସୂତ୍ରବଦ୍ଧ ଭାବରେ ନ ଲେଖି ନିଜ ଇଚ୍ଛା ଅନୁସାରେ ଯେଉଁମାନେ ଲେଖିଛନ୍ତି, ଯେଉଁମାନେ ନିଜ ଇଚ୍ଛା ଅନୁସାରେ ପଢୁଛନ୍ତି ସେମାନଙ୍କୁ ଗୀତା କେବେ ବୁଝାପଡି ନାହିଁ କି ବୁଝାପଡିବ ନାହିଁ । ଆଜି ପର୍ଯ୍ୟନ୍ତ ଏହି ସୂତ୍ରଗୁଡିକୁ କେହି ଅନୁସରଣ କରିନାହାନ୍ତି । ତେଣୁ ଗୀତାର ପ୍ରକୃତ ସ୍ୱରୂପ କାହାକୁ ବୁଝାପଡି ନାହିଁ ବୋଲି କହିପାରିବା । ଏ କଥା କେତେକଙ୍କୁ ଭଲ ନ ଲାଗି ସେମାନେ ଆମ ଉପରେ କ୍ରୋଧିତ ହୋଇପାରନ୍ତି । ସେମାନେ କଣ ଗୀତା ଆମକୁ ଜଣା ନାହିଁ ? ବୋଲି ପ୍ରଶ୍ନକରି ଆମ ଉପରେ ଦ୍ୱେଷଭାବ ରଖିଲେ ମଧ୍ୟ ଦୁଃଖ ନାହିଁ, କିନ୍ତୁ ଏହା ସତକଥା ଯେ, ଆଜି ପର୍ଯ୍ୟନ୍ତ ସଂଶୟରହିତ ଗୀତା ନାହିଁ ! ତେଣୁ ସଂଶୟରହିତ ଗୀତା ପଢିବାକୁ ହେଲେ ମୁଖ୍ୟତଃ ତଳେ ଦିଆଯାଇଥିବା ଚାରିଗୋଟି ସୂତ୍ର ଅନୁସାରେ ପଢିବାକୁ ପଡିବ ।

**୧. ପଢୁଥିବା ଶ୍ଲୋକ ଜୀବାତ୍ମା, ଆତ୍ମା, ପରମାତ୍ମା କି ପ୍ରକୃତି କାହା ବାବଦରେ କୁହାଯାଇଛି ?**

**୨. ପଢୁଥିବା ଶ୍ଲୋକ ବ୍ରହ୍ମଯୋଗ ! କି କର୍ମଯୋଗ, କାହା ସମ୍ବନ୍ଧୀୟ ?**

**୩. ପଢୁଥିବା ଶ୍ଲୋକ ସାକାର ରୂପ ପାଇଁ କି ନିରାକାର ପାଇଁ, କାହାପାଇଁ କୁହାଯାଇଛି ?**

**୪. ପଢୁଥିବା ଶ୍ଲୋକ ଶାସ୍ତ୍ରବଦ୍ଧ କି ନୁହେଁ ?**

ଏହି ଚାରି ସୂତ୍ର ଗୀତା ଉପରେ ପ୍ରୟୋଗ କରି ନ ଦେଖିଲେ ଗୀତା ପଢି କିଛି ଲାଭ ନାହିଁ । ଏହି ଚାରିସୂତ୍ର ଅନୁସାରେ ଆଜିଯାଏଁ କୌଣସି

ଗୀତା ଲେଖାଯାଇ ନାହିଁ । ତେଣୁ ସେଗୁଡିକରେ ଅନେକ ସନ୍ଦେହ ରହିବା ସ୍ୱାଭାବିକ । ସଂଶୟରହିତ ଜ୍ଞାନ ଗୀତାରୁ ଜାଣିବାକୁ ହେଲେ ଏହି ଚାରି ସୂତ୍ରର ପ୍ରୟୋଗ ଦ୍ୱାରା ସମ୍ଭବ । ଏହି ଚାରି ସୂତ୍ର ଦ୍ୱାରା ଗୀତାରେ ଥିବା ଅଶାସ୍ତ୍ରୀୟତାକୁ କାଢିଦେଇ ସ୍ୱଚ୍ଛ ଆତ୍ମଜ୍ଞାନ ଜାଣିପାରିବା । ଭଗବାନଙ୍କ ଉଦ୍ଦେଶ୍ୟଠାରୁ ଭିନ୍ନ ଥିବା ଶ୍ଳୋକ ଏହି ଚାରିସୂତ୍ର ଦ୍ୱାରା ଆପଣାଛାଏଁ ବାହାରିଯିବ । ଭଗବାନଙ୍କ ଭାବ ଶାସ୍ତ୍ରବଦ୍ଧ । ତାହା ପଢିବା ପରେ କୌଣସି ସନ୍ଦେହ ବାକି ରହିଯିବ ନାହିଁ । ଏହି ଚାରି ସୂତ୍ରର ସଂପର୍କ ନଥିବା ଶ୍ଳୋକଗୁଡିକ ଭଗବଦ୍ଗୀତାର ନୁହେଁ ବୋଲି କହିପାରିବା । ଏବେ ଆମେ ସେହି ସୂତ୍ରକୁ ପ୍ରୟୋଗକରି ଦେଖିବା । ପ୍ରଥମେ ଭଗବଦ୍ଗୀତା ପାଠକରିବା ଆଗରୁ ନିହାତି ପାଠ କରାଯାଉଥିବା ଗୀତାମାହାତ୍ମ୍ୟ ସହିତ ଭଗବଦ୍ଗୀତାର କି ସଂପର୍କ ରହିଛି ସେ ବାବଦରେ ଟିକିଏ ଆଲୋଚନା କରିବା ।

ଗତକାଳର ବଡଲୋକମାନେ କିଛି ଭଲକାର୍ଯ୍ୟ କରିବା ପାଇଁ ଇଚ୍ଛା କରିଥିବା ବେଳେ, ତାହା ସେ କାଳର ସମାଜରେ ଦୂର୍ଭାଗ୍ୟ ବସତଃ ଅନର୍ଥ ହୋଇ ରହିଯାଇଛି, ସେମାନେ ଆଶା କରିଥିବା ଫଳଠାରୁ ସେମାନଙ୍କୁ ଭିନ୍ନ ଫଳ ମିଳିଛି । ଉଦାହରଣ ସ୍ୱରୂପ ଯମଲୋକ ବୋଲି କୌଣସି ସ୍ଥାନ ଅଛି, ସେଠାରେ ପାପ ଅନୁସାରେ ନର୍କ ଅନୁଭବ କରିବାକୁ ହୁଏ, ଏଇ ଭୟ ଜାଗ୍ରତ କରିବା ପାଇଁ ବାସ୍ତବରେ କେଉଁଠି ନଥିବା ଯମଲୋକ ବାବଦରେ ସେମାନେ ବର୍ଣ୍ଣନା କରିଥିଲେ, ତ'ଦ୍ୱାରା ପ୍ରଜାମାନସରେ ଭୟ ଉତ୍ପତି ହେବ, ପ୍ରଜାମାନେ ପାପକାର୍ଯ୍ୟ କରିବେ ନାହିଁ, ଏହା ଥିଲା ସେମାନଙ୍କର ଉଦ୍ଦେଶ୍ୟ, କିନ୍ତୁ ପ୍ରଜାମାନେ ତା'ର ଭିନ୍ନ ଭାବକୁ ବୁଝିଛନ୍ତି । ପାପକାର୍ଯ୍ୟ କରୁଥିବା ମଣିଷ ଆଜି ଭୟ କରୁ ନାହିଁ । ଏହା କରିବା ଉଚିତ ନୁହେଁ ବୋଲି ତା'କୁ ବୋଧ ହେଉଥିଲେହେଁ ତାହା ସମୟାନୁକୂଳ କାର୍ଯ୍ୟ ଭାବି ପାପ ହେଲେହେଉ ପଛେ, ଯମଲୋକକୁ ଗଲାବେଳେ ଦେଖାଅଛି, ସେଠାରେ ଅନୁଭବ କରିବାକୁ ପଡିଲେ କରିବି, ମରଣ ପରେ କ'ଣ କିଛି ଭୋଗିବାକୁ ହେବ ଯେ, ଏବେ କାହିଁକି ସୁଯୋଗକୁ ଛାଡିବି, ଏହା ସତ କି

ମିଛ କିଏବା ଦେଖିଛି ? ବୋଲି ନିଜ ଭିତରେ ପ୍ରଶ୍ନ କରି, କୌଣସି ଜବାବ ନପାଇ କୌଣସି ପ୍ରମାଣ ନଥିବା ଯମଲୋକ ବାବଦରେ ହେୟଜ୍ଞାନ ହୋଇ ମନଇଚ୍ଛା କାର୍ଯ୍ୟ କରୁଛି । ବାସ୍ତବରେ ମଣିଷଠାରେ ଆଜି ଯମଲୋକର ପାପଭୀତି ହିଁ ନାହିଁ ।

ବଡମାନେ ଯମଲୋକ ଆଉ କେଉଁଠି ଅଛି ବୋଲି ବର୍ଣ୍ଣନା ନ କରି ତାହା ଏଇଠାରେ ଅଛି ବୋଲି କହିବା ଉଚିତ୍ ଥିଲା । ଭୂପୃଷ୍ଠରେ ଅନୁଭବ କରୁଥିବା ଦୁଃଖକଷ୍ଟଗୁଡିକ ଯମଯନ୍ତ୍ରଣା ବୋଲି, ବାସ୍ତବତାକୁ ଯଦି ସେମାନେ ଜଣାଇଥା'ନ୍ତେ ତେବେ ପ୍ରତ୍ୟକ୍ଷ ଭାବରେ ଘଟୁଥିବା ଦାରୁଣ ଘଟଣାଗୁଡିକୁ ଦେଖି, ମଣିଷ କରୁଥିବା ପାପର ପରିଣାମ ଏହିଭଳି ଅନୁଭବ କରିବାକୁ ହୁଏ ବୋଲି ଜାଣି, ହୁଏତ ଆଜି ପାପକାର୍ଯ୍ୟ କରୁନଥା'ନ୍ତା । ବାସ୍ତବ କଥାକୁ ନଜଣାଇ ମଣିଷ ସହଜରେ ବୁଝିପାରିବ ଭାବି କହିଥିବା କାହାଣୀଗୁଡିକ ମଣିଷକୁ ଅବାଟରେ ନେଇଯାଇଛି । ସେହିଭଳି ଆଜି ଗୀତାମାହାତ୍ମ୍ୟ ଦ୍ୱାରା ଗୀତାର ଭାବ ଅବାଟରେ ଚାଲିଯାଇଛି ବୋଲି କହିହେଉଛି । କେତେକ ବଡମାନେ ଗୀତାକୁ ସମସ୍ତେ ପଢିବା ଉଚିତ୍, ସମସ୍ତଙ୍କଠାରେ ଭକ୍ତିଭାବ ଜାଗ୍ରତହେବା ଉଚିତ୍ ବୋଲି ଗୀତାମାହାତ୍ମ୍ୟକୁ ତିଆରି କରିଥିଲେ । କିନ୍ତୁ ତା'ଦ୍ୱାରା ପ୍ରଜାମାନେ ଗୀତାମାହାତ୍ମ୍ୟରେ କଳ୍ପିତ ହୋଇଥିବା ଫଳ ଉପରେ ଲଗ୍ନହୋଇ ଗୀତାଭାବକୁ ଛାଡିଦେଇଛନ୍ତି । ସମସ୍ତେ ମାହାତ୍ମ୍ୟରେ ବର୍ଣ୍ଣିତ ଫଳ ଉପରେ ଲାଳାୟିତ ହୋଇଛନ୍ତି । ସେଥିଲାଗି ଗୀତାର ଧର୍ମଗୁଡିକୁ ଜାଣି ପାରୁନାହାନ୍ତି । ମଣିଷର ହିତ କାମନା କରୁଥିବା ଲୋକମାନେ ଆମର ଉଦ୍ଦେଶ୍ୟ  ଭଲ ଉଦ୍ଦେଶ୍ୟ ଭାବି ଜଣାଇଥିବା ଗୀତାମାହାତ୍ମ୍ୟକୁ ମଣିଷ ଜୀବନର ଲାଭନଷ୍ଟ ଉପରେ ଉପଯୋଗ କରିବା ଶିଖାଇଦେଇ ସେମାନଙ୍କ ଅଜାଣତରେ ମଣିଷକୁ ଅଧର୍ମ ଦିଗରେ ଚଲାଇବା ଶିଖାଇଛନ୍ତି । ମଣିଷ ଏହିଭଳି ଅଧର୍ମୀ ହେବାପାଇଁ ଗୀତାମାହାତ୍ମ୍ୟରେ ଭଗବଦ୍ଗୀତାର ଅନେକ ବ୍ୟତିରେକ ଏବଂ ଧର୍ମବିରୁଦ୍ଧ କଥାଗୁଡିଏ ରହିଛି । ତେଣୁ

ଆମେ ପ୍ରଥମେ ସେହି ପୂର୍ବରୁ ଥିବା ଗୀତାମାହାତ୍ମ୍ୟ କ'ଣ କିଛି ଜାଣିବା ନିହାତି ଦରକାର ।

ଭଗବାନ ଗୀତାକୁ ଯେଉଁ ଉଦ୍ଦେଶ୍ୟରେ ପ୍ରକଟିତ କରିଛନ୍ତି ସେହି ଉଦ୍ଦେଶ୍ୟର ବିପରୀତ ଭାବ ଗୀତାମାହାତ୍ମ୍ୟରେ ଲେଖାଯାଇଥିବାରୁ ଏକଥା ନିଶ୍ଚୟ ଆଶ୍ଚର୍ଯ୍ୟଜନକ ବିଷୟ ହୋଇପଡିଛି । ଗୀତାରେ ଭଗବାନ ଧର୍ମ ଜଣାଇଥିବାବେଳେ, ଧର୍ମର ବିପରୀତ ବାକ୍ୟଗୁଡିଏ ଗୀତାମାହାତ୍ମ୍ୟ ନାମରେ ଲେଖି ମଣିଷକୁ ଅବାଟରେ ଚଲାଇବା ବଡବିଚିତ୍ର ବୋଧ ହେଉଛି । କିଛି ଜ୍ଞାନଥିବା ଲୋକମାନେ ମଧ୍ୟ ଗୀତାମାହାତ୍ମ୍ୟ ଗୀତାର ବିପରୀତ ବୋଲି ବିଚାର ନ କରି ନିତ୍ୟପାରାୟଣ କରିବା ଆହୁରି ବଡ ବିଚିତ୍ର ବୋଧ ହେଉଛି । ଆମେ କହୁଥିବା ଏଇ କଥାରେ କେତେକ ରାଗିଯାଇ କଣ୍ଠ ଫଟାଇ ତମେ ବଡ ଅଜ୍ଞାନୀ, ତମକୁ କିଛି ଜଣା ନାହିଁ ବୋଲି ଚିତ୍କାର କରିପାରନ୍ତି । ହେଲେ ପାଠକମାନେ ! ଆପଣମାନେ ଏକ ବିଚାର କରିବା ସ୍ଥିତିକୁ ଆସନ୍ତୁ ଆଉ ସତ୍ୟାସତ୍ୟକୁ ପରଖନ୍ତୁ ! ଦିନେ ସତ୍ୟ କହିଥିବା ଯୀଶୁଙ୍କୁ ସେଦିନର ପ୍ରଜାମାନେ ଦୈବଦ୍ରୋହୀ କହି, ତାଙ୍କ କଥାକୁ ଅସତ୍ୟ ସାବ୍ୟସ୍ତ କରି, ନାନା ହିଂସାକରି ମାରି ଦେଇଥିଲେ । ହେଲେ ସତ୍ୟ ଜାଣିବା ପରେ ତାଙ୍କରି କଥା ଆଜି ଖ୍ରୀଷ୍ଟିଆନମାନଙ୍କର ଶୀରୋଧାର୍ଯ୍ୟ ହୋଇଛି । ସେହିଭଳି ଦିନେ ଖଗୋଳ ରହସ୍ୟକୁ ଜଣାଇଥିବା ଗାଲିଲିଓଙ୍କୁ ସେଦିନ ଜ୍ଞାନୀ ବୋଲାଉଥିବା ଲୋକମାନେ କେତେ ହିଂସା ଉପାୟ ଅବଲମ୍ବନ କରି ମାରି ଦେଇଥିଲେ, କିନ୍ତୁ ଆଜି ଦେଖନ୍ତୁ, ଗାଲିଲିଓଙ୍କ କଥା ହିଁ ଖଗୋଳ ଶାସ୍ତ୍ରବେତ୍ତାମାନଙ୍କର ଆଧାର ହୋଇଛି । ତେଣୁ ଆମ ହିସାବରେ ଆଜି ଯେଉଁମାନେ ଜ୍ଞାନୀ ବୋଲାଉଛନ୍ତି ସେମାନେ ଏହା ଅସତ୍ୟ ବୋଲି ଚିତ୍କାର ନ କରି ଟିକିଏ ବିଚାର ପୂର୍ବକ ଦେଖନ୍ତୁ, ସତ୍ୟକୁ ନିଶ୍ଚୟ ଜାଣିପାରିବେ ବୋଲି ଜଣାଉଛୁ ।

ଆମେ ଲେଖିଥିବା ଚାରିଗୋଟି ସୂତ୍ର ଅନୁସାରେ ଦେଖିଲେ ଗୀତାମାହାତ୍ମ୍ୟ ଅଶାସ୍ତ୍ରୀୟ କି ନୁହେଁ ଜଣାପଡଯିବ । ବିଶେଷ କଥା ହେଉଛି ଗୀତା ଯୋଗଶାସ୍ତ୍ର ହୋଇଥିବା ବେଳେ, ଗୀତାମାହାତ୍ମ୍ୟ ବରାହ ପୁରାଣର ।

ଶାସ୍ତ୍ର ଆଉ ପୁରାଣ ଭିତରେ କି ପାର୍ଥକ୍ୟ ରହିଛି ଜାଣିବାକୁ ଚାହିଁଲେ ତା'ର ପ୍ରମାଣଭାବରେ ଶାସ୍ତ୍ର ହୋଇଥିବା ଗୀତା ଜନ୍ମରହିତ କଥା ଜଣାଉଥିବା ବେଳେ, ବରାହପୁରାଣରୁ ଆସି ଲେଖାଯାଇଥିବା ଗୀତାମାହାତ୍ମ୍ୟ ପାଠକରିବା ଦ୍ୱାରା, ଗୀତାପାରାୟଣ କରିବା ଦ୍ୱାରା ମାନବ ବାରମ୍ବାର ଜନ୍ମ ନେଉଥିବ ବୋଲି ଜଣାଯାଉଛି । ଗୀତାମାହାତ୍ମ୍ୟର ୧୩ତମ ଶ୍ଳୋକରେ ସବୁଦିନ ଗୀତାର ଗୋଟିଏ ଅଧ୍ୟାୟ ପଢ଼ିବା ଦ୍ୱାରା ମନ୍ୱନ୍ତର ପର୍ଯ୍ୟନ୍ତ ନରଜନ୍ମ ନେଇ, ଭୂପୃଷ୍ଠରେ ରହିହେବ ବୋଲି ଲେଖାଯାଇଛି । କ'ଣ ଏହା ଗୀତାର ବିରୁଦ୍ଧ କଥା ନୁହେଁ ?

ଦିନସାରା ପାପ କରି ସଂଧ୍ୟାରେ ଗୀତା ଶୁଣୁଥିବା ଲୋକମାନେ ଅନେକ ଅଛନ୍ତି । କାରଣ ! ଗୀତା ଶୁଣିବା ଦ୍ୱାରା ପାପସବୁ ପୁଣ୍ୟରେ ବଦଳିଯାଏ ବୋଲି ଗୀତାମାହାତ୍ମ୍ୟର ୧୮ତମ ଶ୍ଳୋକରେ ଲେଖାଅଛି । ତେଣୁ ଦିନସାରା ପାପକରି, ସଂଧ୍ୟାରେ ତାକୁ ପୁଣ୍ୟରେ ବଦଳାଇବା ପାଇଁ ଗୀତାକୁ କାନରେ ଶୁଣୁଛନ୍ତି ସିନା, ସେଥିରେ କି ଉନ୍ନତ ଭାବ ରହିଛି ସେମାନଙ୍କର କ'ଣ ଦରକାର ? ବୋଲି ଭାବୁଛନ୍ତି । ଗୀତାରେ କ'ଣ କହିଛନ୍ତି ଜାଣି ସେହି ଅନୁସାରେ ଜୀବନ ବଞ୍ଚିବା ଉଚିତ୍ ବୋଲି ଆମେ କହିବା ବେଳେ, ତାହା ଆମର ଦରକାର ନାହିଁ ! ଗୀତା ଶ୍ଳୋକର ଭାବ ବୁଝିବା ଆମ ଦ୍ୱାରା ହେବ ନାହିଁ, ତା'ଅପେକ୍ଷା ଗୀତା ମାହାତ୍ମ୍ୟରେ କହିବା ଭଳି ଗୀତା ଶୁଣିଲେ ସହଜରେ ପାପସବୁ ପୁଣ୍ୟରେ ବଦଳିଯାଏ, କ'ଣ ଏକଥା ଜାଣି ନାହଁ ? ବୋଲି କେତେକ ଆମକୁ ମଧ୍ୟ ଭଲ ଉପାୟ ବତାଉଛନ୍ତି ।

ଭଗବଦ୍ଗୀତା ପାପପୁଣ୍ୟ ରହିତ ବା କର୍ମରହିତ ମୋକ୍ଷକଥା କହୁଥିବା ବେଳେ, ଗୀତାମାହାତ୍ମ୍ୟରେ ପାପକୁ ପୁଣ୍ୟରେ ବଦଳାଅ ବୋଲି ଲେଖାଯାଇଛି । ବାସ୍ତବରେ ପାପପୁଣ୍ୟଗୁଡ଼ିକ ମାନବ ଅର୍ଜନ କରିବାବେଳେ କର୍ମଚକ୍ରରେ ସଞ୍ଚିତକର୍ମ ଭାବରେ ପ୍ରବେଶ କରି ଅନ୍ୟ ଜନ୍ମରେ ଅନୁଭବ କରିବାକୁ ହୋଇଥାଏ । ତା'ଛଡ଼ା ଗୀତାମାହାତ୍ମ୍ୟ ଶୁଣିବା ଦ୍ୱାରା ପାପସବୁ ପୁଣ୍ୟରେ ବଦଳିବା ଅଦ୍ଭୁତ କଳ୍ପନା ସିନା, ସତ୍ୟ ନୁହେଁ । ଶୁଣିବା ସୁଯୋଗ

ଥାଇ ମଧ୍ୟ ଗୀତାକୁ ଶୁଣୁନଥିବା ଜଣେ ଲୋକକୁ ମଧ୍ୟ ପଚାରିଲୁ, ତୁ ଅତିକମ୍‌ରେ ଥରେ କାହିଁକି ଶୁଣୁନାହୁଁ, ତମ ଘରପାଖ ମନ୍ଦିରରେ ସବୁ ଦିନ ଗୀତାପାରାୟଣ ହେଉଛି, ତୋତେ ଶୁଣିବାକୁ ଆଉ କିପରି ସୁଯୋଗ ଥାଆନ୍ତା ! ଆମକଥା ଶୁଣି ସେ କହିଲା "ମୁଁ କିଛି ପାପ କରିନାହିଁ । ପାପ କରିଥିଲେ ସିନା ପାପକୁ ପୁଣ୍ୟରେ ବଦଳାଇବା ପାଇଁ ଗୀତା ଶୁଣନ୍ତି, ମୁଁ ତ ପୁଣ୍ୟ କରୁଛି, ଗୀତା ଶୁଣିବା କ'ଣ ଦରକାର" । ତୁ ଇଏ କି ବିଚିତ୍ର କଥା କହୁଛୁ ! ବୋଲି ପୁଣି ପଚାରିବାରୁ 'ଆଜ୍ଞା ଗୀତା ମାହାତ୍ମ୍ୟରେ ଏକଥା ଲେଖାହୋଇଛି ଆପଣ ଏତିକି କଥା ଜାଣି ନାହାନ୍ତି !' । ପୁଣି ତା'କୁ କହିଲୁ ଯେ, ଗୀତାମାହାତ୍ମ୍ୟ ମୁଖ୍ୟ ନୁହେଁ ଗୀତା ମୁଖ୍ୟ.. ଆମଠାରୁ ଏତିକି ଶୁଣୁ ଶୁଣୁ ଏଥର ସେ ହସି ହସି କହିଲା "ଗୀତାମାହାତ୍ମ୍ୟରେ ଲେଖାଯାଇଛି ଆପଣ ଘରକୁ ଯାଇ ଗୀତାମାହାତ୍ମ୍ୟର ୨୦ତମ ଶ୍ଳୋକକୁ ପଢନ୍ତୁ । ଗୀତା ନ ପଢିଲେ ନାଇଁ ଗୀତାମାହାତ୍ମ୍ୟ ନ ପଢିଲେ କିଛି ଫଳ ମିଳିବ ନାହିଁ, ତେଣୁ ଗୀତା ନୁହେଁ ଗୀତାମାହାତ୍ମ୍ୟ ମୁଖ୍ୟ ବୋଲି ମୁଁ ଭାବୁଛି" ।

ଏଭଳି ଅନେକ ଲୋକ ଗୀତାଠାରୁ ଗୀତାମାହାତ୍ମ୍ୟକୁ ମୁଖ୍ୟ ଭାବି ସେହି ଅନୁସାରେ ବିଶ୍ୱାସ କରି ଆସୁଛନ୍ତି । ସେହିଭଳି ଜଣେ ଲୋକକୁ ସାକ୍ଷାତ୍ କରି ତାକୁ ଗୀତା ବିଷୟରେ ପଚାରିବା ବେଳେ ସିଧା "ମୁଁ ଜାଣିନାହିଁ" ବୋଲି କହିଥିଲା । ଇଏ କି ବିଚିତ୍ର କଥା କହୁଛନ୍ତି ଆପଣ ! ଆପଣ ତ ସବୁବେଳେ ଗୀତା ପଢୁଛନ୍ତି.. ବୋଲି କହୁ କହୁ "ହଁ ମୁଁ ସବୁଦିନ ଗୀତା ପଢୁଛି ହେଲେ ଗୀତାର ବିଷୟରେ ମୋର କି କାମ !" ବୋଲି କହିଲା । ଗୀତାର ବିଷୟରେ ଯଦିକିଛି କାର୍ଯ୍ୟ ନାହିଁ ତେବେ ସବୁଦିନ କାହିଁକି ଗୀତା ପଢୁଛନ୍ତି ବୋଲି ପଚାରିବାରୁ "ମୋର ମୋକ୍ଷ ଦରକାର ସେଥିଲାଗି ପଢୁଛି" ବୋଲି କହିବାବେଳେ, ମୋକ୍ଷ କ'ଣ ତା'ବାବଦରେ ଜାଣି ତା'କୁ ପାଇବା ପାଇଁ ଗୀତାର ଧର୍ମକୁ ଜାଣିବା ଉଚିତ୍ ସିନା ! ଖାଲି ପଢିଲେ କ'ଣ ଲାଭ ? ବୋଲି ପଚାରିବାରୁ, ସେ "ହସିହସି

ଆଜ୍ଞା ! ପାହାଡ ଖୋଳି ମୂଷା ମାରିବା କ'ଣ ଦରକାର ! କଷ୍ଟ ନକରି ଆମେ ସହଜରେ ମୋକ୍ଷ ପାଇଯାଇଛୁ" ବୋଲି କହିଲା । କ'ଣ ବଞ୍ଚିଥାଉଥାଉ ମୋକ୍ଷ ! ଦେହରେ ଥାଉଥାଉ ମୋକ୍ଷ କିପରି ପାଇଲେ ? ବୋଲି ଉତ୍କଣ୍ଠାର ସହିତ ଆମେ ପୁଣି ପଚାରିବା ବେଳେ "ହଁ କ'ଣ ଆପଣ ଗୀତାମାହାତ୍ମ୍ୟର ୧୯ତମ ଶ୍ଳୋକ ଦେଖି ନାହାନ୍ତି ! ଗୀତାକୁ, ଗୀତା ଅର୍ଥକୁ ପଢିବା ଦ୍ୱାରା ଦେହରେ ଥାଇ ମଧ୍ୟ ମୋକ୍ଷ ହୋଇଯାଏ ବୋଲି ଲେଖାଅଛି ! ସେଥିଲାଗି ମୁଁ ସବୁଦିନ ଗୀତାମାହାତ୍ମ୍ୟର ଶ୍ଳୋକ ଏବଂ ତା'ର ଭାବାର୍ଥକୁ ପଢୁଛି, ଗୀତାମାହାତ୍ମ୍ୟ ଅନୁସାରେ ଏବେ ମୁଁ ମୋକ୍ଷ ପାଇସାରିଛି ବୋଲି କ'ଣ ହିସାବ ହେବ ନାହିଁ ?" ବୋଲି କହିଲା । ତମେ ଠିକ୍ ବୁଝିନାହଁ, ମୋକ୍ଷ କହିଲେ ଶରୀର ଛାଡିବା ପରେ ଜନ୍ମ ନହୋଇ, କୌଣସି ଶରୀର ଧାରଣ ନକରି ଅଣୁଅଣୁରେ ବ୍ୟାପୀଥିବା ପରମାତ୍ମାଙ୍କଠାରେ ଲୀନହେବା ବୋଲି ଆମେ କହିବା ବେଳେ, ସେ ଟିକିଏ ରାଗିଗଲା ଆଉ କହିଲା! "ବିଷ୍ଣୁ କହିଥିବା ଗୀତାମାହାତ୍ମ୍ୟକୁ ଠିକ୍ ନୁହେଁ କହି ମୋକ୍ଷ କହିଲେ ଅମୁକ ବୋଲି ମୋତେ ପାଠ ପଢାଉଛୁ! ତୋତେ କିଛି ଜ୍ଞାନ ଜଣା ନାହିଁ, ତୁ ଯା.. ପଳାଇଯା ଏଠାରୁ" ବୋଲି ଶେଷରେ କହିଥିଲା । ଏହିଭଳି ଅନେକଲୋକ ଗୀତାମାହାତ୍ମ୍ୟକୁ ବିଶ୍ୱାସକରି, ପ୍ରକୃତ ଧର୍ମ ଛାଡି ବିପଥଗାମୀ ହେଉଛନ୍ତି । ଏଥିରେ ପ୍ରଥମ ଭୂଲ୍ ଗୀତାମାହାତ୍ମ୍ୟ ଲେଖିଥିବା ଲୋକମାନଙ୍କର ବୋଲି କହି ପାରିବା, କିନ୍ତୁ ସତକଥା କହିବାକୁ ଗଲେ ପ୍ରଜାମାନେ ଭୂଲ୍ ବାଟରେ ଯାଆନ୍ତୁ ବୋଲି ସେମାନେ ଗୀତାମାହାତ୍ମ୍ୟ ଲେଖିନଥିଲେ, ଭଲପାଇଁ ଲେଖିଥିଲେ, କିନ୍ତୁ ତାହା ପ୍ରଜାମାନଙ୍କର ଦୁର୍ଭାଗ୍ୟ ପାଲଟିଗଲା ।

ସେହି ପଦ୍ଧତିରେ ଗୀତାରୁ ଆଉ କେତେକ ଶ୍ଳୋକ ପଢିବା ଦ୍ୱାରା ମଣିଷର ଭୌତିକ କାର୍ଯ୍ୟସାଧିତ ହୁଏ କହି ନାନା ପ୍ରକାରର ଆଶାକୁ କଳ୍ପନା କରିଛନ୍ତି । ପ୍ରତ୍ୟେକ ଶ୍ଳୋକକୁ ଏକ ଏକ ମନ୍ତ୍ରଭଳି ପଢିବା ଦ୍ୱାରା ଅମୂକ କାର୍ଯ୍ୟ ସାଧିତ ହୁଏ, ସମୂକ କାର୍ଯ୍ୟ ସାଧିତ ହୁଏ ବୋଲି କହିଛନ୍ତି । ଏ

ଶ୍ଳୋକ ପଢିଲେ ଏ ରୋଗ ଦୂରହେବ, ସେ ଶ୍ଳୋକ ପଢିଲେ କୋର୍ଟରେ ଜିତିବ, ସେହିଭଳି ସନ୍ତାନ ସନ୍ତତି ପାଇଁ ଅମୂକ ଶ୍ଳୋକ ଅଛି, ଧନ ପ୍ରାପ୍ତି ପାଇଁ ଅମୂକ ଶ୍ଳୋକ ପଢିବା ଉଚିତ୍ ବୋଲି ଆଜି ମଧ୍ୟ ଅନେକ ଲୋକ ବିଶ୍ୱାସର ସହିତ କହିଥା'ନ୍ତି । ଏସବୁ ଦେଖିଥିବା ଆମେ ଭୌତିକ କାର୍ଯ୍ୟ ପାଇଁ ଗୀତାକୁ ପଢାଯାଏ ନାହିଁ, ଗୀତାରୁ ଜ୍ଞାନଶିକ୍ଷା କରାଯାଏ କହିଲେ, 'ଜ୍ଞାନ ଅର୍ଜୁନଙ୍କୁ କହିଥିଲେ, ତାହା ତାଙ୍କ ପାଇଁ ସିନା ଆମ ପାଇଁ ନୁହେଁ' ବୋଲି ଆଉ ଜଣେ ବ୍ୟକ୍ତି ମଧ୍ୟ ଥରେ ଆମକୁ କହିଥିଲେ । ତାଙ୍କ କଥା ଶୁଣି 'ଯାହା ଅର୍ଜୁନଙ୍କୁ କହିଥିଲେ ତାହା ଆମ କାର୍ଯ୍ୟରେ ମଧ୍ୟ ଆସିବ, ସେଥିରୁ ଜ୍ଞାନ ଜାଣି ଆମେମାନେ ମଧ୍ୟ ମୋକ୍ଷ ପାଇ ପାରିବା' ବୋଲି ଆମେ କହିଲୁ, ତାପରେ ସେ ବ୍ୟକ୍ତି 'ଏହା ଦ୍ୱାରା ମୋକ୍ଷ ମିଳେ, କାହିଁ ବଡମାନେ ତ କହି ନାହାନ୍ତି ! ଅମୂକ ଶ୍ଳୋକ ପଢିଲେ କିମ୍ବା ଅମୂକ ଅଧ୍ୟାୟ ପଢିଲେ ଅମୂକ କାର୍ଯ୍ୟସାଧିତ ହେବ ବୋଲି କହିଛନ୍ତି ! ମୋର ଏବେ କୋର୍ଟରେ କେସ୍ ଚାଲିଛି, ତେଣୁ ମୁଁ ଅମୂକ ଶ୍ଳୋକ ପଢିଲେ ମୋ' କାର୍ଯ୍ୟ ହୋଇଯିବ ବୋଲି ବଡମାନେ କହିଥିବା ଅନୁସାରେ ସବୁଦିନ ପଢୁଛି' ବୋଲି କହିଥିଲେ । ଏହିଭଳି ଗୀତାମାହାତ୍ମ୍ୟ ପ୍ରଜାମାନଙ୍କୁ ନିକଟତର କରିଛି; ପରନ୍ତୁ ଗୀତାଭାବଠାରୁ ନିଶ୍ଚୟ ଦୂରେଇ ଦେଇଛି ବୋଲି କହିପାରିବା । ଗୀତାର ମାହାତ୍ମ୍ୟ ରହିଛି ବୋଲି ଯେଉଁମାନେ ଜାଣିଛନ୍ତି ସେମାନେ ଶ୍ଳୋକଗୁଡିକୁ ପାରାୟଣ କରିବା, ପୁସ୍ତକକୁ ପୂଜା କରିବା ଇତ୍ୟାଦି କାର୍ଯ୍ୟ କରୁଛନ୍ତି ସିନା ଗୀତାଜ୍ଞାନର ନିକଟତର ହେଉନାହାନ୍ତି । ଶ୍ରୀକୃଷ୍ଣ କେବଳ ଅର୍ଜୁନଙ୍କୁ ନୁହେଁ ଆମମାନଙ୍କୁ ମଧ୍ୟ ଗୀତା କହିଛନ୍ତି, ତେଣୁ ତା'ର ଭାବକୁ ଗ୍ରହଣ କରି ପଢନ୍ତୁ । ଗୀତାମାହାତ୍ମ୍ୟ ଅନୁସାରେ କେଉଁ ଭୌତିକ କାମନା ଫଳପ୍ରଦ ହେବ ବୋଲି ଉଦ୍ଦେଶ୍ୟ ରଖି ଗୀତା ପଢନ୍ତୁ ନାହିଁ । କୌଣସି ଫଳ ଉପରେ ଆଶା ନରଖି ପଢନ୍ତୁ । ଗୀତା ସହିତ ଗୀତା ମାହାତ୍ମ୍ୟର କୌଣସି ସମ୍ପର୍କ ନାହିଁ, ଗୀତା ଶାସ୍ତ୍ରବଦ୍ଧ, ଗୀତାମାହାତ୍ମ୍ୟ ଶାସ୍ତ୍ର ନୁହେଁ ତାହା ପୁରାଣର ବୋଲି ଜାଣିବା ଉଚିତ୍ । ଏହିଭଳି ଆଉ ଟିକିଏ

ପରିଶୀଳନ କରିଥିଲେ ଗୀତା ମାହାତ୍ମ୍ୟ ପରେ ଗୀତାର ଆରମ୍ଭରୁ କୁହାଯାଇଥିବା 'ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ... ' ନାମକ ପ୍ରଥମ ଅଧ୍ୟାୟର ପ୍ରଥମ ଶ୍ଳୋକରୁ କୁରୁକ୍ଷେତ୍ରକୁ ଧର୍ମକ୍ଷେତ୍ର ବୋଲି କୁହାଯାଇଛି । ତେବେ କ'ଣ କୁରୁକ୍ଷେତ୍ର ଏକ ଧର୍ମକ୍ଷେତ୍ର ? ବୋଲି ଏଠାରେ ପ୍ରଥମ ପ୍ରଶ୍ନ ଆସିଥାଏ । ଗୀତା ଯୁଦ୍ଧକ୍ଷେତ୍ରରୁ ଆରମ୍ଭ ହୋଇଥିଲା, ସେହି ଯୁଦ୍ଧ କାହିଁକି ହୋଇଥିଲା ତାହା ସମସ୍ତଙ୍କୁ ଜଣା । ସତ କହିବାକୁ ଗଲେ ତାହା 'ଝିମିଟି ଖେଳ (ପଶାଖେଳ)ରୁ ମହାଭାରତ' ବୋଲି ସମସ୍ତେ ଜାଣନ୍ତି । ମହାଭାରତ ଯୁଦ୍ଧ ଘଟିଥିବା ସେହି କୁରୁକ୍ଷେତ୍ରକୁ ପରେ ଧର୍ମକ୍ଷେତ୍ର କୁହାଯାଇଛି । ସତରେ କୁରୁକ୍ଷେତ୍ର କଣ ଏକ ଧର୍ମକ୍ଷେତ୍ର ? ତା'ବାବଦରେ ଟିକିଏ ଜାଣିବା ।

ଜଗତରେ ଆରମ୍ଭରୁ ଗରିବ ପାଇଁ ଏକ ପ୍ରକାର ନ୍ୟାୟ, ଧନବାନ ପାଇଁ ଆଉ ଏକ ପ୍ରକାର ନ୍ୟାୟ ସାଧାରଣ ଭାବରେ ହୋଇଥାଏ । ଗରିବ ଲୋକଟିଏ ଛୋଟ ଭୂଲ୍ କଲେ ସେ ଭୂଲ୍ କଲା ବୋଲି ସମସ୍ତେ କହିବେ, ସେହି ଭୂଲ୍ ଧନବାନ କଲେ ତା'ର ଭୂଲକୁ କେହି ଭୂଲ୍ ବୋଲି ନ କହି ବରଂ ତା'ର ସମର୍ଥନ କରିବେ । ଏହା ଭିତରର ସତକଥା । ଗୋଟିଏ ଗାଆଁରେ ଜଣେ ଗରିବ ଜଣେ ସ୍ତ୍ରୀ ସହିତ ଆକ୍ରମ (ଗୁପ୍ତ) ସମ୍ପର୍କ ରଖିଲେ ତା'କୁ ଦୋଷୀ ସାବ୍ୟସ୍ତ କରି ମାଡଗାଳି କରିଥିବା ପ୍ରଜାମାନେ, ସେହି ଗାଆଁରେ ସେହି ଭୂଲ୍‌କୁ ଧନବାନ୍ ବ୍ୟକ୍ତିଟିଏ କରିବାବେଳେ 'ସେ ଲୋକ ପୁରୁଷ, ଯାହାକଲେ ବି ଭୂଲ୍ ନାହିଁ' ବୋଲି କହିଥା'ନ୍ତି । ଏହିଭଳି ସମାଜରେ ଅନେକ ସ୍ଥାନରେ ଅନେକ ପ୍ରକାରର ଭୂଲ୍‌ପାଇଁ ଧନୀର ଏକ ପ୍ରକାର ନ୍ୟାୟ କହୁଥାଇ, ଗରିବପାଇଁ ଅନ୍ୟ ଏକ ପ୍ରକାର ନ୍ୟାୟ କୁହାଯାଉଛି । ଜଣେ ଲୋକ ପଶାଖେଳରେ ତା'ର ଧନକୁ ବାଜି ଲଗାଇ ହାରିଗଲେ ତାକୁ ଛି ! ଛି ! କରନ୍ତି । ସେହି ଲୋକମାନେ ମହାଭାରତର ଯୁଧିଷ୍ଠିର ଧନ, ରାଜ୍ୟ, ଶେଷରେ ସ୍ତ୍ରୀକୁ ବାଜିରଖି ପଶାଖେଳିବା ଘଟଣା ବାବଦରେ କହିବାବେଳେ, ସେ ଦୃଶ୍ୟକୁ ବଖାଣି ସେ ଧର୍ମରାଜ, କିଛି ବି କରିପାରନ୍ତି, ତାଙ୍କର ଦୋଷ ନାହିଁ, ବୋଲି କହିଥା'ନ୍ତି ।

ଧନ, ଭାଇ, ଶେଷରେ ସ୍ତ୍ରୀକୁ ମଧ୍ୟ ହାରିଯାଇଥିବା ଧର୍ମରାଜ ପୁଣି ଥରେ ହରାଇଥିବା ସବୁକିଛିକୁ ପାଇବା ପାଇଁ ଯୁଦ୍ଧ କରିଥିଲେ । ସେହି ଯୁଦ୍ଧ ସେଦିନ ଆଜି ପଞ୍ଜାବରେ ଥିବା କୁରୁକ୍ଷେତ୍ର ନାମକ ଜାଗାରେ ହୋଇଥିଲା । ସେ କ୍ଷେତ୍ରରେ ସେଦିନ ହେଉ କି ଆଜିହେଉ ସେ ଯୁଦ୍ଧରେ କୌଣସି ଧର୍ମ ନଥିଲା କି ଆଜି ନାହିଁ ବୋଲି କହିପାରିବା । କାରଣ ! ଆଜି ସେହି ସ୍ଥାନ ବଡ ସହର ଭାବରେ ଅଛି, ପ୍ରତ୍ୟେକ ସ୍ଥଳରେ ଘଟୁଥିବା ଭଳି ସେଠାରେ ମଧ୍ୟ ଠକାମି, କୁତନ୍ତ୍ର, ହତ୍ୟା, ଗଣ୍ଡଗୋଳ ନିତି ଘଟୁଛି । ଆଜି ଶିଖ୍‌ମାନେ ସ୍ୱତନ୍ତ୍ର ରାଷ୍ଟ୍ର ପାଇଁ ଦାବି କରି, ଶେଷରେ ଅସନ୍ତୋଷର କାରଣରୁ ଗଣ୍ଡଗୋଳର ତୀବ୍ରତା ବଢି ଅନେକ ଲୋକ ମୃତ୍ୟୁବରଣ କରିଥିଲେ । ସେଦିନ ମଧ୍ୟ ଏଇ ଭୂମି ପାଇଁ ଯୁଦ୍ଧ ହୋଇଥିଲା । ତେଣୁ ଭାରତ ଇତିହାସରେ ସେଦିନରୁ ଆଜିଯାଏଁ କୁନାମ କମାଇଥିବା ରକ୍ତଶିକ୍ତ ସେହି ଭୂମିକୁ ଆମେ ଧର୍ମକ୍ଷେତ୍ର କହିବା ଠିକ୍ ନୁହେଁ ବୋଲି ମୁକ୍ତକଣ୍ଠରେ କହିପାରିବା ।

କୁରୁକ୍ଷେତ୍ରକୁ ଧର୍ମକ୍ଷେତ୍ର ବୋଲି ଶ୍ରୀକୃଷ୍ଣ କହିନଥିଲେ । ଏହା ସତ ଯେ, ପରେ କେତେକ କହିଥିଲେ । ତା'ର ଏହି ନାମ ଦେବା ଠିକ୍ କିମ୍ବା ଭୂଲ୍ ପ୍ରଶ୍ନ କରି ବିଚାର କରିବା ଦରକାର । ପ୍ରଥମେ ଧର୍ମ କ'ଣ ଜାଣିବା ଉଚିତ୍ । ଧର୍ମ କ'ଣ ଜାଣିଗଲେ ତାହା ଧର୍ମକ୍ଷେତ୍ର କି ନୁହେଁ ଜାଣି ପାରିବା । ତା'ଛଡା ଧର୍ମମୟ ଭଗବଦ୍ଗୀତାକୁ ଜାଣିବା ଆଗରୁ ଧର୍ମ ବାବଦରେ କିଛି ନିହାତି ଜାଣିବା ଦରକାର । ଧର୍ମ ବାବଦରେ ଜାଣିଥିଲେ ଏହା ଭଗବାନ କହିଥିବା ଧର୍ମ ବାକ୍ୟ, ତାହା ମଣିଷ କହିଥିବା ଅଧର୍ମ ବାକ୍ୟ ବୋଲି ଗୀତାରୁ ଚିହ୍ନିବାକୁ ସହଜ ହେବ । ବାସ୍ତବରେ ଧର୍ମ କାହାକୁ କୁହାଯାଏ ନଜାଣି ସମସ୍ତେ ଏକ ଏକ ମତାମତ ଆବରଣରେ ରହି ଏହା ଆମର ଧର୍ମ ବୋଲି କହିଥା'ନ୍ତି । ମୁଁ ହିନ୍ଦୁ ଧର୍ମର, ମୁଁ ଇସ୍ଲାମ ଧର୍ମର, ଅମୁକ ଧର୍ମର ବୋଲି କହିଥା'ନ୍ତି, କିନ୍ତୁ ହିନ୍ଦୁ ବା ଇସ୍ଲାମ ଏକ ଏକ ଧର୍ମ ନୁହେଁ ଏକ ଏକ ମତ କହିପାରିବା । ନୀତି-ନ୍ୟାୟ ଆଉ ଦୈବ-ଧର୍ମ ବାବଦରେ ଭଲଭାବରେ ଜାଣିବା ଉଚିତ୍ ।

ଏକ ଜଜ୍‌ମାନଙ୍କ ମିଟିଙ୍ଗ୍‌ରେ ମନ୍ତ୍ରୀ ମହାଶୟ ଭାଷଣ ଦେବାବେଳେ ନ୍ୟାୟ ନିର୍ଦ୍ଧାରଣ କରି ରାୟ ଦେଉଥିବା ନ୍ୟାୟାଧୀଶମାନଙ୍କୁ ଧାର୍ମିକ ବୋଲି ବର୍ଣ୍ଣନା କରି, "ଆପଣମାନେ ଜଣେ ଜଣେ ଧର୍ମପ୍ରତିମା, ଧର୍ମାନୁସାରେ ରାୟ ଦେଇ ଧର୍ମକୁ ଆପଣମାନେ ହିଁ ରକ୍ଷାକରିବା ଉଚିତ୍ । ଏହି ଶକ୍ତି ଆପଣମାନଙ୍କ ହାତରେ ଅଛି, କୌଣସି ପ୍ରଲୋଭ ଦ୍ୱାରା ମୁଣ୍ଡ ନ ନୁଆଁଇ ଧର୍ମରକ୍ଷା କରନ୍ତୁ" ବୋଲି କହିଲେ । ଏଠାରେ ମନ୍ତ୍ରୀ ମହାଶୟ ନ୍ୟାୟ ଆଉ ଧର୍ମକୁ ମିଶାଇ ନ୍ୟାୟଧୀଶମାନଙ୍କୁ ଧର୍ମପ୍ରତିମା କହିଥିଲେ । ସେହିଭଳି ପ୍ରଜାମାନେ ମଧ୍ୟ ନ୍ୟାୟ ଆଉ ଧର୍ମକୁ ଗୋଟିଏ ଭାବି ନ୍ୟାୟ ଶଦ୍ଦ କହିବା ସନ୍ଦର୍ଭରେ ଧର୍ମ ନାମକ ଶଦ୍ଦକୁ ବ୍ୟବହାର କରୁଛନ୍ତି । ଏହା ସାଧାରଣ ପ୍ରଜାମାନଙ୍କର ଭୂଲ୍ ହୋଇଥିବା ବେଳେ, ସ୍ୱାମିଜୀ ସ୍ଥିତିର ଲୋକମାନେ ଜ୍ଞାନ ଆଉ ନୀତିକୁ ଗୋଟିଏ ଭାବି ସେମାନେ ଜ୍ଞାନ କହିବା ସନ୍ଦର୍ଭରେ ନୀତିବାଣୀ କହୁଛନ୍ତି । ଏହିଭଳି ନ୍ୟାୟ, ଧର୍ମର ପାର୍ଥକ୍ୟକୁ ପ୍ରଜାମାନେ ବୁଝିନଥିବା ବେଳେ, ଜ୍ଞାନ ଆଉ ନୀତିର ପାର୍ଥକ୍ୟ ସ୍ୱାମିଜୀମାନଙ୍କୁ ମଧ୍ୟ ବୁଝାପଡି ନାହିଁ ।

ନୀତି, ନ୍ୟାୟ ଗୋଟିଏ ଜାତିର ହୋଇଥିବା ବେଳେ ଜ୍ଞାନ, ଧର୍ମ ଆଉ ଗୋଟିଏ ଜାତିର । ନୀତି, ନ୍ୟାୟ ପ୍ରକୃତି ସମ୍ବନ୍ଧୀୟ ହୋଇଥିବା ବେଳେ ଜ୍ଞାନ ଆଉ ଧର୍ମ ପରମାତ୍ମା ସମ୍ବନ୍ଧୀୟ । **ନୀତି ନ୍ୟାୟମୟ ହୋଇଥିବା ବେଳେ, ଜ୍ଞାନ ଧର୍ମମୟ ହୋଇଥାଏ ।** ନୀତିକୁ ଆଚରଣ କଲେ ତାହା ନ୍ୟାୟ ହୋଇଥାଏ, ସେହିଭଳି ଜ୍ଞାନକୁ ଆଚରଣ କଲେ ତାହା ଧର୍ମ ହୋଇଥାଏ । ଅଜ୍ଞାନ ଆଚରଣ କଲେ ତାହା ଅଧର୍ମ ହୋଇଥାଏ । ନୀତି, ନ୍ୟାୟ ଆଚରଣ ଅନୁସାରେ ପୁଣ୍ୟ, ଅନୀତିରୁ ଅନ୍ୟାୟ ଆଚରଣ କରିବା ଦ୍ୱାରା ପାପ ଆସିଥାଏ । ସେହିଭଳି **ଜ୍ଞାନ, ଧର୍ମ ଅନୁସାରେ ପାପ, ପୁଣ୍ୟ କୁହାଯାଉଥିବା କର୍ମ ବିନାଶ ହୋଇଥାଏ ।**

ନୀତି ସମାଜରେ ମାନବର ବ୍ୟବହାରକୁ ସୂଚିତ କରି ସତ୍ ବ୍ୟବହାର ଶିଖାଇଥାଏ । ମାନବର ବ୍ୟବହାର ଉପରେ ନ୍ୟାୟ, ଅନ୍ୟାୟ

ଆଧାରିତ ହୋଇଥାଏ । ବ୍ୟବହାର ଉଚିତ ହୋଇଥିବା ବେଳେ ତାହା ନ୍ୟାୟ, ବ୍ୟବହାର ଉଚିତ୍ ହୋଇନଥିବା ବେଳେ, ତାହା ଅନ୍ୟାୟ ବୋଲି ନିର୍ଣ୍ଣୟ କରିପାରିବା । ସେହିଭଳି ଜ୍ଞାନ ଆଧ୍ୟାତ୍ମିକ ଭାବରେ ମାନବର ଆଚରଣ (ପ୍ରଥା)କୁ ସୂଚିତ କରି ସତ୍‌ପୁରୁଷ (ଯୋଗୀ) କରାଇଥାଏ । ଜ୍ଞାନର ଆଚରଣ ଉପରେ ଧର୍ମ ଅଧର୍ମ ଆଧାର ହୋଇ ରହିଥାଏ । ନ୍ୟାୟ ମାନବର ବାହ୍ୟ ଆଚରଣ ହୋଇଥିବା ବେଳେ, ଧର୍ମ ଅନ୍ତର୍ଭାବ ଉପରେ ଆଧାରିତ ହୋଇଥାଏ । ଅନ୍ତର୍ଭାବରେ ଆଚରିତ ହେଉଥିବା ଧର୍ମ ବାହ୍ୟତଃ ଅନୀତି ଅନ୍ୟାୟ ଭଳି ଦେଖାଯାଇ ପାରେ । ତେଣୁ ଧର୍ମ ଏଇଆ ବୋଲି କହିଥିବା ଶ୍ରୀକୃଷ୍ଣ ମଧ୍ୟ ବାହ୍ୟଜଗତରେ କେତେକ ଲୋକଙ୍କୁ ଅସତ୍ୟବାଦୀ, ବ୍ୟଭିଚାରୀ, ଚୋର, ଜାର, ଲମ୍ପଟ ଭାବରେ ଦେଖାଯାଇଥିଲେ ।

ବାସ୍ତବରେ ନୀତିନ୍ୟାୟ ଆଉ ଜ୍ଞାନଧର୍ମକୁ ନଜାଣିଲେ କିଏ କେଉଁ ପ୍ରକାରର ଲୋକ ଆମେ ଚିହ୍ନିପାରିବା ନାହିଁ । ନୀତିନ୍ୟାୟ କ'ଣ ନଜାଣିଲେ ମଧ୍ୟ ମଣିଷର ଭୌତିକ ସ୍ଥିତିକୁ ଦେଖି ଚିହ୍ନି ହୋଇଥାଏ । କିନ୍ତୁ ଯୋଗମାର୍ଗରେ କିଏ କ'ଣ ଚିହ୍ନିବା କାଠିକର ପାଠ । ମାନବ ନୀତି, ନ୍ୟାୟକୁ ଚିହ୍ନିପାରେ ସିନା ଜ୍ଞାନ, ଧର୍ମକୁ ଚିହ୍ନିବା ଭାରି କଷ୍ଟ ହୋଇଥାଏ । ସେଥିଲାଗି ଆଜିର ସ୍ୱାମିଜୀମାନେ ଜ୍ଞାନ, ଧର୍ମକୁ ଚିହ୍ନିପାରି ନାହାନ୍ତି । ଜ୍ଞାନ ଭାବି ନୀତିକୁ ଜାବୁଡି ଧରିଛନ୍ତି । ପାପପୁଣ୍ୟକୁ ବିନାଶ କରିପାରୁଥିବା ଜ୍ଞାନକୁ ଜଣାଇ ପାରୁନାହାନ୍ତି । ସେଥିଲାଗି ଅନେକ ଲୋକ ନୀତିକୁ ଜ୍ଞାନ, ନ୍ୟାୟକୁ ଧର୍ମ ଭାବୁଛନ୍ତି । କୋର୍ଟରେ ଥିବା ନ୍ୟାୟାଧୀଶମାନଙ୍କୁ ଧର୍ମପ୍ରତିମା, ସେମାନଙ୍କ ଆସନକୁ ଧର୍ମାସନ ବୋଲି କହିବା ମଧ୍ୟ ଶୁଣିବାକୁ ମିଳିଥାଏ ।

ଅନେକ ପୁଣ୍ୟ କରୁଥିବା ମାନବ ତାହାକୁ ଧାର୍ମୀକ କାର୍ଯ୍ୟ କରୁଛି ବୋଲି ଯଦି କହୁଥାଏ ତେବେ ଧର୍ମ ସ୍ୱତନ୍ତ୍ର ବୋଲି ତା'କୁ ଜଣା ନାହିଁ ବୋଲି କହିପାରିବା । ଧର୍ମ ଅଲଗା ପୁଣ୍ୟ ଅଲଗା । ତା'ଛଡା ଏକ ନୀତିଯୁକ୍ତ କାର୍ଯ୍ୟ ହୋଇଥିବା ଦାନଦେବାକୁ ଅନେକ ସନ୍ଦର୍ଭରେ ଅମୂକ ଲୋକଟି ଧର୍ମ

କାର୍ଯ୍ୟଟିଏ କରୁଛି ବୋଲି କୁହାଯାଉଥିବାର ଆମେ ଲକ୍ଷ୍ୟ କରିପାରିବା । ଗୋଟିଏ ମନ୍ଦିରରେ ଏକ ଫ୍ୟାନ୍ ଲଗାଇଦେଇ ଜଣେ ଦାନ କଲା ବୋଲି ଭାବିବା । ସେଠାରେ ଫ୍ୟାନ୍ ଉପରେ ହେଉ କି ଦାନଖାତାରେ ହେଉ ତାହା ଅମୁକ ବ୍ୟକ୍ତିର ଧର୍ମ ବୋଲି ଦାନ ଦେଇଥିବା ଲୋକର ନାମ ଲେଖିଥା'ନ୍ତି ସିନା, ସେ ଦାନ କରିଥିବାବେଳେ ତାହାକୁ ଧର୍ମ କରିଛି ବୋଲି ଲେଖିବାରେ କିଛି ଅର୍ଥ ହିଁ ନଥାଏ । ଏହିଭଳି ଅଜାଣତରେ ଅଜ୍ଞାନତା ସମସ୍ତଙ୍କଠାରେ ବ୍ୟାପୀଯାଇଛି, ଶେଷରେ ଭିକାରୀଟିଏ ମଧ୍ୟ ଭିକ୍ଷା ମାଗିବା ବେଳେ 'ବାବୁ 'ଧର୍ମକରନ୍ତୁ' କହିବା ଦେଖୁଛେ । ଏହି ପରିସ୍ଥିତି ଅନୁସାରେ ଦେଖିଲେ ଧନବାନଠାରୁ ଆରମ୍ଭ କରି ଭିକାରୀ ପର୍ଯ୍ୟନ୍ତ କେହି ମଧ୍ୟ ଧର୍ମ କ'ଣ ଜାଣି ନାହାନ୍ତି ବୋଲି ଜଣାଯାଉଛି । ବଡ ବଡ ସ୍ୱାମିଜୀମାନଙ୍କ ସମେତ ସମସ୍ତେ ଧର୍ମ କ'ଣ ଜାଣିନଥିବା ସନ୍ଦର୍ଭକୁ ଦେଖିଲେ ଆଜି ଭୂପୃଷ୍ଠରେ ଧର୍ମ କେଉଁ ସ୍ଥିତିରେ ଅଛି ତାହା ଭଲଭାବରେ ଜଣାପଡିଯାଉଛି ।

ଏହିଭଳି ଧର୍ମ ଆଉ ଅଧର୍ମର ବାସ୍ତବ ବ୍ୟାଖ୍ୟା ଅନୁସାରେ ଦେଖିଲେ କୁରୁକ୍ଷେତ୍ର ଧର୍ମକ୍ଷେତ୍ର ନୁହେଁ ବୋଲି ଦେଖାଯାଏ । ଅବିନୀତି ଅନ୍ୟାୟର ଜାଲରେ ପଡି ମାନବ ମାନବ ମଧରେ ହୋଇଥିବା ଲଢେଇର ସ୍ଥଳକୁ ଧର୍ମକ୍ଷେତ୍ର କହିବା ଠିକ୍ ନୁହେଁ । ସେଦିନ କୌରବ ପାଣ୍ଡବମାନେ ନୀତି ଲଂଘନ କରି, ଯୁଦ୍ଧର ନିୟମ ଭଙ୍ଗକରି, ହିଂସାରେ ଜଣେ ଜଣକୁ ମାରି ଭୂମିକୁ ରକ୍ତଶିକ୍ତ କରି ଇତିହାସରେ ଲିପିବଦ୍ଧ କରିଦେଇଥିବା ସ୍ଥଳକୁ କିପରି ଧର୍ମକ୍ଷେତ୍ର କହିବା ? ତା'କୁ କେବେ ମଧ୍ୟ ଧର୍ମକ୍ଷେତ୍ର ବୋଲି କହିପାରିବା ନାହିଁ । ଯଦି ତାହା ଧର୍ମକ୍ଷେତ୍ର ହେଲା ତେବେ ସବୁଦିନ ହିଂସାକାଣ୍ଡ ଘଟୁଥିବା ଆନ୍ଧ୍ରପ୍ରଦେଶର ରୟାଲସୀମା ଜିଲ୍ଲାକୁ କାହିଁକି ଧର୍ମକ୍ଷେତ୍ର କହିବା ନାହିଁ ?

ଧର୍ମ ହେଉଛି ଆଚରଣ ଯୋଗ୍ୟ, ତାହା ଚଳପ୍ରଚଳ ହେଉଥିବା ମାନବ ଦ୍ୱାରା କେବଳ ଆଚରିତ ହୋଇଥାଏ । ତେଣୁ ଧର୍ମପରାୟଣ (ଧାର୍ମୀକ) ଆଉ ଅଧର୍ମୀ ବୋଲି କେବଳ ମାନବକୁ କହିପାରିବା । ହେଲେ

ଚୈତନ୍ୟହୀନ ଭୂମିକୁ ଧର୍ମକ୍ଷେତ୍ର ନାମ ଦେବାରେ କୌଣସି ଅର୍ଥ ନାହିଁ । ବିଜ୍ଞାନ ଅନୁସାରେ ପ୍ରତ୍ୟେକ ବସ୍ତୁର ଏକ ଏକ ଧର୍ମ ରହିଥାଏ । ସେହିଭଳି ବ୍ରହ୍ମବିଦ୍ୟାକୁ ଜଣାଉଥିବା ଯୋଗଶାସ୍ତ୍ର ଅନୁସାରେ ପରମାତ୍ମାଙ୍କର ମଧ୍ୟ ଧର୍ମ ରହିଛି । ଦୈବଧର୍ମକୁ ଆଚରଣ କରିବା ବେଳେ, ମାନବ ମଧ୍ୟ ଦୈବତ୍ୱ ପ୍ରାପ୍ତି ହୋଇଥାଏ । ମାନବ ହେଉଛି ପରମାତ୍ମାଙ୍କଠାରୁ ଆସିଥିବା ଜୀବାତ୍ମା ବା ଜୀବ । ଜୀବାତ୍ମା ନିଜର ପୂର୍ବଧର୍ମ ପରମାତ୍ମାଧର୍ମ ଅର୍ଥାତ୍ ସ୍ୱଧର୍ମାଚରଣ କରି ପରମାତ୍ମା ସ୍ଥାନରେ ପହଞ୍ଚି ପାରିବ । ପାଣି ପବନ ଅଲଗା ଅଲଗା ହେଲେ ମଧ୍ୟ ପବନରୁ ପାଣିର ଜନ୍ମ ହୋଇଛି । ସେଥିଲାଗି ପାଣି ପୁଣି ପବନ ହୋଇପାରେ । **ପାଣିକୁ ପବନରେ ବଦଲାଇବା ପାଇଁ ପ୍ରୟୋଗ ଆବଶ୍ୟକ । ସେହିଭଳି ଜୀବାତ୍ମା ପରମାତ୍ମାରେ ଐକ୍ୟ ହେବା ପାଇଁ ଯୋଗ ଆବଶ୍ୟକ । ଯେଉଁ ପ୍ରୟୋଗଦ୍ୱାରା ପାଣି ପବନ ହୁଏ ସେହି ବିଧି ଶାସ୍ତ୍ରଜ୍ଞମାନେ ଜଣାଇବା ଭଳି, ଯେଉଁ ଯୋଗ ଦ୍ୱାରା ଜୀବାତ୍ମା ପରମାତ୍ମାରେ ଐକ୍ୟ ହୋଇପାରିବ ତାହା ଭଗବାନ ଶ୍ରୀକୃଷ୍ଣ ଜଣାଇ ଦେଇଥିଲେ** । ପ୍ରୟୋଗରେ କେଉଁ ପଦ୍ଧତିକୁ ଅନୁସରଣ କରିବାକୁ ହେବ ତାହା ଶାସ୍ତ୍ରଜ୍ଞମାନେ ଜଣାଇଦେବା ଭଳି, ଯୋଗରେ କେଉଁ ପଦ୍ଧତିକୁ ଅନୁସରଣ କରାଯିବ ତାହା ଭଗବାନ ଜଣାଇ ଦେଇଥିଲେ, ସେହି ପଦ୍ଧତି ସବୁ ଗୀତାରେ ରହିଛି । ପାଣି ପବନରେ ବଦଳିବା ହେଉଛି ଶାସ୍ତ୍ରବଦ୍ଧ ବିଷୟ । ସେହିଭଳି ଜୀବାତ୍ମା ପରମାତ୍ମାରେ ବଦଳିବା ମଧ୍ୟ ଶାସ୍ତ୍ରବଦ୍ଧ ବିଷୟ ହୋଇଥାଏ । (ଜୀବାତ୍ମାର ସ୍ୱସ୍ଥାନ ପରମାତ୍ମାରେ ଐକ୍ୟ ହେବାକୁ ମୋକ୍ଷ, ପରମପଦ, ପରମଗତି ବା ମୁକ୍ତି ବୋଲି ଆଧାତ୍ମିକ ଭାଷାରେ କୁହାଯାଏ)

କୌରବ ପାଣ୍ଡବ ମଧ୍ୟରେ ଘଟିଥିବା ଯୁଦ୍ଧରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ରଥର ସାରଥୀ ହୋଇଥିଲେ । ଯୁଦ୍ଧ ପ୍ରାରମ୍ଭରେ ଅର୍ଜୁନ ମୋହଗୁଣ ଦ୍ୱାରା ସେଠାରେ ଥିବା ସମସ୍ତେ ନିଜଲୋକ, ସେମାନଙ୍କୁ ମାରିଲେ ପାପ

ମଧ୍ୟ ହେବ ବୋଲି ଚିନ୍ତାକରି ଶେଷରେ ନିଶ୍ଚେଷ୍ଟ ହେବାବେଳେ ଶ୍ରୀକୃଷ୍ଣ 'ତୁ ଯୁଦ୍ଧ ନକଲେ ତୋତେ ଅଣପୁରୁଷା କହିବେ, ତେଣୁ ଯୁଦ୍ଧକରି ବୀର ଭାବରେ ପରିଚିତ ହୁଅ' ବୋଲି ପ୍ରକୃତି ସମ୍ବନ୍ଧୀୟ ବଚନ କହିବାବେଳେ ଅର୍ଜୁନ, 'ମୋର ଯୁଦ୍ଧ କରିବାକୁ ଉତ୍ସାହ ନାହିଁ, ମୋତେ କିଛି ଭଲ ଲାଗୁନାହିଁ, ମୁଁ ଏବେ କିଛି ବିଚାର କରିବାର ସ୍ଥିତିରେ ନାହିଁ, ମୋତେ ଶିଷ୍ୟ ଭାବି, ମୋର ଶାସକ ଭାବରେ ଯାହା ଆଦେଶ ଦେବୁ ତାହା ମୁଁ କରିବି' କହିବାବେଳେ ଶ୍ରୀକୃଷ୍ଣ ଗୀତା କହିବା ଆରମ୍ଭ କରିଥିଲେ । ଯେ କୌଣସି ବସ୍ତୁ ହେଉ ଦରକାର ବେଳେ ମିଳିଗଲେ ତାର ମୂଲ୍ୟ ଥାଏ । ଦରକାର ନଥିବା ବେଳେ ସେ ବସ୍ତୁକୁ ଆମେ ସେତେ ଆଦର କରି ନଥାଉ । ସେହିଭଳି ଅର୍ଜୁନଙ୍କର ଦରକାର ହେଉଥିବା ବେଳେ, ଗୀତା କୁହାଯାଇଛି ଏବଂ ଗୀତାର ମୂଲ୍ୟ ରହିଛି । ଦରକାର ନ ଥିବାବେଳେ ଯଦି କହିବି ଗୁଡାକେଶ (ନିଦ୍ରାଜୟୀ) ବୋଲି ନାମ କମାଇଥିବା ଅର୍ଜୁନ ହୁଏତ ଏହା ଶୁଣି ଶୋଇପଡିବ ବୋଲି ଭାବିଥିବା ଭଗବାନ ଶ୍ରୀକୃଷ୍ଣ ନିଜ ଜ୍ଞାନକୁ (ଦୈବଜ୍ଞାନକୁ) ଅର୍ଜୁନ ନପଚାରିବା ପର୍ଯ୍ୟନ୍ତ କହି ନଥିଲେ । ସେହିଭଳି ଆଜିର ମାନବ ମଧ୍ୟ ତା'ର ଜ୍ଞାନ ଦରକାର ବୋଲି ନ ଜାଣିବା ପର୍ଯ୍ୟନ୍ତ ଗୀତାଜ୍ଞାନ କହିଲେ ମଧ୍ୟ ବୁଝିପାରିବ ନାହିଁ । ଦିନେ ଅର୍ଜୁନଙ୍କ ଜୀବନରେ ଆସିଥିବା ଅନୁଭୂତି ଭଳି ଆମର ପାପଭୀତି ଆସିବାବେଳେ ଅର୍ଜୁନଙ୍କର ଆବଶ୍ୟକ ହୋଇଥିବା ଗୀତା ଆମର ମଧ୍ୟ କାର୍ଯ୍ୟରେ ଆସିବ । ଆଜିର ମାନବକୁ କେଉଁଠାରେ ପାପଭୀତି ଦେଖାଯାଉ ନାହିଁ । ସେଥିଲାଗି ଶ୍ରୀକୃଷ୍ଣ ଯାହା କହିଥିଲେ ତାହା ବୁଝାପଡୁ ନାହିଁ । ଆଜି ମାନବର କଷ୍ଟଭୀତି ଛଡା ପାପଭୀତି ନାହିଁ । ଦୁଃଖକଷ୍ଟ ଦୂରୀକରଣ ଆଲୋଚନା ଛଡା ଦୁଃଖକଷ୍ଟର କାରଣ ପାପ କିପରି ଦୂର ହେବ ମଣିଷର ସେ ଆଲୋଚନା ନାହିଁ । କଷ୍ଟର କାରଣ ପାପ ବାବଦରେ ବିଚାର ନକରି କେବଳ ନିବାରଣ ମାର୍ଗ ଖୋଜିଚାଲିଛି । ସେହିଭଳି ସମୟରେ ବାଟ ଦେଖାଇ ଏଇ ହିଁ ତୋର ଦୁଃଖକଷ୍ଟର କାରଣ ବୋଲି ଯିଏ ଜଣାଇଥାଏ ସେ ହେଉଛି

'ଗୁରୁ' । ଆଜିର  କାଳରେ  ଗୁରୁମାନେ ଏହା ହିଁ ତୁମ ଦୁଃଖକଷ୍ଟର କାରଣ ହୋଇଥିବା ପାପ, ଜ୍ଞାନାଗ୍ନି ଦ୍ୱାରା ତା'କୁ ଭସ୍ମ କରିହୁଏ ବୋଲି ନକହି, ଦୁଃଖକଷ୍ଟର ନିବାରଣ ପାଇଁ ଏକାର୍ଯ୍ୟ କର ସେ କାର୍ଯ୍ୟ କର, ଏ ପୂଜା କର, ଦାନ ଦିଅ, ଯଜ୍ଞ କର ଇତ୍ୟାଦି କହୁଛନ୍ତି । ତା'ଦ୍ୱାରା ତାତ୍କାଳିକ ଦୁଃଖକଷ୍ଟ ନିବାରଣ ପାଇଁ ମାନବ ନାନା ପୂଜା, ଦାନ, ଯଜ୍ଞାଦି କରୁଛି । ଯାହା ଦ୍ୱାରା ଆଜି ଗୀତାର ଆବଶ୍ୟକତା କ'ଣ ଜାଣିପାରୁ ନାହିଁ । ଯଦି କେହି କେଉଁଠି ଗୀତା ପଢୁଛନ୍ତି ତେବେ କୌଣସି ଲାଭ ଉଦ୍ଦେଶ୍ୟରେ ପଢୁଛନ୍ତି ସିନା, ଗୀତାରୁ ଜ୍ଞାନ ଜାଣି ଦୁଃଖ କଷ୍ଟର କାରଣ ପାପାଦି କର୍ମକୁ ନିଖୋଜ କରି ମୋକ୍ଷପାଇବା ଉଦ୍ଦେଶ୍ୟରେ ପଢୁନାହାନ୍ତି । ଆଜି କେତେକ ଗ୍ରମାଞ୍ଚଳରେ ଗୀତାପାଠ ହେଉଥିଲେ ମଧ୍ୟ ସେଠାକୁ ଗୀତା ଶୁଣିବା ପାଇଁ ଲୋକମାନେ ଯାଉଥିଲେ ମଧ୍ୟ, ଗୀତାସାରାଂଶ ଗ୍ରହଣ କରିବାକୁ ଯାଉନାହାନ୍ତି ।

ଆଜିର କାଳରେ ମଧ୍ୟ ଗୀତା କହିଲେ କ'ଣ ? ଗୀତା ସାରାଂଶ କ'ଣ ? ବୋଲି ବିଚ୍ଚର କରିବା ଲୋକେ କେଉଁଠି କେମିତି ଅଛନ୍ତି, ସେମାନଙ୍କୁ ଆଜିପର୍ଯ୍ୟନ୍ତ ରହିଆସିଥିବା ଗୀତାରେ ନାନା ତ୍ରୁଟି ଦେଖାଯାଉଛି, ତା'ର ପ୍ରକୃତ ସ୍ୱରୂପ କ'ଣ ଜାଣିବାକୁ ମଧ୍ୟ ସେମାନେ ଇଚ୍ଛୁକ ଅଛନ୍ତି, ସେମାନଙ୍କ ପାଇଁ ଏହି ଗୀତାକୁ ପ୍ରବେଶ କରାଇ, ଅନେକ ରହସ୍ୟର ଉନ୍ମୋଚନ କରି ଏଇ **"ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା"** ଲେଖୁଛୁ, ଏହା ନିଶ୍ଚୟ ଜନକଲ୍ୟାଣ କରିବ ବୋଲି ଭାବୁଛୁ ।

ମାନବ ଶରୀରରେ ରହି, ନାମିତ ହୋଇଥିବା ଗୁଣଗୁଡିକ ହେଉଛନ୍ତି କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ । କାମ କହିଲେ ଆଶା, କ୍ରୋଧ କହିଲେ ରାଗିଯିବା, ଲୋଭ କହିଲେ କୃପଣତା, ମୋହ କହିଲେ ମୋର ବା ଆମର ଭାବ, ମଦ କହିଲେ ଗର୍ବ, ମାତ୍ସର୍ଯ୍ୟ କହିଲେ ଘୃଣ୍ୟଭାବ । ଏହିସବୁ  ଗୁଣଗୁଡିକ  ଦ୍ୱାରା  ମାନବ ନାନା କାର୍ଯ୍ୟ କରିଥାଏ । ଖାଲି ମାନବ କାହିଁକି ଭୂପୃଷ୍ଠର ପ୍ରତ୍ୟେକ ଜୀବ ଗୁଣଗୁଡିକ ଦ୍ୱାରା କାର୍ଯ୍ୟ

କରିଥା'ନ୍ତି । ଏହି ପଦ୍ଧତି ଅନୁସାରେ ଅର୍ଜୁନ ଯୁଦ୍ଧ କରିବି ନାହିଁ ବୋଲି ଭାବିବାର ମୁଖ୍ୟ କାରଣ ହେଉଛି ତାଙ୍କଠାରେ ଥିବା ମୋହଗୁଣ । ପ୍ରଥମେ ଆଶା ଏବଂ କ୍ରୋଧଗୁଣ ଯୁଦ୍ଧ ପାଇଁ ପ୍ରେରଣା ଦେଇଥିବା ବେଳେ, ତା'ପରେ ମୋହଗୁଣ ଏମାନେସବୁ ମୋ'ଲୋକ ଏମାନଙ୍କୁ କିପରି ମାରିବି ବୋଲି ଭାବ ଜାଗ୍ରତ କରାଇଥିଲା । ଏହିଭଳି ଗୁଣଗୁଡିକ ଦ୍ୱାରା ମଣିଷର ନାନା ଅଶାନ୍ତି ଉପୁଜୁଛି । ଅର୍ଜୁନଙ୍କଠାରେ ଦେଖାଦେଇଥିବା ମୋହଗୁଣକୁ ତାଙ୍କର ବୁଦ୍ଧି ବିଚାର କରି ଏମାନଙ୍କୁ ମାରିଦେବା ଦ୍ୱାରା ପାପକର୍ମ ନିଶ୍ଚୟ ଉପୁଜିବ ବୋଲି ଦୃଢ ହେବାବେଳେ ତାହାକୁ କେନ୍ଦ୍ରକରି ଭଗବାନ ଶ୍ରୀକୃଷ୍ଣ ଗୀତା କହିଥିଲେ । ଅର୍ଜୁନଙ୍କଠାରେ ମୋହଗୁଣ ଆସିବା ଭଳି ଗୁଣଗୁଡିକ ମଧ୍ୟରେ ମାନବର ଅଶାନ୍ତି ଉପୁଜି ପାପଭାବ ଆସିବା ବେଳେ, ଶ୍ରୀକୃଷ୍ଣଙ୍କ ଭଳି ତୁରନ୍ତ ଜ୍ଞାନକହୁଥିବା ଗୁରୁ ନ ଥିବା କାରଣରୁ ମାନବ କୌଣସି ଜ୍ଞାନ ବିବରଣୀ ନ ଜାଣି ଅଶାନ୍ତିରେ ବୁଡିଯାଉଛି । ଅର୍ଜୁନଙ୍କ ଭଳି ପ୍ରତି ମାନବ ଗୁଣଗୁଡିକ ଦ୍ୱାରା କବଳିତ, ତା'କୁ ଗୋଟିଏ ଗୁଣ ଗୋଟିଏ ଦିଗକୁ ଟାଣିବାବେଳେ ଆଉଗୋଟିଏ ଗୁଣ ଆଉଏକ ଦିଗକୁ ଟାଣୁଛି । ଗୁଣଗୁଡିକ ମଧ୍ୟରେ ଛନ୍ଦିହୋଇ ଛଟପଟ ହେଉଥିବା ମାନବର ଅଶାନ୍ତି ଅଜସ୍ର । ତେଣୁ ଶ୍ରୀକୃଷ୍ଣ କହିଥିବା ଗୀତା ଖାଲି ଅର୍ଜୁନଙ୍କ ପାଇଁ ନୁହେଁ ଗୁଣଥିବା ପ୍ରତ୍ୟେକ ଜୀବରାଶିର ଆବଶ୍ୟକ । ଶ୍ରୀକୃଷ୍ଣ କେବଳ ଅର୍ଜୁନଙ୍କୁ ଗୀତା କହିଥିଲେ ବୋଲି ଭାବନ୍ତୁ ନାହିଁ । ଗୁଣ ପ୍ରଭାବରେ ପ୍ରଭାବିତ ହେଉଥିବା ସମସ୍ତେ ଗୀତା ମୋ'ପାଇଁ କୁହାଯାଇଛି ଭାବି ପଢିବା ଦରକାର । ଏବେ ଏହି ଗୀତା ଶ୍ରୀକୃଷ୍ଣ କେବଳ ଅର୍ଜୁନଙ୍କୁ କହିଛନ୍ତି ବୋଲି ନଭାବି, ଏହା ମୋତେ କୁହାଯାଇଛି ଭାବି ଆପଣମାନେ ଶ୍ରଦ୍ଧାର ସହିତ ପଢିବା ଉଚିତ୍ ।

ଭଗବଦ୍ଗୀତା ଶ୍ରୀ ଭଗବାନ ଉବାଚରୁ ଆରମ୍ଭ ହୋଇଛି । ଶ୍ରୀକୃଷ୍ଣ କହିଥିବା କଥାକୁ କାହିଁକି ଭଗବାନ ଉବାଚ କହିବା ? ଶ୍ରୀକୃଷ୍ଣ ଉବାଚ ବୋଲି କାହିଁକି ନ କହିବା ବୋଲି ସନ୍ଦେହ କେତେକଙ୍କଠାରେ ଆସି

ପାରେ । ତା'ର ସମାଧାନ ହେଉଛି ! ଶ୍ରୀକୃଷ୍ଣ ସମସ୍ତଙ୍କ ଭଳି ମଣିଷ ନୁହନ୍ତି । ସେ ସମସ୍ତଙ୍କ ଭଳି ଜନ୍ମ ହୋଇ ନାହାନ୍ତି । ସାରା ଦୃଶ୍ୟଦୁନିଆ ଯେଉଁ ବଳର ଆଧାରରେ ତିଷ୍ଠି ରହିଛି, ଆକାଶରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ରମାନେ ଯେଉଁ ବଳର ଆଧାରରେ ରହିଛନ୍ତି, ଯେଉଁ ଆଧାରରେ ନିଜ କକ୍ଷକୁ ନଭୂଲି ଶୁନ୍ୟରେ ଘୂରି ବୁଲୁଛନ୍ତି, ଅଣୁ ଅଣୁରେ ଯେଉଁ ଶକ୍ତି ଦୈବହୋଇ ସର୍ବ ବିଶ୍ୱର ଅଧିକାରୀ ଭାବରେ ରହିଛି, ଭୂପୃଷ୍ଠର ସମସ୍ତ ମତର ଯେଉଁ ଶକ୍ତି ଆରାଧଦୈବ ଭାବରେ ରହିଛି ସେହି ଏକୈକ ଶକ୍ତି ହିଁ ଜଣେ ମାନବ ଭାବରେ ଆସିଥିବା ଶ୍ରୀକୃଷ୍ଣ । ଶ୍ରୀକୃଷ୍ଣ ଭଗରୁ ଜନ୍ମିତ ତେଣୁ ସେ ଭଗବାନ । ଏତିକିବେଳେ ଆପଣ ପ୍ରଶ୍ନ କରିପାରନ୍ତି, ଆମେମାନେ ମଧ୍ୟ ମାତୃଭଗରୁ (ସ୍ତ୍ରୀ ଯୋନିରୁ) ଜନ୍ମ ହୋଇଛେ, ତା'ମାନେ କ'ଣ ଆମେ ସମସ୍ତେ ଭଗବାନ ? ଏହାର ସମାଧାନରେ ଏଠାରେ କାହାକୁ ଜଣା ନଥିବା ସତ୍ୟଟିଏ ରହିଛି । ତାହା ହେଉଛି ! **ଆମେମାନେ ଭଗରୁ ଜନ୍ମହୋଇ ନାହେଁ !** ଏ କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ବୋଧ ହେଉଥିବ, କିନ୍ତୁ ଏ କଥାରେ ଲୁଚି ରହିଥିବା ସତ୍ୟକୁ ଜାଣିବା ପରେ ଆଶ୍ଚର୍ଯ୍ୟ ହେବା ଆବଶ୍ୟକ ନାହିଁ । ଭଗ ଭିତରୁ କେବଳ ଆମର ଶରୀର ଜନ୍ମ ହୋଇଛି, କିନ୍ତୁ ଆମେ (ଜୀବାତ୍ମା) ଜନ୍ମହୋଇ ନାହେଁ । ଶିଶୁ ଶରୀର ମାତୃ ଭଗରୁ ବାହାରକୁ ଆସିବା ପରେ (ଜନ୍ମହେବା ପରେ) କିଛି ସମୟ ପରେ ଅର୍ଥାତ୍ ପାଞ୍ଚମିନିଟ୍ ପରେ, ଦଶମିନିଟ୍ ପରେ, ଅଧଘଣ୍ଟା ପରେ କିମ୍ବା ଘଣ୍ଟାଏ ପରେ କେଉଁଠି ଶରୀର ଛାଡିଥିବା ଆମେ ଶିଶୁ ଶରୀରରେ ପ୍ରବେଶ କରି କାନ୍ଦୁଛେ । ଗୋଟିଏ ସ୍ଥାନରେ ମୃତ୍ୟୁବରଣ କରିଥିବା ଜୀବ ଗୁଣଗୁଡିକ ସହିତ, ପାପପୁଣ୍ୟ ସହିତ ମିଶି ଏକ ନିର୍ଦ୍ଦିଷ୍ଟ କାଳ ପାଇଁ ନିର୍ଣ୍ଣୀତ ହୋଇ ବାହାରକୁ ଆସି ରହିଥିବା ନୂଆ ଶରୀରରେ ପ୍ରବେଶ କରୁଛି । ସର୍ବବ୍ୟାପୀ ପରମାତ୍ମା ଆମ ସମସ୍ତଙ୍କ ଭଳି ଗୋଟିଏ ସ୍ଥାନରେ ମୃତ୍ୟୁବରଣ କରି ଆଉ ଗୋଟିଏ ସ୍ଥାନକୁ ଯିବା ଆବଶ୍ୟକ ନାହିଁ । ସେ ଶରୀର ଧାରଣ କରି ଧର୍ମ ଜଣାଇବା ପାଇଁ ଇଚ୍ଛା କଲାବେଳେ ସ୍ତ୍ରୀ ଶରୀରରେ, ଗର୍ଭରେ, ଗର୍ଭସ୍ଥ

ଶିଶୁଠାରେ, ସବୁଠାରେ, ଅଣୁ ଅଣୁରେ ବ୍ୟାପୀ ରହିଥିବାରୁ ଶିଶୁ ଶରୀରରେ ରହି ସଜୀବ ଭାବରେ ଜନ୍ମହୋଇ ପାରନ୍ତି, ତେଣୁ ସେ ଏକା ଭଗବାନ । ଯିଏ ସର୍ବବ୍ୟାପୀ, ଯିଏ ସ୍ୱୟଂ ସର୍ବସ୍ୱ ସେ ଆଉ କାହାର ପ୍ରମେୟ ନଥାଇ ଜନ୍ମହୋଇ ପାରନ୍ତି, ସେ ହିଁ ସ୍ୱୟଂଭୂ । ସେହି "ସ୍ୱୟଂଭୂ", ସେହି ପରମାତ୍ମା ଜନ୍ମହେବା ସମୟ ଆସିବାବେଳେ ଯେଉଁ ଶିଶୁଶରୀର ତିଆରି ହେବାପାଇଁ ପୁରୁଷର ବୀର୍ଯ୍ୟକଣା ଆବଶ୍ୟକ, ତାହା ସେଠାରେ ଆବଶ୍ୟକ ନଥାଏ । ତେଣୁ ଯିଏ ସର୍ବବ୍ୟାପୀ ସେ କନ୍ୟା (ଅବିବାହିତା ବା ଯୁବତୀ)ଠାରୁ ମଧ୍ୟ ଜନ୍ମହୋଇ ପାରନ୍ତି । ଯିଏ ଖୁଦ୍ (ନିଜେ) ଜନ୍ମହୋଇ ପାରନ୍ତି ସେ ହିଁ ଖୁଦା, ସେହି ଖୁଦା ବା ପରମାତ୍ମା ସଜୀବ ଭାବେ ଜନ୍ମ ହୋଇଥିବା ଶରୀର ଦିନେ ଶ୍ରୀକୃଷ୍ଣ ନାମରେ ନାମିତ ହୋଇଥିଲା । ତେଣୁ ସେହି ଶ୍ରୀକୃଷ୍ଣ ହିଁ କେବଳ ଭଗବାନ, ସେ ହିଁ ଭଗବଦ୍ଗୀତା କହିଥିଲେ ।

ଧର୍ମ ଅଜଣା ରହିଯାଇ ମାନବଠାରେ ଅଧର୍ମ ଅଧିକ ହେବାବେଳେ ମୁଁ ଉଦ୍ଭବ ହୋଇ, ଧର୍ମ ଜଣାଇଥାଏ ବୋଲି ଗୀତାରେ ଭଗବାନ କହିଛନ୍ତି । ସେହି ବଚନ ଅନୁସାରେ ଦ୍ୱାପର ଯୁଗର ଶେଷ ଭାଗରେ ଭଗବାନ ଯଦି ଜନ୍ମ ହୋଇଥାଆନ୍ତି ତେବେ ସେହି ସମୟରେ ନିଶ୍ଚୟ ଧର୍ମର ଗ୍ଲାନିଘଟି ଅଧର୍ମ ମୁଣ୍ଡ ଟେକିଥିଲା । ଏଠାରେ ଆଉଏକ ସଂଦେହ ମଧ୍ୟ ଆସିପାରେ । ଦ୍ୱାପର ଯୁଗର ଅନ୍ତ ସମୟରେ ବ୍ୟାସ, ଭୀଷ୍ମ ଇତ୍ୟାଦି ମହାନ ପାତ୍ରମାନେ ଥିବା ସମୟରେ ଧର୍ମର ଗ୍ଲାନି କିପରି ହେଲା ? ଏହାର ସମାଧାନ ହେଉଛି ! ସେଦିନ ତପସ୍ୟା, ଯଜ୍ଞ ଯାଗ, ବ୍ରତ କ୍ରତୁ ଇତ୍ୟାଦି ଅଧିକ ଆଚରିତ ହେଉଥିଲା । ବାସ୍ତବିକ ଧର୍ମ ଅଜଣା ରହିଯାଇଥିବା କାରଣରୁ ପ୍ରଜାମାନଙ୍କଠାରେ ଭକ୍ତି ଥିଲେ ମଧ୍ୟ ତାହା ବାହ୍ୟ ଦେବତା ଆରାଧନା ଉପରେ ଥିଲା ସିନା, ଅନ୍ତର୍ମୁଖ ଆଧ୍ୟାତ୍ମିକ ଉପରେ ନଥିଲା । ଅନେକ ଋଷିମାନେ ଥିଲେ ମଧ୍ୟ ସେମାନେ ଦେବତାମାନଙ୍କ ଉପରେ ଦୃଷ୍ଟିଦେଇ ସେମାନଙ୍କଠାରୁ କିଛି ପାଇବା ଆଶାରଖି ତପସ୍ୟା କରୁଥିଲେ ସିନା, ଯୋଗ କ'ଣ ସେମାନଙ୍କୁ ଜଣାନଥିଲା । କେତେ ବଡ ଋଷି ହେଲେ

ମଧ୍ୟ ପୁଣ୍ୟଦାୟୀ ସତ୍‌କାର୍ଯ୍ୟ କରିବା ଛଡା ପୁଣ୍ୟବନ୍ଧନରେ ନ ପଡିବା କାର୍ଯ୍ୟବିଧି ସେମାନଙ୍କୁ ଜଣାନଥିଲା । ନୀତି ବ୍ୟତୀତ ଜ୍ଞାନ କ'ଣ ଜଣା ନଥିବା ସେ କାଳରେ, ନ୍ୟାୟ ବ୍ୟତୀତ ଧର୍ମ କ'ଣ ଜଣା ନଥିବା ସେ ସମୟରେ ଭଗବାନ ଉଦ୍ଭବ ହୋଇଥିଲେ । ସେହି ଭଗବାନ କହିଥିଲେ ଭଗବଦ୍ଗୀତା । ଗୀତା ଭଗବାନଙ୍କ ଦ୍ୱାରା ବୋଧ କରାଯାଇଥିଲା । ଭଗବାନ ଗୀତାକୁ ଶାଶ୍ୱତଭାବରେ ରହିବା ଭଳି ସୀମାଙ୍କନ କରିଥିଲେ ମଧ୍ୟ ସେହି ସୀମାର ଆଧ୍ୟାତ୍ମିକ ରୂପକୁ ଅଜ୍ଞାନାନ୍ଧ ମାନବ ଆଜିଯାଏଁ ଦେଖି ପାରିଲା ନାହିଁ, ଏହା ଧର୍ମ ବୋଲି ଚିହ୍ନିପାରିଲା ନାହିଁ । ଆଧ୍ୟାତ୍ମିକ ବୋଧକରିବା ପାଇଁ କେତେକ ମାନବଗୁରୁ ଆଗକୁ ଆସିଥିଲେ ମଧ୍ୟ ସେମାନଙ୍କଠାରେ ମାୟା ବସତି ସ୍ଥାପନ କରି, ସେମାନଙ୍କ ଦ୍ୱାରା ଅଧର୍ମ ବୋଧ କରାଇଥିଲା । ପରମାତ୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ମାୟା, ପରମାତ୍ମାଙ୍କ ବ୍ୟତିରେକ ଭାବବୋଧ କରାଇବା ତା'ର ଶୀରୋଧାର୍ଯ୍ୟ କାର୍ଯ୍ୟ ହୋଇଥାଏ । ସେଥିଲାଗି ମାନବ ଶରୀରର ଗୁଣଗୁଡିକରେ ମିଶିରହି କେହି ଚିହ୍ନି ନ ପାରିବା ଭଳି ମାୟା ମାନବକୁ ସହଜରେ ନିଜ ଦିଗରେ ଟାଣି ନେଇଥାଏ । ବଡ ବଡ ଗୁରୁମାନଙ୍କ ସମେତ ସମସ୍ତଙ୍କୁ ଭ୍ରମିତ କରି, ପରମାତ୍ମା ବିଧାନକୁ, ପରମାତ୍ମାଜ୍ଞାନକୁ ଚିହ୍ନି ନପାରିବା ଭଳି କରି, ସେ ଯାହା କରୁଛି ତାହା ଠିକ୍, ତାହା ହିଁ ପରମାତ୍ମାଜ୍ଞାନର ଆଚରଣ ବୋଲି ଭାବିବା ଭଳି କରୁଛି । ସେଥିଲାଗି ସମସ୍ତେ ଦୈବମାର୍ଗରେ ନଯାଇ ମାୟାମାର୍ଗରେ ଚାଲୁଛନ୍ତି ।

କିଛି ଜାଣିଥିବା ଲୋକମାନେ ମଧ୍ୟ ମୁଖ୍ୟଧର୍ମ ବାବଦରେ ଭୂଲ୍ ବୁଝିବା ଭଳି ମାୟା ସେମାନଙ୍କୁ ଭ୍ରମିତ କରିଛି । ପ୍ରଜାମାନଙ୍କୁ ଜ୍ଞାନ ବୋଧ କରାଉଥିବା ଗୁରୁମାନଙ୍କ ଦ୍ୱାରା ମାୟା ପରମାତ୍ମାଙ୍କ ବ୍ୟତିରେକ ଜ୍ଞାନବୋଧ କରାଉଛି । ଉଦାହରଣସ୍ୱରୂପ ଏକ ସିନେମା ଶତଦିନୋତ୍ସବ ସଭାରେ ଜଣେ ସ୍ୱାମିଜୀ ଭାଷଣ ଦେଉଦେଉ, "ଡିରେକ୍ଟର ମହାନ କାର୍ଯ୍ୟ କରିଛନ୍ତି ବୋଲି କହି, 'ଏହି ସିନେମା ଡିରେକ୍ଟର ଜଣେ ଉନ୍ନତ ଯୋଗୀ ହୋଇ, ଅନେକ ତପସ୍ୟା କରି ସିନେମାଟି ତିଆରି କରିଛନ୍ତି, ଏହି ସିନେମା

ପାଇଁ ତାଙ୍କ ତପସ୍ୟା ପ୍ରସଂଶନୀୟ” ବୋଲି କହିଲେ । ଏଠାରେ ସିନେମା ଡିରେକ୍ଟର କରିଥିବା ଶ୍ରମକୁ ତପସ୍ୟା ସହିତ ତୁଳନା କରି କହିବା ବ୍ୟତୀତ ସେ ଜଣେ ଯୋଗୀ ବୋଲି ମଧ୍ୟ କହିଛନ୍ତି । ତେଣୁ ତାଙ୍କ ଭାଷଣରେ ଯୋଗୀ ଆଉ ତପସ୍ୱୀ ଭିନ୍ନ ନୁହନ୍ତି ବୋଲି ଜଣାଯାଉଛି । ଏହା ଏକ ଘଟଣା ହୋଇଥିବା ବେଳେ ଆଉ ଗୋଟିଏ ଉଦାହରଣ ଦେଖନ୍ତୁ । ଜଣେ ସ୍ୱାମିଜୀଙ୍କୁ ଗୋଟିଏ ସହରର ପ୍ରଜାମାନେ ଆହ୍ୱାନ କରିଥିଲେ । ଏକଥା ସମସ୍ତଙ୍କୁ ଆଗୁଆ ଜଣାଇବାପାଇଁ, ସମସ୍ତେ ସ୍ୱାମିଜୀଙ୍କ ଦର୍ଶନଲାଭ କରିବା ପାଇଁ ଆସିବା ହୁଅନ୍ତୁ ବୋଲି ଏକ ଆହ୍ୱାନ ପତ୍ରିକା ଛପାଇ ବାଂଟିଥିଲେ । ଯେଉଁମାନେ ସେହି ଆହ୍ୱାନ ପତ୍ରିକାକୁ ଛପାଇଥିଲେ ସେମାନେ ସାଧାରଣ ଲୋକ ନଥିଲେ ସେମାନଙ୍କୁ କିଛି ଆଧ୍ୟାତ୍ମିକ ବାବଦରେ ଜଣାଥିଲା, ସେମାନେ କଣ ଲେଖିଥିଲେ ଥରେପଢନ୍ତୁ । “ଦ୍ୱାଦଶସମ୍ବତ୍ସର ରୁଦ୍ର ଭୂମିରେ ତପ ଆଚରଣ କରି ଯୋଗୀ ଭାବରେ ବଦଳିଥିବା ଶ୍ରୀଶ୍ରୀଶ୍ରୀ ବାଲଭାରତୀ ଯୋଗୀ ମହାରାଜ୍ ଆମ ସହରକୁ ଆସୁଛନ୍ତି । ସମସ୍ତ ଭକ୍ତ ବୃନ୍ଦଙ୍କୁ ସୂଚିତ କରାଯାଉଛି ଯେ, ସେମାନେ ଆସି ତାଙ୍କର ଦର୍ଶନଲାଭ କରନ୍ତୁ ।” ଏଠାରେ ମଧ୍ୟ ବାରବର୍ଷ ସ୍ମଶାନରେ ତପସ୍ୟା କରିଥିବା ତପସ୍ୱୀକୁ ଯୋଗୀ କହିଛନ୍ତି “ତପସ୍ୟା କରି ଯୋଗୀ ଭାବରେ ବଦଳିଥିବା” ନାମକ ବାକ୍ୟ ଲେଖିଛନ୍ତି । ଯେଉଁମାନେ ଏକଥା ଲେଖିଛନ୍ତି ସେମାନେ ବଡ ବଡ ତତ୍ତ୍ୱଜ୍ଞ ହୋଇଥିଲେ ହେଁ ତପସ୍ୟା ଆଉ ଯୋଗ ମଧ୍ୟରେ କି ପାର୍ଥକ୍ୟ ରହିଛି ସେମାନେ ଜାଣି ନାହାନ୍ତି । ଯିଏ ତପସ୍ୟା କରେ ତା’କୁ ଯୋଗୀ, ଯିଏ ଯୋଗ ଆଚରଣ କରୁଛି ତା’କୁ ତପସ୍ୱୀ କହିବା ଦ୍ୱାରା ପରମାତ୍ମା କହିଥିବା ଭଗବଦ୍ଗୀତାର ଧର୍ମରେ କଳଙ୍କ ଲାଗୁଛି । ଧର୍ମର ଗ୍ଳାନି ହେଉଛି ବୋଲି, ଧର୍ମକୁ ରକ୍ଷା କରିବାପାଇଁ ସେହି ପରମାତ୍ମା ନିଜେ ଓହ୍ଲାଇ ଆସି “ତପସ୍ୱଭ୍ୟୋଧିକୋ ଯୋଗୀ” ନାମକ ବାକ୍ୟ କହିଥିଲେ ମଧ୍ୟ, ଯୋଗର ମହାନତାକୁ ନ ଜାଣି, ତପସ୍ୱୀ ଆଉ ଯୋଗୀଙ୍କୁ ଏକ କହିବା କ’ଣ ଭୂଲ୍ ନୁହେଁ? ଏଭଳି କାର୍ଯ୍ୟ କଲେ ପରମାତ୍ମାଙ୍କ ବାଣୀର ମୂଲ୍ୟ ନ ରଖି, ତାଙ୍କ ଧର୍ମରେ ଆମେ ବିପଦ ସୃଷ୍ଟିକାରୀ ହେବା କି ନାହିଁ କୁହନ୍ତୁ !

ଏତେ ଛୋଟ ଜ୍ଞାନକୁ ମଧ୍ୟ ଗ୍ରହଣ କରିନପାରି, ଏତେ ବଡବଡ ସ୍ୱାମିଜୀମାନେ ମଧ୍ୟ ଭୂଲ୍ କରିବା ବଡ ବିଚିତ୍ର ବୋଧ ହେଉଛି । ଏବେ ମଧ୍ୟ ଶତକଡା ନବେଭାଗ ଲୋକ ତପସ୍ୟା ଆଉ ଯୋଗର ଭିନ୍ନତାକୁ ନଜାଣିବା ଆମ ପାଇଁ ଶୋଚନୀୟ ବିଷୟ । ଏଭଳି ଦ୍ୱନ୍ଦଭାଷା ଅର୍ଥାତ୍ ଯୋଗୀ ଆଉ ତପସ୍ୱୀ ଭିତରେ ଭିନ୍ନତାକୁ ନ ଦେଖି ଅନେକ କାହାଣୀ ପୁରାଣଗୁଡିକରେ ଲେଖାଯାଇଛି । ଜଣେ ମହର୍ଷି ଅରଣ୍ୟରେ ବସି ତପସ୍ୟା କରୁଥିବା ବେଳେ, ତାଙ୍କ ଯୋଗଦୀକ୍ଷାରେ ପ୍ରଶନ୍ନ ହୋଇ ଇନ୍ଦ୍ର ପ୍ରତ୍ୟକ୍ଷ ହୋଇଥିଲେ ବୋଲି ଗୋଟିଏ ବହିରେ ଲେଖାଯାଇଛି । ସେହିଭଳି ଜଣେ ରାଜା ଯୋଗ କରୁଥିବା ବେଳେ ତାଙ୍କ ତପସ୍ୟାରେ ପ୍ରଶନ୍ନ ହୋଇ ବ୍ରହ୍ମା ଦେଖାଦେଇଥିଲେ ବୋଲି ଆଉ ଗୋଟିଏ ବହିରେ ଲେଖାଯାଇଛି । ଏହିଭଳି ଲେଖାହେଉ, କେତେକଙ୍କ ବାଣୀହେଉ ଭଗବଦ୍ଗୀତାରେ ଆତ୍ମସଂଯମ ଯୋଗର ୪୬ତମ ଶ୍ଳୋକରେ ଲେଖାଯାଇଥିବା **'ତପସ୍ୱିଭ୍ୟୋଽଧିକୋ ଯୋଗୀ'** ନାମକ ଦୈବବାଣୀର ବିରୁଦ୍ଧ ହୋଇଥାଏ । ମାୟା ଦୈବବାଣୀକୁ ମଧ୍ୟ ଓଲଟାଇ ଦେଇପାରେ । ତେଣୁ ଶାସ୍ତ୍ରର ଆଧାରକୁ ନେଇ ଜ୍ଞାନମାର୍ଗରେ ଚାଲିବା ଉଚିତ୍ । ନଚେତ ବାଟଭୂଲା ବିପଦ ନିଶ୍ଚୟ ଆସିବ ।

ଆଜିର କାଳରେ ଅନେକ ନାମ କମାଇଥିବା ଗୁରୁମାନେ ଅଛନ୍ତି । ସେମାନଙ୍କ ପାଖରେ ସ୍ୱଚ୍ଛ ଜ୍ଞାନର ବିବରଣ ନ ରହି ଅଜ୍ଞାନତା ରହିଛି ବୋଲି କହିପାରିବା । ପୁରାଣ ଇତିହାସ, ଭାରତ, ଭାଗବତ, ରାମାୟଣ କହୁଥିବା ଗୁରୁମାନଙ୍କ ବ୍ୟତୀତ ଆତ୍ମ ବିବରଣ ଜାଣିଥିବା ଗୁରୁମାନଙ୍କୁ ଦେଖିଲେ ସେମାନଙ୍କୁ ମଧ୍ୟ ମାୟାମାତା ମୋହିତ କରି ରଖିଛି ବୋଲି ଜଣାଯାଉଛି । ଉଦାହରଣ ଭାବରେ ନେଲେ ଯେଉଁମାନେ ଅଦ୍ୱୈତ ସିଦ୍ଧାନ୍ତ ପ୍ରଚାର କରୁଛନ୍ତି, ଯେଉଁମାନେ ଦ୍ୱୈତ ସିଦ୍ଧାନ୍ତ ପ୍ରଚାର କରୁଛନ୍ତି ସେମାନେ ମହାନ ଗୁରୁ ବୋଲାଉଥିଲେ ମଧ୍ୟ, ବଡ ବଡ ପୀଠରେ ଅଧିଷ୍ଠିତ ହୋଇ ମଧ୍ୟ ଜଣେ ଜଣକର ସିଦ୍ଧାନ୍ତକୁ ସ୍ୱୀକାର ନକରି ଆମ ସିଦ୍ଧାନ୍ତ ବଡ, ତୁମ ସିଦ୍ଧାନ୍ତରେ ଦୈବତ୍ୱ ନାହିଁ କହି ଜଣେ ଜଣକ ସହିତ ଯୁକ୍ତି

କରୁଛନ୍ତି । ଏଠାରେ ବିଚାର କରି ଦେଖିଲେ ଯଦି କାହାର ସିଦ୍ଧାନ୍ତ ଠିକ୍ ହେବ, ତେବେ ଆଉ ଜଣକର ସିଦ୍ଧାନ୍ତ ନିଶ୍ଚୟ ଭୂଲ୍ ହେବ ! ତେଣୁ ସିଦ୍ଧାନ୍ତ ପ୍ରତିପାଦନ କରିଥିବା ବ୍ୟକ୍ତିମାନଙ୍କଠାରେ ମଧ୍ୟ ମାୟା ନିଜର କାର୍ଯ୍ୟ କରିଛି ବୋଲି କହିପାରିବା ।

ଯଦି ତାହା ସିଦ୍ଧାନ୍ତ ତେବେ ତାହା କେବେ ମଧ୍ୟ ବଦଳିବା ଉଚିତ ନୁହେଁ, କେବେ ଅସତ୍ୟ ହେବା ଉଚିତ ନୁହେଁ । ସିଦ୍ଧାନ୍ତର ବ୍ୟାଖ୍ୟାକୁ ଆଉଟିକିଏ ଅଧିକ କହିଲେ ସିଦ୍ଧି ଅର୍ଥାତ୍ ଯାହା ପ୍ରାପ୍ତ ହୋଇଛି, ସିଦ୍ଧ ହୋଇଛି ବା ଅନୁଭବ ହୋଇଛି । ଅନୁଭବକୁ ଆସୁଥିବା ବିଷୟଗୁଡିକୁ ଯାହା ଜଣାଇଥାଏ ତାହା ସିଦ୍ଧାନ୍ତ । ଶାସନରେ ପରିପୂର୍ଣ୍ଣ ଶାସ୍ତ୍ର । ଶାସନ ସିଦ୍ଧାନ୍ତ ଉଭୟ ଗୋଟିଏ । ଯିଏ ଶାସ୍ତ୍ରକୁ ଜଣାଏ ସେ ଶାସ୍ତ୍ରୀ, ଯିଏ ସିଦ୍ଧାନ୍ତକୁ ଜଣାଏ ସେ ସିଦ୍ଧାନ୍ତି ବୋଲି ପୂର୍ବରୁ କୁହାଯାଉଥିଲା । ଛୋଟଛୋଟ ଶାସନଭାବରେ ଯାହା ରହିଛି ତାହା ସିଦ୍ଧାନ୍ତ ହୋଇଥାଏ । ସେହି ଅନୁସାରେ ସବୁଠାରୁ ମହାନ ବିଦ୍ୟା ହୋଇଥିବା ଆଧ୍ୟାତ୍ମିକ ବିଦ୍ୟା ସିଦ୍ଧାନ୍ତ ରୂପରେ ରହିବା ଉଚିତ୍ । ଜଗଦ୍‌ଗୁରୁ ଭାବରେ ନାମ କମାଇଥିବା ଶଙ୍କରାଚାର୍ଯ୍ୟ ଅଦ୍ୱୈତ ସିଦ୍ଧାନ୍ତ ପ୍ରଚାର କରିଥିଲେ, ମଧ୍ୱାଚାର୍ଯ୍ୟ ଦ୍ୱୈତସିଦ୍ଧାନ୍ତ ପ୍ରଚାର କରିଥିଲେ । ଏହି ସିଦ୍ଧାନ୍ତଗୁଡିକ ଗୋଟିକଠାରୁ ଗୋଟିଏ ଭିନ୍ନ ଭାବରେ ରହିବା ଦ୍ୱାରା, ତାହାକୁ ସୂକ୍ଷ୍ମଦୃଷ୍ଟିରେ ନ ଦେଖିଲେ ଠିକ୍ ଆଉ ଭୂଲ୍‌କୁ ଜାଣିପାରିବା ନାହିଁ, ସତ୍ୟକୁ ଗ୍ରହଣ କରିପାରିବା ନାହିଁ । ସେଥିରେ ରହିଥିବା ଭିନ୍ନତା, ସେଥିରେ ଥିବା ସତ୍ୟତାକୁ ଜାଣିବାପାଇଁ ସବୁସତ୍ୟର ପ୍ରମାଣଭାବରେ ଭଗବାନ ଶ୍ରୀକୃଷ୍ଣ କହିଥିବା ଗୀତାଶାସ୍ତ୍ରକୁ ବା ସବୁଠାରୁ ବଡବିଦ୍ୟାଶାସ୍ତ୍ରକୁ ଦେଖିବାକୁ ହେବ ।

ବ୍ରହ୍ମବିଦ୍ୟାର ପ୍ରାମାଣିକ ଗ୍ରନ୍ଥ ଭଗବଦ୍ଗୀତା ଶତପ୍ରତିଶତ ଶାସ୍ତ୍ରବଦ୍ଧ ସିଦ୍ଧାନ୍ତର ସହିତ ରହିଛି । ପରମାତ୍ମା ସ୍ୱୟଂ କହିଥିବା ଭଗବଦ୍ଗୀତା ଅନୁସାରେ ଦେଖିବା ପରେ, ପରମାତ୍ମା ଜୀବାତ୍ମା ଦୁଇଟି ନୁହେଁ କେବଳ ପରମାତ୍ମା

ଅଛନ୍ତି ବୋଲି କହିଥାଏ ଅଦ୍ୱୈତ ସିଦ୍ଧାନ୍ତ । ଜୀବାତ୍ମା ପରମାତ୍ମା ଦୁଇଟିଯାକ ଅଛନ୍ତି କହିଥାଏ ଦ୍ୱୈତ ସିଦ୍ଧାନ୍ତ । ଏଠାରେ ଏହି ଦୁଇଟି ସିଦ୍ଧାନ୍ତ ଗୀତାକୁ ବକ୍ରମାର୍ଗରେ ନେଇଯାଇଛି ବୋଲି ଜଣାଯାଉଛି । ଅର୍ଥାତ୍ ଦୁଇଟିଯାକ ସଂପୂର୍ଣ୍ଣ ସିଦ୍ଧାନ୍ତ ନୁହେଁ ବୋଲି ସ୍ପଷ୍ଟ ଜଣାଯାଉଛି । କାରଣ ! ଗୀତାକୁ ପ୍ରମାଣ ଭାବରେ ରଖି ଦେଖିଲେ ମାନବମାତ୍ର ହୋଇଥିବା ଗୁରୁମାନେ କହିଥିବା ଏହି ସିଦ୍ଧାନ୍ତ ଦୁଇଟି ଆଜି ହେତୁବଦ୍ଧ ଭାବରେ ନାହିଁ । ଦ୍ୱୈତସିଦ୍ଧାନ୍ତକୁ ପରିଶୀଳନ କରି ଦେଖିଲେ ମାଟିରେ ଚେର ନ ଥାଇ ଗଛ ଅଛି କହିବା ଯେତିକି ସତ ତାହା ସେତିକି ସତ ବୋଧ ହେଉଛି । ସେହିଭଳି ଅଦ୍ୱୈତ ସିଦ୍ଧାନ୍ତକୁ ପରିଶୀଳନକରି  ଦେଖିଲେ, ମାଟି ଆଉ ଚେର ନଥାଇ ମଧ୍ୟ ଗଛଅଛି କହିବା ଯେତିକି ସତ୍ୟ ତାହା ସେତିକି ସତ୍ୟ ବୋଧ ହେଉଛି । ଅର୍ଥାତ୍ ଦୁଇଟିଯାକ ସିଦ୍ଧାନ୍ତ ଅଶାସ୍ତ୍ରୀୟ ବୋଧ ହେଉଛି । ସେଗୁଡିକରେ ହେତୁବଦ୍ଧତା ନଥିବା ସ୍ପଷ୍ଟ ଜଣାପଡୁଛି । ଏହି ଦୁଇ ସିଦ୍ଧାନ୍ତ ଅହେତୁକ ବୋଲି କହିବା ପାଇଁ ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗର ୧୬,୧୭ତମ ଶ୍ଳୋକ ଦୁଇଟି ଆଧାର ହୋଇ ରହିଛି । ଏହି ଦୁଇଟି ଶ୍ଳୋକ ସେହି ସିଦ୍ଧାନ୍ତ ଦୁଇଟିକୁ ଗୋଟିଏ ବାଣରେ ହତ କରିଦେଉଛି । ଏହି ଦୁଇଟି ଶ୍ଳୋକ ହିଁ ପ୍ରକୃତ ଆଧ୍ୟାତ୍ମିକ ସିଦ୍ଧାନ୍ତ ହୋଇଥିବା ତ୍ରୈତସିଦ୍ଧାନ୍ତ ବୋଧ କରାଉଛି । ଏହି ଦୁଇଟି ଶ୍ଳୋକ ବ୍ୟତୀତ ଗୀତାର  ସାରାଂଶ ତ୍ରୈତ ସିଦ୍ଧାନ୍ତ ଉପରେ ବୋଧ କରାଇଛି । କଳିଯୁଗରେ  ଦ୍ୱୈତ, ଅଦ୍ୱୈତ ସିଦ୍ଧାନ୍ତ ଦୁଇଟି ବାହାରକୁ ଆସିଥିବା ବେଳେ, ଦ୍ୱାପର ଯୁଗର ଶେଷ ସମୟରେ ତ୍ରୈତ ସିଦ୍ଧାନ୍ତ ଭଗବାନଙ୍କ ଦ୍ୱାରା ବୋଧ କରାଯାଇଥିଲା; ତଥାପି ମାୟା ପ୍ରଭାବ ଦ୍ୱାରା ତ୍ରୈତସିଦ୍ଧାନ୍ତ କାହାକୁ ମଧ୍ୟ ବୁଝାପଡି ନାହିଁ । ମାୟାପ୍ରଭାବ ଦ୍ୱାରା ଦ୍ୱୈତା ଦ୍ୱୈତ ବାହାରକୁ ଆସିଛି । ଆଜି ମଧ୍ୟ ଭୂପୃଷ୍ଠରେ ଦ୍ୱୈତ, ଅଦ୍ୱୈତ ସିଦ୍ଧାନ୍ତର ଗୁରୁ ମଧ୍ୱାଚାର୍ଯ୍ୟ, ଶଙ୍କରାଚାର୍ଯ୍ୟଙ୍କର ପୀଠ ରହିଛି, ହେଲେ ତ୍ରୈତର ନାମ ନାହିଁ କି ତାହା ବୋଧ କରିପାରୁଥିବା ଗୁରୁ ନାହାନ୍ତି; ତଥାପି କୌଣସିମତେ ଏହି ତ୍ରୈତ ସିଦ୍ଧାନ୍ତ ବାହାରକୁ ଆସିବା ଆମର ସୌଭାଗ୍ୟ  କହିହୁଏ ।

ତ୍ରୈତ (ତିନି) ଅନୁସାରେ ଭଗବଦ୍ଗୀତା, ଭଗବଦ୍ଗୀତା ଅନୁସାରେ ତ୍ରୈତ ରହିଛି । ଆମେ ଏଠାରେ ନୂଆକରି କହୁଥିବା ତ୍ରୈତ ସିଦ୍ଧାନ୍ତ ବାବଦରେ ଆଉ ଟିକିଏ ଜାଣିବା ଉଚିତ୍ ।

ପରମାତ୍ମାଙ୍କ ବ୍ୟତୀତ ଆଉକିଛି ଦ୍ୱିତୀୟ ନାହିଁ ବୋଲି କହିଥାଏ ଅଦ୍ୱୈତ ସିଦ୍ଧାନ୍ତ ଏବଂ ପରମାତ୍ମା ଜୀବାତ୍ମା ଦୁଇଟିଯାକ ଅଛନ୍ତି ବୋଲି କହିଥାଏ ଦ୍ୱୈତ ସିଦ୍ଧାନ୍ତ । ପରମାତ୍ମା ଜୀବାତ୍ମାଙ୍କର ମଧ୍ୟରେ ଆତ୍ମା ରହିଛି ବୋଲି କହି ତିନିଆତ୍ମାର ବିବରଣ ଜଣାଇଥାଏ ତ୍ରୈତ ସିଦ୍ଧାନ୍ତ । ଯେଉଁଭଳି ମାଟି ଆଉ ଗଛ ମଧ୍ୟରେ ବାହାରକୁ ଦେଖାନଯାଇ ଚେର ରହିଛି, ସେହିଭଳି ପରମାତ୍ମା ଆଉ ଜୀବାତ୍ମା ମଧ୍ୟରେ ଆତ୍ମା ରହିଛନ୍ତି । ମାଟି ଆଉ ଗଛ ମଧ୍ୟରେ ଚେର ଯେଉଁଭଳି ପ୍ରାମୂଖ୍ୟତା ବହନ କରିଥାଏ ସେହିଭଳି ପରମାତ୍ମା ଆଉ ଜୀବାତ୍ମା ମଧ୍ୟରେ ଥିବା ଆତ୍ମା ପ୍ରାମୂଖ୍ୟତା ବହନ କରିଥାଏ । ପରମାତ୍ମା ସର୍ବବ୍ୟାପୀ, ଅନନ୍ତ ହୋଇଥିବା ବେଳେ, ଆତ୍ମା ସାରା ଶରୀରରେ ବ୍ୟାପୀ ଶରୀରର ଗୋଟିଏସ୍ଥାନରେ ଥିବା ଜୀବାର ଜୀବନନିର୍ବାହ କରାଉଛନ୍ତି । ଚେର ନଥିଲେ ଯେମିତି ଗଛ ନଥାଏ ସେମିତି ଆତ୍ମା ନଥିଲେ ଜୀବାତ୍ମା ନଥାଏ । ଭୂପୃଷ୍ଠରେ ଗଛ ଯେଉଁଠି ଥାଉନା କାହିଁକି ତା'ପାଇଁ ଚେର ଆଧାର ହୋଇ ଗଛର ଜୀବନ ନିର୍ବାହ କରାଉଥିବା ଭଳି, ପରମାତ୍ମା ବ୍ୟାପୀରହିଥିବା ଜଗତରେ ଜୀବା ଯେଉଁଠି ଥିଲେ ମଧ୍ୟ ତାସହିତ ଆତ୍ମା ଅନୁସନ୍ଧିତ ହୋଇ ଜୀବଜୀବନର ଆଧାର ହୋଇ ରହିଛି । ଜଗତରେ ପରମାତ୍ମା, ଆତ୍ମା ଆଉ ଜୀବାତ୍ମା ନଥାଇ କୌଣସି ଆଧ୍ୟାତ୍ମିକ ନାହିଁ । ଏହି ବିଷୟ ବାବଦରେ ଜଣାଇ ଜୀବାତ୍ମାକୁ କ୍ଷର,ଆତ୍ମାକୁ ଅକ୍ଷର,ପରମାତ୍ମାଙ୍କୁ ପୁରୁଷୋତ୍ତମ ବୋଲି ଭଗବଦ୍ଗୀତାରେ ବୋଧ କରାଯାଇଛି । ଜୀବାତ୍ମା ଆତ୍ମା ଦୁଇଟିଯାକ କୂଟସ୍ଥଭାବରେ ଅର୍ଥାତ୍ ଅବିଚ୍ଛେଦ୍ୟ ଭାବରେ ରହିଛନ୍ତି, ସେମାନଙ୍କର ଅତୀତଭାବରେ ପରମାତ୍ମା ରହିଛନ୍ତି, ଜୀବାତ୍ମା ଆତ୍ମା ନାମକ ଦୁଇ ପୁରୁଷଙ୍କଠାରୁ ଅତୀତ ହୋଇ ରହିଥିବା ପରମାତ୍ମାଙ୍କୁ ପୁରୁଷୋତ୍ତମ

କୁହାଯାଇଛି । ଏହି ବିଷୟ ବ୍ରହ୍ମବିଦ୍ୟାଶାସ୍ତ୍ର ଭଗବଦ୍ଗୀତାରେ ପରମାତ୍ମା ବାଣୀରୂପରେ କହିବା ବ୍ୟତୀତ ପ୍ରତି ମାନବ ଏହି ବିଷୟକୁ ଜାଣିପାରିବା ଭଳି, ପ୍ରତି ମାନବର ହାତ ପାପୁଲିରେ ଜୀବାତ୍ମା, ଆତ୍ମା ଏବଂ ପରମାତ୍ମାଙ୍କର ସଙ୍କେତଭାବରେ ତିନିଗୋଟି ରେଖା ଆଙ୍କି ରଖିଛନ୍ତି । ପ୍ରତ୍ୟେକ ମାନବର ହାତ ପାପୁଲିରେ ମୁଖ୍ୟତଃ ଏହି ତିନିଗୋଟି ରେଖା ରହିଥାଏ । ସେଗୁଡିକ ଭିତରେ ତଳ ଦୁଇଟି ରେଖା ଗୋଟିକସହିତ ଗୋଟିଏ ମିଶି ରହିଛନ୍ତି ଏବଂ ଉପରେ ଥିବା ରେଖାଟି କାହା ସହିତ ମିଳିତ ନହୋଇ ସ୍ୱତନ୍ତ୍ରଭାବରେ ରହିଛି ବୋଲି ଆପଣମାନେ ଦେଖିପାରିବେ । ତଳ ରେଖା ଦୁଇଟି ଜୀବାତ୍ମା ଆତ୍ମାର ପ୍ରତୀକଭାବରେ ରହି ଉପର ରେଖାଟି ପରମାତ୍ମାଙ୍କର ପ୍ରତୀକଭାବରେ ରହିଛି । ଏହା ସମସ୍ତଙ୍କ ହାତରେ ଥିବାବେଳେ, ଗୁରୁ ବୋଲାଉଥିବା ଲୋକମାନେ ମଧ୍ୟ ଏହାକୁ ଏଯାଏଁ ଚିହ୍ନିପାରି ନାହାନ୍ତି । ଏହାକୁ ଦେଖି ମାୟା ପ୍ରଭାବ କେତେ ଅଛି ସହଜରେ ଜାଣିହେଉଛି । ସୃଷ୍ଟି ପ୍ରାରମ୍ଭରେ ମାନବର ହାତ ପାପୁଲିରେ ଏହି ତିନି ଆତ୍ମାର ରହସ୍ୟ ପରମାତ୍ମା ରଖିଥିଲେ ମଧ୍ୟ, ଦ୍ୱାପରଯୁଗରେ ଆସି ସେହି ବିଷୟ ଥରେ କହିଥିଲେ । ହାତରେ ଦେଇ, ତୁଣ୍ଡରେ କହିଲେ ମଧ୍ୟ ମାନବ ଗ୍ରହଣ କରିପାରୁ ନାହିଁ ବୋଲି ପୂର୍ବରୁ ଜ୍ଞାନ ଜଣାଥିବା ଜ୍ଞାନୀମାନେ ପୁରୁଷକୁ ସୂଚୀତ କରୁଥିବା ଲିଙ୍ଗାକୃତିକୁ ଦେବାଳୟରେ ପ୍ରତିଷ୍ଠିତ କରାଇ ଗୀତାରେ କହିଥିବା ଭଳି ଜୀବାତ୍ମା, ଆତ୍ମା, ପରମାତ୍ମା ଭାବରେ ପୁରୁଷ ତିନି ଭାଗରେ ବିଭାଜିତ ହୋଇ ରହିଛି ବୋଲି ଜାଣିପାରିବା ଭଳି, ତିନିଗୋଟି ବିଭୂତି-ରେଖା ଲିଙ୍ଗ ଦେହରେ ଅଙ୍କନ କରିଥିଲେ ଏବଂ ତିନି ଆତ୍ମାର ବିଷୟ ପ୍ରତି ଈଶ୍ୱର ଦେବାଳୟରେ ରହିବା ଭଳି କରିଥିଲେ, କିନ୍ତୁ କାଳକ୍ରମେ ଧର୍ମ କେବେଠାରୁ ଅଧର୍ମରେ ବଦଳି ଈଶ୍ୱର ଦେବାଳୟ ଆଜି ଗଳାରେ ସାପ ଥିବା ଶିବମନ୍ଦିର ହୋଇଯାଇଛି । ଈଶ୍ୱର କହିଲେ ଅଧିପତି, ଏହି ଅର୍ଥ ବଦଳି ଈଶ୍ୱର ହିଁ ଶଙ୍କର ନାମକ ଅନର୍ଥ ପହଞ୍ଚିଛି । ସୃଷ୍ଟ୍ୟାଦିରୁ କେବଳ ସ୍ୱଚ୍ଛ ଲିଙ୍ଗାକୃତି ରହିଥିବା ଈଶ୍ୱରାଳୟରେ ପରେ ଲିଙ୍ଗ ପାଖରେ ପାର୍ବତୀ,

ଆଗରେ ନନ୍ଦିକୁ ପ୍ରତିଷ୍ଠା କରିଛନ୍ତି । ଏହିଭଳି ଈଶ୍ୱରାଳୟ ଶେଷରେ ଶଙ୍କରାଳୟ ବା ଶିବମନ୍ଦିର ପାଲଟି ଶୈବମାନଙ୍କର ଦୈବପୀଠ ଭାବରେ ପରିଗଣିତ ହୋଇଯାଇଛି । ତିନି ବିଭୂତି ରେଖାର ଅର୍ଥ ଆତ୍ମାଙ୍କର ପ୍ରତୀକ ବୋଲି ଅର୍ଥ ବଦଳିଯାଇଥିଲେ ମଧ୍ୟ ପ୍ରକୃତ ସତ୍ୟ ସ୍ଥିରଭାବରେ ରହିବା ଭଳି ଆମର ପୂର୍ବ ଜ୍ଞାନୀମାନେ ଏକ ନିୟମ ରଖିଛନ୍ତି । ତାହା ହେଉଛି ‘ସବୁଦିନ ସକାଳୁ ନିଦରୁ ଉଠିବା ବେଳେ କାହା ମୁଖ ଦେଖିବା ଆଗରୁ ପ୍ରଥମେ ନିଜ ହାତର ପାପୁଲିକୁ ଦେଖିବା । ସକାଳୁ ଉଠିବା ପରେ ହାତର ପାପୁଲିକୁ ଦେଖିବା ଦ୍ୱାରା ସେହି ତିନିଗୋଟି ରେଖା ଦେଖାଯିବ, ଏକଥା ଆପଣମାନେ କେବେ ଟିକିଏ ଆଲୋଚନା କରିଛନ୍ତି! ତଥାପି ଏହି ଆଚରଣ ଆଜି କେଉଁଠି କେମିତି ଆଚରିତ ହେଉଥିଲେ ହେଁ ତାହା ଭାବହୀନ ହୋଇପଡିଛି । ହାତ ପାପୁଲିରେ ତିନିଆତ୍ମା ରହିଛନ୍ତି, ପାପୁଲିରେ ତ୍ରୈତସିଦ୍ଧାନ୍ତ ରହିଛି ଅର୍ଥରେ କୌଣସି ମତାବଲମ୍ବୀ ହେଉ ସେ ମୋରି ଅଧିନରେ ରହିଥାଏ ବୋଲି ପରମାତ୍ମା ମାନବ ହାତର ତିନି ରେଖାକୁ ସବୁ ମତାବଲମ୍ବୀକୁ ମା’ପେଟରୁ ଦେଇ ଛାଡିଛନ୍ତି ।

ହାତର ତିନି ରେଖା ହିଁ ଶରୀରର ତିନି ଆତ୍ମା, ଶରୀରର ତିନି ଆତ୍ମାହିଁ ତ୍ରୈତ (୩), ତ୍ରୈତକୁ ଚିହ୍ନାଇଥାଏ ‘ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା’। ତ୍ରୈତସିଦ୍ଧାନ୍ତ ମୁଖ୍ୟତଃ ତିନି ଆତ୍ମାର ବିବରଣୀ ଜଣାଇଥାଏ । ତ୍ରୈତ ହେଉ ବା ତିନିଆତ୍ମା କଥା ହେଉ ଶୁଣିବାକୁ ନିଶ୍ଚୟ ନୂଆ ଲାଗୁଥିବ । ସେଥିଲାଗି ପ୍ରଥମେ ଗୀତାପରିଚୟ ପଢିବା ଆବଶ୍ୟକତା ରହିଛି । କାରଣ! ଜଣେ ନୂଆଲୋକକୁ ଆମେ ସିଧା ନାମ ଧରି ଡାକି ପାରିବା ନାହିଁ କି ତା’ସହିତ ସଂପର୍କ ବଢାଇ ପାରିବା ନାହିଁ । ନୂଆ ଲୋକଟିକୁ ପ୍ରଥମେ ଚିହ୍ନାଇବା ପାଇଁ ଜଣେ ମଧ୍ୟମ ପାତ୍ର ଥିଲେ ତା’କୁ ଆମେ ଚିହ୍ନି, ତା’ସହିତ ସ୍ନେହଁସ୍ଥାପନ କରିପାରିବା । ମଧ୍ୟମପାତ୍ରର ଚତୁରତା ଅନୁସାରେ ନୂଆ ଲୋକର ସମସ୍ତ ବିଷୟ ଆମର ଅବଗାହନ ହୋଇପାରିବ । ତା’ପରେ ଆମେ ତା’ସହିତ

ସହଜରେ ମିଶିପାରିବା । ସେହିଭଳି 'ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା' ର ସାରାଂଶ ଜାଣିବାକୁ ହେଲେ, ତାହା ଅବଗାହନ କରିବାକୁ ହେଲେ, ପ୍ରଥମେ ଗୀତାପରିଚୟ ନାମକ ମଧ୍ୟମ ପାତ୍ର ନିହାତି ଆବଶ୍ୟକ । ଗୀତା ପରିଚୟ ପାଠକରିବା ପରେ, ତ୍ରୈତସିଦ୍ଧାନ୍ତ ନାମକ ନୂଆ ଗୀତାଗ୍ରନ୍ଥ ବୁଝିହେବ । ଏହି ଗୀତାପରିଚୟ ଆପଣମାନଙ୍କୁ ତ୍ରୈତ ସହିତ ପରିଚୟ କରାଇ, ତ୍ରୈତ କହିଲେ କ'ଣ ନିଶ୍ଚୟ ଜଣାଇ ଦେଇଥିବ । ଗୀତାପରିଚୟ ପାଠକରିବା ପରେ ଆମଦ୍ୱାରା ରଚିତ **"ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା"** ଆପଣମାନେ ପାଠକରି ପାରିବେ ବୋଲି ଆଶା କରୁଛୁ ।

*****

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋ 'ର ମାତା କିଏ ତୋତେ ଜଣାପଡିଗଲେ ତୋ'ର ପିତାଙ୍କୁ ଜାଣି ପାରିବୁ, ତୋ'ର ପିତା କିଏ ତୋତେ ଜଣାପଡିଗଲେ ତୋ'ର ଲକ୍ଷ୍ୟ କ'ଣ ଜାଣି ପାରିବୁ ।**

